ଓଡ଼ିଶା ସରକାର

# ଓଡ଼ିଶା ପାଣିପଞ୍ଚାୟତ ନିୟମାବଳୀ
# ୨୦୦୩

ଜଳସମ୍ପଦ ବିଭାଗ

# ଓଡ଼ିଶା ପାଣି ପଞ୍ଚାୟତ ନିୟମାବଳୀ, ୨୦୦୩

## ବିଷୟ ସୂଚୀର ସାରଣୀ

**ନିୟମାବଳୀ** **ପୃଷ୍ଠା**


| | | | |
|---|---|---|---|
| ୧। | ସଂକ୍ଷିପ୍ତ ନାମ | ... | ୧ |
| ୨। | ସଂଜ୍ଞା | ... | |
| ୩। | ପାଣି ପଞ୍ଚାୟତ କ୍ଷେତ୍ରର ନକ୍ସାଙ୍କନ | ... | |
| ୪। | କୃଷକ ସଂଗଠନର ଉଦ୍ଦେଶ୍ୟ | ... | |
| ୫। | କରନାଳ (ଡ଼ିଷ୍ଟ୍ରିବ୍ୟୁଟାରି) କ୍ଷେତ୍ରରେ ନକ୍ସାଙ୍କନ | ... | |
| ୬। | ପ୍ରକଳ୍ପ କ୍ଷେତ୍ରର ନକ୍ସାଙ୍କନ | ... | |
| ୭। | କୃଷକ ସଂଗଠନର ଅଧିକାର ଓ ଦାୟିତ୍ୱ | ... | |
| ୮। | ବ୍ୟବହାରକାରୀ ସଦସ୍ୟଙ୍କ ଅଧିକାର ଓ ଦାୟିତ୍ୱ | ... | |
| ୯। | ସାଧାରଣ ନିକାୟ୍ | ... | |
| ୧୦। | ସାଧାରଣ ନିକାୟ୍ ବୈଠକ | ... | |
| ୧୧। | ସାଧାରଣ *ନିକାୟ୍ ନିମ*ନ୍ତେ ନୋଟିସ୍ | ... | |
| ୧୨। | ସାଧାରଣ ନିକାୟ୍‌ର କୋରମ | ... | |
| ୧୩। | ବୈଠକର କାର୍ଯ୍ୟ ବିବରଣୀ | ... | |
| ୧୪। | ସାଧାରଣ ନିକାୟ୍‌ର କ୍ଷମତା | ... | |
| ୧୫। | କାର୍ଯ୍ୟନିର୍ବାହୀ କମିଟି | ... | |
| ୧୬। | କାର୍ଯ୍ୟନିର୍ବାହୀ କମିଟିଗୁଡ଼ିକର ଶୂନ୍ୟସ୍ଥାନ ପୂରଣ | ... | |
| ୧୭। | କାର୍ଯ୍ୟନିର୍ବାହୀ କମିଟିର କ୍ଷମତା ଓ କାର୍ଯ୍ୟାବଳୀ | ... | |
| ୧୮। | ସଭାପତିଙ୍କର କର୍ତ୍ତବ୍ୟ | ... | |
| ୧୯। | ସମ୍ପାଦକଙ୍କର କର୍ତ୍ତବ୍ୟ | ... | |
| ୨୦। | କୋଷାଧ୍ୟକ୍ଷଙ୍କର କର୍ତ୍ତବ୍ୟ | ... | |
| ୨୧। | ପ୍ରତ୍ୟାହାର *ନିମନ୍ତେ ପ୍ରକ୍ରିୟା* | ... | |
| ୨୨। | ସବ୍‌କମିଟିର ଗଠନ ଓ କାର୍ଯ୍ୟାବଳୀ | ... | |
| ୨୩। | କାର୍ଯ୍ୟ ହାତକୁ ନେବାଲାଗି ପ୍ରକ୍ରିୟା | ... | |
| ୨୪। | ଋଣ ଶୋଧନ ପାଣ୍ଠି | ... | |
| ୨୫। | ବଜେଟ | ... | |
| ୨୬। | କୃଷକ ସଂଗଠନର ସମାମାଜିକ ସମୀକ୍ଷା | ... | |
| ୨୭। | କାର୍ଯ୍ୟକ୍ରମ ଯୋଜନା ଓ ପାଣି ବଜେଟ ପ୍ରସ୍ତୁତି | ... | |
| ୨୮। | ପାଣି ବିନିୟମନ | ... | |
| ୨୯। | ହିସାବ / ଅର୍ଥ | ... | |

୩୦ । ଅନ୍ୟାନ୍ୟ ରେକର୍ଡର ରକ୍ଷଣାବେକ୍ଷଣ ...

୩୧ । ଫିସ୍ / ଜଳକର ବସାଣ ଓ ସଂଗ୍ରହ ...

୩୨ । ଆର୍ଥିକ ଅଡ଼ିଟ୍ ...

୩୩ । ଅପରାଧ ଓ ଶାସ୍ତି ...

୩୪ । ସକ୍ଷମ ପ୍ରାଧିକାରୀଙ୍କ କୃତ୍ୟ ...

୩୫ । ନରୀକ୍ଷଣ ...

୩୬ । ସାଧାରଣ ...

୩୭ । କୃଷକ ସଂଗଠନ ପାଇଁ ନିର୍ବାଚନ ପ୍ରକ୍ରିୟା ...

୩୮ । ନିର୍ବାଚନ ସକାଶେ ସାଧାରଣ ପ୍ରକ୍ରିୟା ...

୩୯ । ଚକ କମିଟିର ସଦସ୍ୟମାନଙ୍କ ନିର୍ବାଚନ ...

୪୦ । ପାଣି ପଞ୍ଚାୟତ ସଭାପତି, ସଂପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ ...

୪୧ । କରାନଳ କମିଟିର (ଡ଼ିଷ୍ଟ୍ରିବ୍ୟୁଟାରି କମିଟି) କାର୍ଯ୍ୟନିର୍ବାହୀ କମିଟି, ସଭାପତି, ସମ୍ପାଦକ ଓ କୋଷାଧ୍ୟଙ୍କ ନିର୍ବାଚନ ...

୪୨ । ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟି, ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ ...


ପରିଶିଷ୍ଟ – ୧

ଫାରମ କ – ୦

(ଟିପ୍ପଣୀ – ଓଡ଼ିଶା ଗେଜେଟ୍ ଅସାଦାରଣରେ ପ୍ରକାଶିତ ସଂଖ୍ୟା ୫୩୯, କଟକ, ବୁଧବାର, ଅପ୍ରେଲ ୨୩, ୨୦୦୩/ବୈଶାଖ ୩, ୧୯୨୫)

# ଓଡ଼ିଶା ପାଣି ପଞ୍ଚାୟତ ନିୟମାବଳୀ, ୨୦୦୩

ଓଡ଼ିଶା ପାଣି ପଞ୍ଚାୟତ ଅଧିନିୟମ, ୨୦୦୨ (୨୦୦୨ର ଓଡ଼ିଶା ଅଧିନିୟମ ୧୦)ର ଧାରା ୪୩ ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ରାଜ୍ୟ ସରକାର *ନିମ୍ନଲିଖିତ ନିୟମାବଳୀ ପ୍ରଣୟନ* କରୁଛନ୍ତି ।

**ସଂକ୍ଷିପ୍ତ ନାମ –**

୧ । (୧) ଏହି ନିୟମାବଳୀ, ଓଡ଼ିଶା ପାଣି ପଞ୍ଚାୟତ ନିୟମାବଳୀ, ୨୦୦୩ ନାମରେ ଅଭିହିତ ହେବ ।

(୨) ସେଗୁଡ଼ିକ ଓଡ଼ିଶା ଗେଜେଟର ଯେଉଁ ତାରିଖରେ ପ୍ରକାଶିତ ହେବ ସେହି ତାରିଖରୁ ତାହା ବଳବତ୍ତର ହେବ ।

**ସଂଜ୍ଞା**

୨ । (୧) ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ, ଏହି ନିୟମାବଳୀରେ, –

(କ) ଅଧିନିୟମ ଅର୍ଥ ଓଡ଼ିଶା ପାଣି ପଞ୍ଚାୟତ ଅଧିନିୟମ, ୨୦୦୨

(ଖ) ସଂଲଗ୍ନକ ଅର୍ଥ ଏହି ନିୟମାବଳୀରେ ସଂଲଗ୍ନ କରାଯାଇଥିବା ସଂଲଗ୍ନକ

(ଗ) କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅର୍ଥ କୌଣସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯାହାଙ୍କ ଅଧିକାରିତା ମଧ୍ୟର ଜଳସେଚନ ପ୍ରଣାଳୀ ଥିବ ଏବଂ ଏହି *ନିୟମ ଅନୁଯାୟୀ* କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କର ସମସ୍ତ ବା ଯେକୌଣସି କୃତ୍ୟ ସଂପାଦନ କରିବା ସକାଶେ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ଅଧିସୂଚିତ ଯେକୌଣସି ଅଧିକାରୀ ଏହାର ଅର୍ଥାନ୍ତର୍ଗତ;

(ଘ) ଫର୍ମ ଅର୍ଥ ଏହି ନିୟମାବଳୀ ସହିତ ସଂଲଗ୍ନ ହୋଇଥିବା ଫର୍ମ ଅବା ଫାରମ

(ଙ) ସଭାପତି ଅର୍ଥ କୃଷକ ସଂଗଠନର ସଭାପତି

(ଚ) ସଂପାଦକ ଅର୍ଥ କୃଷକ ସଂଗଠନ ସଂପାଦକ

(ଛ) ଅଧୀକ୍ଷଣ ଯନ୍ତ୍ରୀ ଅର୍ଥ କୌଣସି ଅଧୀକ୍ଷଣ ଯନ୍ତ୍ରୀ ଯାହାଙ୍କ ଅଧିକାରିତା ମଧ୍ୟର ଜଳସେଚନ ପ୍ରଣାଳୀ ଥିବା ଏବଂ ଅଧିନିୟମ ଅନୁଯାୟୀ ଅଧୀକ୍ଷଣ ଯନ୍ତ୍ରୀଙ୍କର ସମସ୍ତ ବା

ଯେକୌଣସି କୃତ୍ୟ ସଂପାଦନ କରିବା ସକାଶେ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ରୂପେ ଅଧିସୂଚିତ ଯେକୌଣସି ଅଧିକାରୀ ଏହାର ଅର୍ଥାନ୍ତର୍ଗତ; ଏବଂ

(ଜ) କୋଷାଧ୍ୟକ୍ଷ ଅର୍ଥ କୃଷକ ସଂଗଠନର କୋଷାଧ୍ୟକ୍ଷ

(୨) ଏହି ନିୟମାବଳୀରେ ବ୍ୟବହୃତ ଅଥଚ ସଂଜ୍ଞା କରାହୋଇ ନ ଥିବା ଅନ୍ୟ ସମସ୍ତ ଶବ୍ଦ ଓ ଅଭିବ୍ୟକ୍ତିର ଅର୍ଥ, ଅଧିନିୟମରେ ସେଗୁଡ଼ିକର ଯେଉଁ ଯେଉଁ ଅର୍ଥ ରହିଛି ଏଠାରେ ଯଥାକ୍ରମେ ସେହି ସେହି ଅର୍ଥ ହେବ।

## ପାଣି ପଞ୍ଚାୟତ କ୍ଷେତ୍ରର ନକ୍ସାଙ୍କନ

୩। (୧) କୌଣସି ବୃହତ୍ / ମଧ୍ୟମ/କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ, *ନିମ୍ନଲିଖିତ ସର୍ତ୍ତାବଳୀକୁ ପାଳ* କରି, ତଦୁପଲକ୍ଷେ ଏକ ଅଧିସୂଚନା ଜାରି କରି ପ୍ରତ୍ୟେକ ପାଣି ପଞ୍ଚାୟତ କ୍ଷେତ୍ରର ନକ୍ସାଙ୍କନ କରିବେ ।

(କ) କୌଣସି ବୃହତ୍ / ମଧ୍ୟମ ଜଳସେଚନ ପ୍ରକଳ୍ପ ନିମିତ୍ତ ପାଣି ପଞ୍ଚାୟତ କ୍ଷେତ୍ର ସାଧାରଣତଃ ୩୦୦ ରୁ ୬୦୦ ହେକ୍ଟର ମଧ୍ୟରେ ଏକ ଆୟାକଟ କ୍ଷେତ୍ର ମଧ୍ୟରେ ରହୁଥିବ।

(ଖ) କୌଣସି କ୍ଷୁଦ୍ର ଜଳସେଚନ ପ୍ରବାହୀ ପ୍ରକଳ୍ପ ସ୍ଥଳେ, ଭୂମିର ଅବସ୍ଥାକୁ ଦେଖି ପାଣି ପଞ୍ଚାୟତ କ୍ଷେତ୍ର ୩୦୦ ହେକ୍ଟରରୁ କମ୍ ହୋଇପାରେ ସିନା ମାତ୍ର ୪୦ ହେକ୍ଟରରୁ ବେଶୀ ହେଉଥିବା ଆବଶ୍ୟକ।

(ଗ) ପ୍ରତ୍ୟେକ ପାଣି ପଞ୍ଚାୟତ କ୍ଷେତ୍ରର ସ୍ପଷ୍ଟ ଜଳପ୍ରବାହୀ ସୀମା ଥାଇ କିଆରୀଗୁଡ଼ିକ ପରସ୍ପର ସଂଲଗ୍ନ ହୋଇଥିବ।

(ଘ) କୌଣସି ପାଣି ପଞ୍ଚାୟତ କ୍ଷେତ୍ର ଯେପରି ପାହାଡ଼ିଆ ଓ ବାଲିଆ ଅଞ୍ଚଳରେ ନହୁଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

(୨) ଉଠା ଜଳସେଚନ ଅଧୀନରେ ଥିବା ସମଗ୍ର ସେଚିତ କ୍ଷେତ୍ର, ଯେତେଦୂର ସମ୍ଭବ ଏକକ ପାଣି ପଞ୍ଚାୟତ କ୍ଷେତ୍ର ଗଠନ କରିପାରିବ ଯାହାକି ଓଡ଼ିଶା ଉଠା ଜଳସେଚନ ନିଗମର *ସଂପୃକ୍ତ*

*ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଉପରେ ଉଲ୍ଲିଖିତ ଉପନିୟମ (୧) ଅନୁସାରେ ଉପରୋକ୍ତ ସର୍ତ୍ତାବଳୀକୁ ପାଳନ କରି ତାହା ଏକକ ପାଣି ପଞ୍ଚାୟତ ଭାବରେ ଅଧିସୂଚିତ ହେବ ।*

**କୃଷକ ସଂଗଠନର ଉଦ୍ଦେଶ୍ୟ**

୪ । କୃଷକ ସଂଗଠନର ଉଦ୍ଦେଶ୍ୟମାନ ନିମ୍ନୋକ୍ତମତେ ହେବ

(i) ପ୍ରତ୍ୟେକ ସଦସ୍ୟଙ୍କର ଅଧିକାର ଓ କର୍ତ୍ତବ୍ୟ ପ୍ରତି ସମ୍ମାନ ଦେଇ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟକରିବା

(ii) ସେମାନଙ୍କର ସଂଗଠନଗୁଡ଼ିକୁ କାର୍ଯ୍ୟକ୍ଷମ, ସବଳ ଓ ସୁଦୃଢ଼ କରିବା

(iii) ସୁଦୂର ଅଞ୍ଚଳକୁ ଯେପରି ଜଳଯୋଗାଣ କରାଯାଇପାରିବ ସେଥିପ୍ରତି ବିଶେଷଭାବେ ଦୃଷ୍ଟିଦେବା

(iv) ଦେୟ ଅସୁଲ କରିବା ଓ ସେମାନଙ୍କର ସମ୍ବଳକୁ ସମୁଚିତ ଉପାୟରେ ପୁଞ୍ଜିଲଗାଣ କରିବା

(v) ଦରକାରୀ, ଉତ୍ପାଦନକ୍ଷମ ଓ ଲାଭଜନକ ହେଲାଭଳି ସେମାନଙ୍କର ଆସ୍ତିଗୁଡ଼ିକୁ ଉପଯୋଗ କରିବା

(vi) ସରକାରଙ୍କ ବିଭିନ୍ନ ବିଭାଗ ତାହାର ଏଜେନ୍ସିଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା

(vii) ଜଳ ସମ୍ପଦର ପରିଚାଳନା ଓ ଉନ୍ନୟନ *ନିମନ୍ତେ ବଣ୍ଟନ ପଦ୍ଧତିର ରକ୍ଷାଣବେକ୍ଷଣ କରିବା*

(viii) ସୁଚନା ପଠାଯିବା ସମ୍ବନ୍ଧରେ ସୁନିଶ୍ଚିନ୍ତ ହେବା

(ix) ଏକ ନିର୍ଭରଯୋଗ୍ୟ ତଥ୍ୟାବଳୀ ପ୍ରସ୍ତୁତ କରିବା ;

(x) ଫସଲକ୍ଷେତ୍ର ଭଳି ଅଧିକ ଜଳ ଆବଶ୍ୟକ ହେଉଥିବା ଅଞ୍ଚଳରେ ବିଭାଗୀୟ ଏଜେନ୍ସିଗୁଡ଼ିକର ମାର୍ଗଦର୍ଶନରେ ଉପାଦନକ୍ଷମ ମୃତ୍ତିକା ଓ ଜଳ ସଂରକ୍ଷଣ କୌଶଳ ଅବଲମ୍ବନ କରିବା

(xi) ଉତ୍ପାଦନକ୍ଷମ ଭୂମି ଉପଯୋଗ ପଦ୍ଧତିକୁ ଅନୁସରଣ କରିବା

(xii) ମୃତିକାକ୍ଷୟ ହେଉଥବା ଅଞ୍ଚଳରେ ବୃକ୍ଷରୋପଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା

(xiii) ସମନ୍ୱିତ ଜଳଛାୟା ପରିଚାଳନା ପଦ୍ଧତି ଓ ସମନ୍ୱିତ ସନ୍ତୁଳିତ ଉନ୍ନତ ପରିଚାଳନା ପଦ୍ଧତି ଗ୍ରହଣ କରିବା;

(xiv) ସେପରି କ୍ଷମତା *ନ୍ୟସ୍ତ ହୋଇଥିବା କୌଣସି ପ୍ରାଧିକାରୀଙ୍କ ଦ୍ୱାରା ଅନୁ*ମୋଦିତ ହୋଇ ନ ଥିଲେ ଜଳପ୍ରବାହୀ ସଂରଚନାଗୁଡ଼ିକ କୌଣସି ରୂପଭେଦନ ବିନା ଯେପରି ସଂରକ୍ଷିତ ଓ ସୁରକ୍ଷିତ ହୋଇ ରହିବ ସେ ବିଷୟରେ ସୁନିଶ୍ଚିନ୍ତ ହେବା।

(xv) ପରିବେଶ ସନ୍ତୁଳନକୁ ରକ୍ଷଣାବେକ୍ଷଣ କରିବା ସକାଶେ କାର୍ଯ୍ୟ କରିବା ଏବଂ ପରିବେଶ ପ୍ରଦୁଷଣ ବିଶେଷକରି ମୃତ୍ତିକା ଓ ଜଳ ପ୍ରଦୂଷଣକୁ ରୋକିବା

(xvi) ଆବଶ୍ୟକ ସ୍ଥଳେ ସାମର୍ଥ୍ୟ ତଥା *ନିପୁଣତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦେୟ ଅସୁ*ଲ ମାଧ୍ୟମରେ ଏକ ବଳିଷ୍ଠ ଅନୁଷ୍ଠାନ ଗଢ଼ିବା ସକାଶେ ପ୍ରୟାସ କରିବା ।

(xvii) ଜଳଯୋଗାଣ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଉତ୍ପାଦନ ବୃଦ୍ଧି କରିବା ସକାଶେ ପ୍ରତ୍ୟେକ ଋତୁରେ ଉନ୍ନତ ଫସଲ କାର୍ଯ୍ୟକ୍ରମମାନ ଉଦ୍ଭାବନ କରିବା ।

**କରନାଳ (ଡ଼ିଷ୍ଟ୍ରିବ୍ୟୁଟାରି) କ୍ଷେତ୍ରର *ନକ୍ସାଙ୍କନ***

୫। (୧) କୌଣସି ପ୍ରକଳ୍ପରେ ମୋଟ ଯେତେଗୋଟି କରନାଳ କ୍ଷେତ୍ର ଥିବ, ବୃହତ୍ ଜଳସେଚନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ, ସମଗ୍ର ସେଚିତ କ୍ଷେତ୍ରକୁ ସେତେଗୋଟି କରନାଳ କ୍ଷେତ୍ରର ନକ୍ସାଙ୍କନ କରିପାରିବେ।

(୨) କୌଣସି *ନିର୍ଦ୍ଦିଷ୍ଟ କରନାଳ ବ୍ୟବସ୍ଥା* ମାଧ୍ୟମରେ ଜଳସେଚିତ ହୋଇଥିବା ମୋଟ ଆୟକଟ କ୍ଷେତ୍ର ସଂପୃକ୍ତ ରୂପେ ଘୋଷିତ ହେବ ଏବଂ ତାହା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା ଯଥାରୀତି ଭାବରେ ଅଧିସୂଚିତ ହେବ ।

(୩) କୌଣସି ପ୍ରକଳ୍ପର ବିଭିନ୍ନ କରନାଳ ବ୍ୟବସ୍ଥା ପୃଥକ୍ ପୃଥକ୍ ଭାବରେ ରହିବ ଓ କୌଣସି କରନାଳ ବ୍ୟବସ୍ଥା ଅନ୍ୟ କୌଣସି କରନାଳ ଉପରେ ମାଡ଼ି କରି ରହିବ ନାହିଁ।

(୪) କୌଣସି *ନିର୍ଦ୍ଦିଷ୍ଟ କରନାଳ* କ୍ଷେତ୍ର ମଧ୍ୟରେ ଥିବା ସମସ୍ତ ପାଣି ପଞ୍ଚାୟତମାନ ଉକ୍ତ କରନାଳ କ୍ଷେତ୍ରର ଏକ ଅଂଶବିଶେଷ ହେବ।

## ପ୍ରକଳ୍ପ କ୍ଷେତ୍ରର ନକ୍ସାଙ୍କନ

୬। (୧) ରାଜ୍ୟସରକାର, କୌଣସି ବୃହତ୍ତ ଜଳସେଚନ ପ୍ରକଳ୍ପର ପ୍ରକଳ୍ପ କ୍ଷେତ୍ରକୁ ଘୋଷଣା କରି, ଅଧିସୂଚନା ଜାରି କରିପାରିବେ ଯହିଁରେ ଉକ୍ତ ପ୍ରକଳ୍ପରେ ଥିବା ସମସ୍ତ କରନାଳ ବ୍ୟବସ୍ଥା ଅନ୍ତର୍ଭୂକ୍ତ ହୋଇଥିବ ।

(୨) କୌଣସି କ୍ଷୁଦ୍ର ବା ମଧ୍ୟମ ଜଳସେଚନ ପ୍ରକଳ୍ପ ଦାୟିତ୍ୱରେ ଥିବା ମୁଖ୍ୟଯନ୍ତ୍ରୀ ସଂପୃକ୍ତ କ୍ଷୁଦ୍ର ବା ମଧ୍ୟମ ଜଳସେଚନ ପ୍ରକଳ୍ପର ସମଗ୍ର ସେଚିତ କ୍ଷେତ୍ରକୁ ଉକ୍ତ କ୍ଷୁଦ୍ର ବା ମଧ୍ୟମ ଜଳସେଚନ ପ୍ରକଳ୍ପର କ୍ଷେତ୍ର ଭାବରେ ଅଧିସୂଚିତ କରିପାରିବେ।

## କୃଷକ ସଂଗଠନର ଅଧିକାର ଓ ଦାୟିତ୍ୱ

୭। (୧) କୃଷକ ସଂଗଠନର ଅଧିକାରମାନ ନିମ୍ନୋକ୍ତମତେ ହେବ ।

(i) ଜଳର ଲଭ୍ୟତା, ମୁଖ୍ୟ କେନାଲ ବନ୍ଦ କରିବା / ଖୋଲିବା, ଜଳଯୋଗାଣର ଅବଧି ଓ ତାହାର ପରିମାଣ ଓ କେନାଲରେ ପାଣିର ଛାଡ଼ିବାର ସମାପ୍ତି ଇତ୍ୟାଦି ବିଷୟରେ ଠିକ ସମୟରେ ସୂଚନାମାନ ପାଇବା;

(ii) ଜଳବ୍ୟବହାରକାରୀମାନଙ୍କ ମଧ୍ୟରେ ରାଜିନାମା ଅନୁସାରେ ସମପରିମାଣରେ ଓ ଯୁକ୍ତିଯୁକ୍ତ ଭାବରେ ଜଳବଣ୍ଟନ ସକାଶେ ଜଳସେଚନ ପ୍ରକଳ୍ପରୁ ବହୁଳ ପରିମାଣରେ ଜଳ ଆଣିବା।

(iii) ଅନୁମୋଦିତ ସମୟ ସୂଚୀ ଅନୁସାରେ ଜଳ ପାଇବା।

(iv) ପାଣି ପଞ୍ଚାୟତ ସଦସ୍ୟ ହୋଇ ନ ଥିବା ଲୋକମାନଙ୍କ ମଧ୍ୟରେ ଜଳବଣ୍ଟନ କରିବା।

(v) ଜଳବଣ୍ଟନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ *ନିମଂତେ* ପୃଥକ ଫିସ୍ ଆଦାୟ କରିବା ।

(vi) ଜଳବଣ୍ଟନ ବ୍ୟବସ୍ଥାର ପରିଚାଳନାଗତ ବ୍ୟୟ ତଥା ଅନ୍ୟାନ୍ୟ ବ୍ୟୟ ବନ୍ଦ କରିବା ସକାଶେ ଅନ୍ୟାନ୍ୟ ଫିସ୍ ଓ ମରାମତି ବ୍ୟୟମାନ ଆଦାୟ କରିବା ।

(vii) କୃଷକ ସଂଗଠନଗୁଡ଼ିକରେ ଆୟ ବୃଦ୍ଧିକରିବା ସକାଶେ ଜଳପ୍ରବାହୀ ସଂରଚନାଗୁଡ଼ିକରେ ଜାଳେଣି ବା ଫଳଗଛ ବା ଘାସଗଛମାନ ରୋପଣ କରିବା ସକାଶେ କେନାଲବନ୍ଧ ଗୁଡ଼ିକୁ ବ୍ୟବହାର କରିବା।

(viii) କୃଷିର ଉନ୍ନତି ସକାଶେ *ନୂତନ* ଫସଲର ପ୍ରକାର ଏବଂ ସେଗୁଡ଼ିକ ଉତ୍ପାଦନ ଓ ବିକ୍ରୟ ଲାଗି ଅତ୍ୟାଧୁନିକ ଜ୍ଞାନ କୌଶଳ ଜାଣିବା ଏବଂ ସଦସ୍ୟମାନଙ୍କର ବ୍ୟବହାର ସକାଶେ ଉନ୍ନତମାନର ବିହନ, ସାର ଓ କୀଟନାଶକ ଔଷଧମାନ ଖରିଦ କରିବା ।

(ix) ଆଇନ୍ ଅନୁଯାୟୀ *ନିଷିଦ୍ଧ ଫସଲ* ଭିନ୍ନ ଅନ୍ୟ ଯେକୌଣସି ପ୍ରକାର ଫସଲ ଉତ୍ପାଦନ କରିବା ସକାଶେ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇବା ଏବଂ ପଡ଼ୋଶୀ ଜମି ପ୍ରତି କୌଣସି କ୍ଷତି ନ ଘଟାଇ ଜଳ ମାଡୁଥିବା ଜମିର ସୀମା ମଧ୍ୟରେ ଫସଲ ଉତ୍ପାଦନ କରିବା ।

(x) ମାଇକ୍ରୋ ପଦ୍ଧତିର ଯୋଜନା ଓ ନକ୍ସାଙ୍କନରେ ଅଂଶ ଗ୍ରହଣ କରିବା ।

(xi) ଜଳସେଚିତ କ୍ଷେତ୍ର ମଧ୍ୟରେ ପ୍ରତ୍ୟେକ କୃଷକଙ୍କୁ, କ୍ଷେତ୍ର କେନାଲ/କ୍ଷେତ୍ର ଡ୍ରେନ ମାଧ୍ୟମରେ ଜଳଯୋଗାଣ ପାଇଁ ଆବଶ୍ୟକ ପରିବର୍ତ୍ତନ ସକାଶେ ପ୍ରସ୍ତାବ ଦେବା ଏବଂ

(xii) ଭୂତଳ ଜଳର ସଦୁପଯୋଗ *ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ।*

୨ । କୃଷକ ସଂଗଠନର ଦାୟିତ୍ୱମାନ ନିମ୍ନୋକ୍ତମତେ ହେବ

(i) ଅଧିନିୟମର ଧାରା ୧୬ ଅନୁଯାୟୀ ବ୍ୟବସ୍ଥା ହୋଇଥିବାମତେ କୃଷକ ସଂଗଠନର ଲକ୍ଷ୍ୟ ଓ କାର୍ଯ୍ୟାବଳୀର ରୂପାୟନ ସକାଶେ ଫର୍ମ (କ) ରେ ଜଳସେଚନ ଅଧିକାରୀଙ୍କ ସହିତ ଏକ ରାଜିନାମରେ ସ୍ୱାକ୍ଷର କରିବା ;

(ii) ଜଳ ନିଷ୍କାସନର ସମୟ ସୂଚୀ ପ୍ରସ୍ତୁତ କରିବା ଓ ତାହାକୁ ସଂପୃକ୍ତ ଅଧିକାରୀମାନଙ୍କ ନିକଟକୁ ପଠାଇବା ।

(iii) ଫସଲ ଆବଶ୍ୟକତା ସହିତ ଜଳ ନିଷ୍କାସନ ବ୍ୟବସ୍ଥାକୁ ଖାପ ଖୁଆଇଲା ଭଳି ଫସଲ ଯୋଜନା ପ୍ରସ୍ତୁତ କରିବା ;

(iv) ଅନୁମୋଦିତ ସର୍ତ୍ତାବଳୀ ଅନୁସାରେ ଜଳସେଚିତ କ୍ଷେତ୍ରର ସମସ୍ତ ସଦସ୍ୟଙ୍କୁ ଜଳ ଯୋଗାଇଦେବା ।

(v) କରନାଳ ବ୍ୟବସ୍ଥା ସମେତ ଡ୍ରେନଗୁଡ଼ିକୁ ଯଥା ସମୟରେ ରକ୍ଷଣାବେକ୍ଷଣ କରିବା ଓ ସେଗୁଡ଼ିକୁ ମରାମତି କରିବା ;

(vi) ଜଳଯୋଗାଣ ବ୍ୟବସ୍ଥାକୁ କୃଷକମାନଙ୍କ ଦ୍ୱାରା ବିନା ମୂଲ୍ୟରେ ବା ଅର୍ଥ ପ୍ରଦାନ କରି ମରାମତି କରିବା;

(vii) ଜଳର ଅପବ୍ୟବହାର ଓ ଅପଚୟକୁ ରୋକିବା ;

(viii) ଜଳବ୍ୟୟ କରିବାରେ ସଂଯମତା ଅବଲମ୍ବନ କରିବା ଏବଂ ଜଳ ସଂପଦ ବିଭାଗ ଯଦି ଆବଶ୍ୟକ କରନ୍ତି, ତେବେ ଜଳଯୋଗାଣ ଜଳସେଚିତ କ୍ଷେତ୍ର, ଜଳସେଚନର କାର୍ଯ୍ୟକାରିତା ତଥା ଫସଲ ଉତ୍ପାଦନ ସମ୍ବନ୍ଧରେ ଆବଶ୍ୟକ ତଥ୍ୟ ଉକ୍ତ ବିଭାଗକୁ ଯୋଗାଇଦେବା ।

(ix) ଭୂ–ଧାରକମାନଙ୍କ ସମ୍ବନ୍ଧରେ ଏକ ରେଜିଷ୍ଟର ରଖିବା ;

(x) କାର୍ଯ୍ୟକ୍ଷେତ୍ର ମଧ୍ୟରେ ଜଳସେଚନ ବ୍ୟବସ୍ଥା ସମ୍ବନ୍ଧରେ ଏକ ତାଲିକା ପ୍ରସ୍ତୁତ କରିବା

(xi) କାର୍ଯ୍ୟକ୍ଷେତ୍ର ମଧ୍ୟରେ ସଂପୃକ୍ତ ସଦସ୍ୟ ଓ ଜଳ ବ୍ୟବହାରକାରୀମାନଙ୍କ ମଧ୍ୟରେ ଯଦି କୌଣସି ବିବାଦ ଉପୁଜେ ତେବେ ତାହାର ସମାଧାନ କରିବା ;

(xii) ସମ୍ବଳ ବୃଦ୍ଧି କରିବା ;

(xiii) ହିସାବପତ୍ର ରଖିବା

(xiv) ହିସାବପତ୍ରର ବାର୍ଷିକ ଅଡ଼ିଟ୍ କରାଇବା ;

(xv) କାର୍ଯ୍ୟନିର୍ବାହୀ କମିଟିର *ନିର୍ବାଚନ* ପରିଚାଳନା କାର୍ଯ୍ୟରେ ସହାୟତା ପ୍ରଦାନ କରିବା;

(xvi) *ନିୟମ ୩୦ ଅନୁ*ସାରେ ରେକର୍ଡପତ୍ର ରଖିବା ;

(xvii) *ନିୟମ ୧୦ ଅନୁ*ସାରେ ସାଧାରଣ *ନିକାୟ ବୈଠକ ଅନୁ*ଷ୍ଠିତ କରାଇବା

(xviii) *ନିୟମ ୨୬ ଅନୁ*ଯାୟୀ ସାମୟିକ ଅଡ଼ିଟ୍ କରାଇବା ;

(xix) ସେଚିତ କ୍ଷେତ୍ରରେ କୃଷକମାନଙ୍କ ଦ୍ୱାରା ବିନିଯୋଗ କରାଯାଉଥିବା ଜଳଯୋଗାଣ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ଏବଂ ଉତ୍ପାଦିତ ହେଉଥିବା ଫସଲ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା;

(xx) ଅଧିନିୟମର ବ୍ୟବସ୍ଥା ଅନୁସାରେ ଜଳର ଅପବ୍ୟବହାର ଓ ଅପଚୟ ଏବଂ ଜଳସେଚନ ନେଟ୍ୱର୍କକୁ ହେରଫେର ବା ନଷ୍ଟ *କରିବା ସକାଶେ ଶାସ୍ତି ବିଧାନ* କରିବା ବା ଜୋରିମାନା ଅସୁଲ କରିବା ।

(xxi) ଜମିରେ ଅତ୍ୟାଧୁନିକ ପଦ୍ଧତିରେ ଜଳସେଚନ କରିବା ଲାଗି ଜମିକୁ ପ୍ରସ୍ତୁତ କରବା ସକାଶେ କୃଷକମାନଙ୍କୁ ତାଲିମ ଦେବା ।

(xxii) *ନୂତନ* କିସମର ଫସଲ ଉତ୍ପାଦନ କରିବା ଓ କୀଟନାଶକ ଔଷଧ ବ୍ୟବହାର କରିବା ସକାଶେ କୃଷକମାନଙ୍କୁ ତାଲିମ ଦେବା ।

(xxiii) ଯେଉଁଠାରେ ଆବଶ୍ୟକ ଓ ସମ୍ଭବ, ସେଠାରେ କୃଷିକାର୍ଯ୍ୟ *ନିମଂତେ କୃଷିଉପକରଣମାନ ଭଡ଼ାରେ ଆଣିବା;*

(xxiv) ଅଧିକ ଫସଲ ଉତ୍ପାଦନ *ନିମଂତେ ମିଳୁଥିବା ଜଳକୁ ବ୍ୟବହାର କରିବା ଲାଗି ମିତବ୍ୟୟିତା ଅବଲମ୍ବନ* କରିବା ସକାଶେ ଜଳଯୋଗାଣ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ କରିବା;

(xxv) ଜଳକର ଅସୁଲ *ନିମଂତେ ସହାୟକ ପ୍ରଦାନ କରିବା* ;

(xxvi) ପରିଶିଷ୍ଟ–୧ ରେ ଜଳ ସଂପଦ ବିଭାଗର ସଂକଳ୍ପ ସଂ ୪୮୦୪୯, ତା ୦୪.୧୨.୧୯୯୯ ଅନୁସାରେ ୟୁରୋପିଆନ୍ ସମ୍ପ୍ରଦାୟ ସହାୟତା ପ୍ରାପ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଜଳ ବ୍ୟବହାର କରୁଥିବା ଲୋକଙ୍କଠାରୁ ଜଳକର ଅସୁଲ କରିବା; ଏବଂ

(xxvii) ବିଦ୍ୟୁତ୍ ଶକ୍ତି ଦେୟ ପ୍ରଦାନ କରିବା ଏବଂ ଉଠା ଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ କରିବା ଏବଂ ଫର୍ମ ଖ ରେ ହୋଇଥିବା ରାଜିନାମା ଅନୁସାରେ ଜଳବଣ୍ଟନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଲାଗି ଅର୍ଥ ବିନିଯୋଗ କରିବା ।

## ବ୍ୟବହାରକାରୀ ସଦସ୍ୟଙ୍କ ଅଧିକାର ଓ ଦାୟିତ୍ୱ

୮ । (୧) ବ୍ୟବହାରକାରୀ ସଦସ୍ୟମାନଙ୍କର ଅଧିକାର ନିମ୍ନୋକ୍ତମତେ ହେବ –

(i) ଜଳଯୋଗାଣ ବ୍ୟବସ୍ଥାର ଉନ୍ନତି / ପରିବର୍ତ୍ତନ ସମ୍ବନ୍ଧରେ ପ୍ରସ୍ତାବ ଦେବା ;

(ii) ଜଳର ଉପଲବ୍ଧତା, ବଣ୍ଟନ, କେନାଲ ଓ ଆଉଟଲେଟ୍‌ଗୁଡ଼ିକ ଖୋଲିବା / ବନ୍ଦ କରିବା ଏବଂ ଜଳଯୋଗାଣର ଅବଧି ସମ୍ପର୍କିତ ସୂଚନା ହାସଲ କରିବା ;

(iii) ଜଳ ବ୍ୟବହାର *ନିମଂତେ ଧାର୍ଯ୍ୟ କୋଟା ଅ*ନୁସାରେ ଜଳ ପାଇବା ;

(iv) ଆଇନ୍ ଅନୁଯାୟୀ *ନିଷିଦ୍ଧ ଫସଲ ଭିନ୍ନ* ଅନ୍ୟ ଯେକୌଣସି ପ୍ରକାର ଫସଲ ଉତ୍ପାଦନ କରିବା ସକାଶେ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇବା ଏବଂ ସେଚିତ କ୍ଷେତ୍ରର ମୋଟାମୋଟି ଫସଲ ଯୋଜନା ଅନୁସାରେ ତଥା ଆବଣ୍ଟିତ ଜଳକୁ ଦୃଷ୍ଟିରେ ରଖି ଫସଲ ଉତ୍ପାନଦ କରିବା ;

(v) ସାଧାରଣ ନିକାୟ ବୈଠକରେ ଓ ବାର୍ଷିକ ରିପୋର୍ଟ ଗ୍ରହଣ କରିବା ; ଏବଂ

(vi) ସଂଗଠନର କାର୍ଯ୍ୟକଳାପରୁ ସମପରିମାଣର ଫାଇଦା ପାଇବା ।

(୨) ବ୍ୟବହାରକାରୀ ସଦସ୍ୟମାନଙ୍କର ଦାୟିତ୍ୱମାନ ନିମ୍ନୋକ୍ତମତେ ହେବ –

(i) ମାଇକ୍ରୋ ଲେଭଲ୍ ପଦ୍ଧତି, ଅର୍ଥାତ କ୍ଷେତ୍ର ଚାନେଲ ସଂରଚନା ଓ କ୍ଷେତ୍ର ଡ୍ରେନ୍‌ଗୁଡ଼ିକର ରକ୍ଷଣାବେକ୍ଷଣ କରିବା ;

(ii) ପ୍ରତ୍ୟେକ ଋତୁ ସକାଶେ କୃଷକ ସଂଗଠନ ଦ୍ୱାରା ପ୍ରଣୀତ ଜଳଯୋଗାଣ *ନିୟମାବଳୀ ସମ୍ବନ୍ଧରେ* ସଚେତନ କରିବା

(iii) ଜଳଯୋଗାଣର ସମୟ ସୂଚୀପ୍ରତି ସମ୍ୟକ୍ ଦୃଷ୍ଟିଦେବା ;

(iv) ଗୌଣ ବା କ୍ଷେତ୍ର ଚାନେଲରେ ଥିବା ସଂରଚନାଗୁଡ଼ିକୁ କ୍ଷତି ଘଟାଇ ବା ଅଦଳବଦଳ କରି ଜଳଯୋଗାଣ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ ନ କରିବା ;

(v) ଆବଣ୍ଟିତ ହୋଇଥିବା ପାଳି ବା ସମୟ ପୂରିଯିବା ପରେ ଜଳଯୋଗଣ ପଥକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରିବା ;

(vi) ଜଳ ସଂରକ୍ଷଣ କରି ଜଳସେଚନ ପଦ୍ଧତିକୁ ଉଚିତ୍‌ରୂପେ ବିନିଯୋଗ କରିବା

(vii) ପାଳି ବା ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଜଳ ଆବଶ୍ୟକ ହେଉନଥାଏ, ତେବେ ଅନ୍ୟ କୃଷକର ଜମିକୁ କ୍ଷତି ନ ଘଟାଇବା ପାଇଁ ଉକ୍ତ ଜଳର ଗତିପଥ ବଦଳାଇଦେବା ;

(viii) ସମୁଚିତ ଜଳସେଚନ ପଦ୍ଧତି ଅନୁସରଣ କରିବା ;

(ix) ଜମି ଓ ପାଣିକୁ ଯେପରି ସଠିକ ଭାବରେ ବିନିଯୋଗ କରାଯାଇ ପାରିବ ସେଥି ସକାଶେ ଜମିକୁ ଠିକଭାବେ ସମତୁଲ କରିବା; ଏବଂ ଖାଲୁଆ ଜାଗାରେ ଯେପରି ପାଣି ଜମି ନରହେ ସେଥିପ୍ରତି ଦୃଷ୍ଟିଦେବା ।

(x) *ନିୟମିତ ଭାବରେ ଏବଂ ଯଥା ସମୟରେ ଜଳସେଚନ* ଫିସ୍ ଜଳକର ଓ ମରାମତି ବାବଦ ଦେୟ ଦାଖଲ କରିବା ।

(xi) ଜଳର ଅପବ୍ୟବହାର / ଅପଚୟ ଧାର୍ଯ୍ୟ ସମୟସୀମାରୁ ଜଳର ବ୍ୟବହାର ଇତ୍ୟାଦିକୁ ରୋକିବା;

(xii) ମନୁଷ୍ୟ ଓ ପଶୁପକ୍ଷୀଙ୍କ ଦ୍ୱାରା କ୍ଷେତ୍ର ଚାନେଲ୍ / କ୍ଷେତ୍ର ଡ୍ରେନ ଇତ୍ୟାଦିକୁ ବିପର୍ଯ୍ୟସ୍ତ ନ କରିବା;

(xiii) ପାଣି ପଞ୍ଚାୟତ ଦ୍ୱାରା ସ୍ଥିରୀକୃତ ହୋଇଥିବା କ୍ଷେତ୍ର ଚାନେଲ୍ / କ୍ଷେତ୍ର ଡ୍ରେନ୍‌ଗୁଡ଼ିକୁ ରକ୍ଷଣାବେକ୍ଷଣ କରିବା ଏବଂ ଆବଶ୍ୟକ ସ୍ଥଳେ ଉକ୍ତ ରକ୍ଷଣାବେକ୍ଷଣ *ନିମଂତେ ହେଉଥିବା ବ୍ୟୟ / ଶ୍ରମ ବହନ* କରିବା ;

(xiv) ଜଳସେଚିତ କ୍ଷେତ୍ର, ଜଳସେଚିତ କ୍ଷେତ୍ରର ମାନ, କୂଅ / ଟ୍ୟୁଉବଲେ / ବୋରିଂ ଇତ୍ୟାଦିରେ ଜଳସ୍ତର ଅନୁଧ୍ୟାନ କରିବା, ଉତ୍ପାଦନ କ୍ଷମତା *ନିର୍ଦ୍ଧାରଣ କରିବା ସକାଶେ ଫସଲକଟା ପରୀକ୍ଷଣମାନ* ଅନୁଧ୍ୟାନ କରିବା ସକାଶେ ବ୍ୟବହାରକାରୀମାନଙ୍କୁ ଅନୁମତିଦେବା ;

(xv) କୃଷକ ସଂଗଠନର ନିଷ୍ପତ୍ତିମାନ ମାନି ଚଳିବା; ଏବଂ

(xvi) ବ୍ୟବସ୍ଥାରେ ଥିବା ମୌଳିକ ଅଧିକାର ଓ ଅନ୍ୟାନ୍ୟ ପ୍ରଚଳିତ ଲୋକାଚାର ପ୍ରଥାଗୁଡ଼ିକୁ ମାନ୍ୟତା ଦେବା ।

## ସାଧାରଣ ନିକାୟ

୯ । (୧) କୃଷକ ସଂଗଠନର ସାଧାରଣ *ନିକାୟ ନିମ୍ନୋକ୍ତ ସଦସ୍ୟ*ମାନଙ୍କୁ ନେଇ ଗଠିତ ହେବ, ସେଗୁଡ଼ିକ ହେଲା

(କ) ଅଧିନିୟମ ଧାରା ୩ର ଉପଧାରା (୪) ଅନୁଯାୟୀ ବିନିର୍ଦ୍ଦିଷ୍ଟ ହୋଇଥିବାମତେ ଏକ ପାଣି ପଞ୍ଚାୟତର ସଦସ୍ୟ ;

(ଖ) ଅଧିନିୟମର ଧାରା ୫ ଉପଧାରା (୩) ଅନୁଯାୟୀ ବିନିର୍ଦ୍ଦିଷ୍ଟ ହୋଇଥବାମତେ ଏକ କରନାଳ କମିଟିର ସଦସ୍ୟ; ଏବଂ

(ଗ) ଅଧିନିୟମର ଧାରା ୭ ର ଉପଧାରା (୩) ଅନୁଯାୟୀ ବିନିର୍ଦ୍ଧିଷ୍ଟ ହୋଇଥିବାମତେ ଏକ ପ୍ରକଳ୍ପ କମିଟିର ସଦସ୍ୟଗଣ ।

(୨) ଅଧିନିୟମର ଧାରା ୨୧ ଅନୁଯାୟୀ ଅଧିସୂଚିତ ହୋଇଥିବାମତେ ସାଧାରଣ ନିକାୟ ଏକ ସକ୍ଷମ ପ୍ରାଧିକାରୀ ଦ୍ୱାରା ସହାୟତାପ୍ରାପ୍ତ ହେବ । ଉକ୍ତ ସକ୍ଷମ ପ୍ରାଧିକାରୀଙ୍କର ବୈଠକରେ ଯୋଗଦେବା ତଥା ତାଙ୍କ ମତାମତ ଲିପିବଦ୍ଧ ହେବା କ୍ଷମତା ରହିବ; ମାତ୍ର ତାଙ୍କର ଭୋଟ୍ ଦେବାର ଅଧିକାର ରହିବ ନାହିଁ ।

**ସାଧାରଣ ନିକାୟ ବୈଠକ ।**

୧୦ । (୧) ସାଧାରଣ *ନିକାୟର ବୈଠକ ବର୍ଷକୁ ଅନ୍ତତଃ* ଦୁଇଥର ଅର୍ଥାତ୍ ଖରିଫ ଋତୁ ପୂର୍ବରୁ ଥରେ ଓ ରବି ଋତୁ ପୂର୍ବରୁ ଥରେ ଅନୁଷ୍ଠିତ ହେବ । ଉକ୍ତ ବୈଠକରେ ସଭାପତି ଅଧ୍ୟକ୍ଷତା କରିବେ। ମାତ୍ର ଯଦି ସଭାପତି ଅନୁପସ୍ଥିତ ଥାଆନ୍ତି, ତେବେ କାର୍ଯ୍ୟ ନିର୍ବାହୀ କମିଟିର ଜଣେ ସଦସ୍ୟ ଯେ କି ତଦୁପଲକ୍ଷେ ନିର୍ବାଚିତ ହୋଇଥିବେ, ସେ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିବେ।

(୨) ସଭାପତିଙ୍କ ଦ୍ୱାରା ବା କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟଙ୍କ ଦ୍ୱାରା ବା ଭୋଟଦେବା ଅଧୀକାର ଥିବା ଏକ ତୃତୀୟାଂଶରୁ କମ ହେଉନଥିବା ସଦସ୍ୟମାନଙ୍କର ସ୍ୱାକ୍ଷର ଥାଇ ଯଦି ବରାଦ ଆସ, ତେବେ କୃଷକ ସଂଗଠନର ସଦସ୍ୟଙ୍କ ଦ୍ୱାରା ଯେକୌଣସି ସମୟରେ ମଧ୍ୟ ସାଧାରଣ ନିକାୟ ବୈଠକ ଡ଼କାଯାଇ ପାରିବ।

(୩) ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦେଶ ମିଳିଲେ ବା ଯଦି ଜରୁରୀ ଆବଶ୍ୟକତା ପଡ଼େ, ତେବେ କୃଷକ ସଂଗଠନ ପାହ୍ୟାରୁ ଉଚ୍ଚତର କୌଣସି ସଂଗଠନରୁ *ନିର୍ଦ୍ଦେଶ ମିଳିଲେ ମଧ୍ୟ ସାଧାରଣ ନିକାୟର ବୈଠକ* ଅନୁଷ୍ଠିତ ହେବ।

**ସାଧାରଣ *ନିକାୟ ନିମଂତେ ନୋଟିସ୍***

୧୧ । (୧) *ନିୟମ ୧୦ ର ଉପନିୟମ* (୨) ବା (୩) ଅନୁଯାୟୀ ନୋଟିସ୍ ପାଇଲା ପରେ କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ଉକ୍ତ ନୋଟିସ୍ ପାଉବାର ୨୦ ଦିନ ମଧ୍ୟରେ ସାଧାରଣ *ନିକାୟର ବୈଠକ ଡ଼ାକିବେ। ବୈଠକର ଧାର୍ଯ୍ୟ ତାରିଖର ସାତଦିନ* ପୂର୍ବରୁ ଉକ୍ତ ବୈଠକର ସମୟ ଓ ସ୍ଥାନ ଏବଂ କାର୍ଯ୍ୟସୂଚୀ ସମ୍ବନ୍ଧରେ ଜଣାଇବେ।

(୨) ସାଧାରଣ *ନିକାୟର ବୈଠକ ଅନୁଷ୍ଠିତ* ହେବା ତାରିଖଠାରୁ ଅନ୍ତତଃ ସାତଦିନ ଆଗରୁ ନୋଟିସ୍ ସହିତ ଉକ୍ତ ବୈଠକର କାର୍ଯ୍ୟସୂଚୀ ପଠାଯିବ। ନୋଟିସ୍ କୌଣସି ବ୍ୟକ୍ତିଙ୍କ ଦ୍ୱାରା / ଡ଼ାକ ଦ୍ୱାରା / ପ୍ରକାଶନ ଦ୍ୱାରା ପଠାଯାଇପାରିବ । ଏତଦବ୍ୟତୀତ ଢ଼େଙ୍କୁରା ପିଟାଯାଇ ବା କୃଷକ ସଂଗଠନର ନୋଟିସ୍ ବୋର୍ଡରେ ଉକ୍ତ ନୋଟିସ୍ ଲଗାଯାଇ ଜଣାଇ ଦିଆଯାଇ ପାରିବ।

**ସାଧାରଣ ନୀକାୟର କୋରମ।**

୧୨। (୧) ସାଧାରଣ ନିକାୟର ପ୍ରତ୍ୟେକ ବୈଠକରେ *ନୀକାୟର ମୋଟ ସଦସ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଦସ୍ୟ ଉପସ୍ଥିତ ରହିଲେ କୋରମ ହେବ । ଉପସ୍ଥିତ ଥିବା ସଂଖ୍ୟାଧିକ ସଦସ୍ୟମାଙ୍କର* ଭୋଟ ନିଆଯାଇ ପ୍ରତ୍ୟେକ ସଂକଳ୍ପ କାର୍ଯ୍ୟକାରୀ ହେବ।

(୨) ଯଦି ବୈଠକର କୋରମ ନ ହୁଏ, ତେବେ ବୈଠକକୁ ମୁଲତବୀ ରଖାଯିବ ଏବଂ ପରବର୍ତ୍ତୀ ବୈଠକର ତାରିଖ ଓ ସମୟ ପ୍ରଥମ ବୈଠକର ଅନ୍ୟୁନ ଦୁଇଦିନ ପରେ ଧାର୍ଯ୍ୟ କରାଯିବ।

(୩) ମୁଲତବୀ ହୋଇଥିବା ସାଧାରଣ ନିକାୟର ବୈଠକ ନିମଂତେ କୋରମର ଆବଶ୍ୟକତା ନାହିଁ ଏବଂ ଉକ୍ତ ବୈଠକରେ ଉପସ୍ଥିତ ଥିବା ସଂଖ୍ୟାଧିକ ସଭ୍ୟଙ୍କର ଭୋଟ ମାଧ୍ୟମରେ ସଂକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯିବ, ଏବଂ

(୪) ଆହୂତ ହୋଇଥିବା ସାଧାରଣ *ନିକାୟ ବୈଠକରେ କେବଳ କାର୍ଯ୍ୟସୂଚୀରେ ଦର୍ଶାଯାଇଥିବା ବିଷୟ ଉପରେ ଆଲୋଚନା କରାଯିବ । ସଭାପତି ବା ବୈଠକରେ ଉପସ୍ଥିତ ଥିବା ସଂଖ୍ୟାଧିକ ସଦସ୍ୟଙ୍କ ଅନୁମତି ବିନା କାର୍ଯ୍ୟସୂଚୀ ଭିନ୍ନ ଅନ୍ୟ କୌଣସି ବିଷୟରେ ଆଲୋଚନା କରାଯିବ ନାହିଁ।*

ବୈଠକର କାର୍ଯ୍ୟ ବିବରଣୀ।

୧୩। ପ୍ରତ୍ୟେକ ସାଧାରଣ *ନିକାୟ ବୈଠକର ବିବରଣୀ କାର୍ଯ୍ୟ ବିବରଣୀ ପୁସ୍ତକରେ ଲିପିବଦ୍ଧ ହେବ ଓ ତାହାକୁ ସଭାପତି ବା ବୈଠକରେ ଯେ ଅଧ୍ୟକ୍ଷତା କରିଥିବେ ସେ ଅନୁମୋଦନ କରିବେ। କାର୍ଯ୍ୟ ବିକରଣୀର ଏକ ନକଲ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ।*

**ସାଧାରଣ ନୀକାୟର କ୍ଷମତା**

୧୪। ସାଧାରର *ନିକାୟର ନିମ୍ନଲିଖିତ କ୍ଷମତାମାନ* ରହିବ, ସେଗୁଡ଼ିକ ହେଲା

(କ) ପ୍ରତ୍ୟେକ ଫସଲ ଋତୁ *ନିମଂତେ ପ୍ରସ୍ତୁତ ହୋଇଥିବା ଯୋଜନା*କୁ ଅନୁମୋଦନ କରିବା ଏବଂ ସଂପୃକ୍ତ କାର୍ଯ୍ୟ କ୍ଷେତ୍ରରେ ତାହା କିପରି କାର୍ଯ୍ୟକାରୀ ହେଉଛି, ତାହା ନିରୀକ୍ଷଣ କରିବା ;

(ଖ) ଅନୁମୋଦିତ ଯୋଜନା ଅନୁସାରେ ବିଭିନ୍ନ ମୁଖ୍ୟ କେନାଲ ଓ କରନାଳଗୁଡ଼ିକ ମଧ୍ୟରେ ଜଳ ଆବଣ୍ଟନ କରିବା;

(ଗ) ଜଳବଣ୍ଟନ ବ୍ୟବସ୍ଥାକୁ କିପରି *ନିୟନ୍ତ୍ରଣ କରାଯିବ ତାହା ସ୍ଥିର କରିବା;*

(ଘ) ଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ/ମରାମତି ଓ ଥଇଥାନ *ନିମଂତେ ବାର୍ଷିକ ଓ ଦୀର୍ଘମିଆଦୀ ଆର୍ଥୀକ ବ୍ୟବସ୍ଥା ଓ ନିର୍ମାଣ ଯୋଜନା* ପ୍ରସ୍ତୁତ କରିବା ;

(ଙ) ବାର୍ଷିକ ବଜେଟ ଅନୁମୋଦନ କରିବା ଓ ପୂର୍ବବର୍ଷର ବଜେଟର କାର୍ଯ୍ୟକାରିତାକୁ ସମୀକ୍ଷା କରିବା;

(ଚ) ବାର୍ଷିକ ଅଡ଼ିଟ୍ *ନିମଂତେ ଅଡ଼ିଟର ନିଯୁକ୍ତ କରିବା ଏବଂ ସେମାନଙ୍କ* ନିମନ୍ତେ ଫିସ୍ ଧାର୍ଯ୍ୟ କରିବା ।

(ଛ) କୃଷକ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ସକାଶେ ସଦସ୍ୟମାନଙ୍କୁ ନେଇ ସବ୍‌କମିଟି ଗଠନ କରିବା;

(ଜ) ବିଭିନ୍ନ କାର୍ଯ୍ୟକଳାପ / ନିର୍ମାଣ କାର୍ଯ୍ୟ ପାଇଁ ଯେପରି ଆବଶ୍ୟକ ହୋଇପାରେ, ସେପରି ପାଣ୍ଠିର ବ୍ୟବସ୍ଥା କରିବା;

(ଝ) ଜଳବ୍ୟବହାରୀମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ନେଇ କାର୍ଯ୍ୟନିର୍ବାହୀ କମିଟିର ଆଦେଶ ବିରୁଦ୍ଧରେ ଅପିଲ ଗ୍ରହଣ କରିବା ଓ ସେଗୁଡ଼ିକୁ ଫଏସଲା କରିବା

(ଞ) ଅଧିନିୟମର ଧାରା ୨୦ ଅନୁଯାୟୀ ବ୍ୟବସ୍ଥା ହୋଇଥିବାମତେ ଫିସ୍ ଓ ଜଳକର ଧାର୍ଯ୍ୟ କରିବା ଓ ତାହା ଆଦାୟ କରିବା;

(ଟ) ଅଧିନିୟମର ଧାରା ୨୨ ଅନୁଯାୟୀ ବ୍ୟବସ୍ଥା ହୋଇଥିବାମତେ ସମ୍ବଳ ବୃଦ୍ଧି କରିବା ନେଇ *ନିଷ୍ପତି ଗ୍ରହଣ କରିବା ସଂଗଠର ହିତ ଦୃଷ୍ଟିରୁ ସରକାରଙ୍କ ଦ୍ୱାରା ଯେପରି ନିର୍ଦ୍ଦେଶ ଦିଆଯାଇପାରେ ସେପରି ବ୍ୟାଙ୍କ ବା ସରକାରୀ ସଂସ୍ଥାରେ ବଳକା ପାଣ୍ଠି*କୁ ପୁଞ୍ଜି ଲଗାଣ କରିବା ।

(ଠ) କୃଷିଜାତ ଦ୍ରବ୍ୟର କିଣାବିକା ଉତ୍ପାଦିତ ଦ୍ରବ୍ୟର ସାମୁହିକ ସଂଗ୍ରହ, କୃଷିସେବା କେନ୍ଦ୍ରର ପ୍ରଚଳନ କୃଷିଜାତ ଦ୍ରବ୍ୟର ପ୍ରୋସେସିଂ ସମେତ ସେଗୁଡ଼ିକର ଅମଳ ପାଇଁ ନିଷ୍ପତ୍ତି ଗ୍ରହଣ କରିବା।

(ଡ) ସମୟକୁ ସମୟ ଯେପରି ବିହିତ ହୋଇପାରେ ସେପରି ସିଲିଙ୍ଗ ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟୟ କରିବା ଲାଗି *ନିଷ୍ପତି ନେବା* ; ଏବଂ

(ଢ) ଅଧିନିୟମର ଧାରା ୧୦ ଅନୁଯାୟୀ ପୂର୍ବ କାର୍ଯ୍ୟ ବିବରଣୀଗୁଡ଼ିକୁ କାର୍ଯ୍ୟକାରୀ କରିବା।

## କାର୍ଯ୍ୟନିର୍ବାହୀ କମିଟି

୧୫। କାର୍ଯ୍ୟନିର୍ବାହୀ କମିଟିର ଗଠନ ଓ କୋରମ ନିମ୍ନୋକ୍ତମତେ ହେବ

(କ) ଅଧିନିୟମର ଧାରା ୪ ର ଉପଧାରା (୧) ଓ (୨) ଅନୁଯାୟୀ ବ୍ୟବସ୍ଥା ହୋଇଥିବାମତେ ପାଣି ପଞ୍ଚାୟତ ସଂକ୍ରାନ୍ତରେ କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି, ସଭାପତି ଓ *ନିର୍ବାଚିତ ସଦସ୍ୟମା*ଙ୍କୁ ନେଇ ଗଠିତ ହେବ; ଅଧିନିୟମର ଧାରା *୬*ର ଉପଧାରା (୧) ଓ (୨) ଅନୁଯାୟୀ ବ୍ୟବସ୍ଥା ହୋଇଥିବାମତେ କରନାଳ ବ୍ୟବସ୍ଥା କମିଟି ସଂକ୍ରାନ୍ତରେ ସଭାପତି ଓ କାର୍ଯ୍ୟନିର୍ବାହୀ କମିଟିର *ନିର୍ବାଚିତ ସଦସ୍ୟ; ଅଧିନିୟମ*ର ଧାରା ୮ର ଉପଧାରା (୧) ଓ (୨) ଅନୁଯାୟୀ ବ୍ୟବସ୍ଥା ହୋଇଥିବାମତେ କୌଣସି ପ୍ରକଳ୍ପ କମିଟିର ସଭାପତି ଓ କାର୍ଯ୍ୟନିର୍ବାହୀ କମିଟିର ନିର୍ବାଚିତ ସଦସ୍ୟ;

(ଖ) କାର୍ଯ୍ୟନିର୍ବାହୀ କମିଟିର ବୈଠକ ମାସକୁ ଅନ୍ତତଃ ଥରେ ସଂଗଠନର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ । ଯଦି ଆବଶ୍ୟକ ହୁଏ ତେବେ ମାସକୁ ଆଉ ଅଧିକଥର ବୈଠକ ମଧ୍ୟ ଅନୁଷ୍ଠିତ ହୋଇପାରେ। କୌଣସି ବୈଠକ ବସିବାପାଇଁ ବରାଦ କରାଯାଇଥିଲେ ଉକ୍ତ ବରାଦ ମିଳିବାର ସାତଦିନ ମଧ୍ୟରେ ସଭାପତିଙ୍କ ଦ୍ୱାରା ସେଭଳି ବୈଠକ ଡ଼କାଯାଇ ପାରିବ;

(ଗ) ବୈଠକ ପାଇଁ ନୋଟିସ୍ ବ୍ୟକ୍ତିବିଶେଷଙ୍କ ଦ୍ୱାରା / ଡ଼ାକଦ୍ୱାରା ପଠାଯାଇ ପାରିବ । ଏତଦ୍ ବ୍ୟତୀତ ନୋଟିସ୍ ବୋର୍ଡରେ ବୈଠକର ନୋଟିସ୍ ଲଗାଯାଇ ମଧ୍ୟ ଜଣାଇ ଦିଦଯାଇ ପାରିବ;

(ଘ) କାର୍ଯ୍ୟନିର୍ବାହୀ କମିଟିର ସଭାପତି, ପ୍ରତ୍ୟେକ ବୈଠକରେ ଅଧ୍ୟକ୍ଷତା କରିପାରିବେ। ଯଦି ସଭାପତି ଅନୁପସ୍ଥିତ ଥାଆନ୍ତି, ତେବେ ସେ କ୍ଷେତ୍ରରେ କମିଟିର ସଦସ୍ୟମାନେ ସେମାନଙ୍କ ମଧ୍ୟରୁ ଜଣକୁ ବୈଠକରେ ଅଧ୍ୟକ୍ଷତା କରିବା ସକାଶେ ମନୋନୀତ କରିପାରିବେ;

(ଙ) କାର୍ଯ୍ୟନିର୍ବାହୀ କମିଟିର ପ୍ରତ୍ୟେକ ବୈଠକର ବିବରଣୀ କାର୍ଯ୍ୟ ବିବରଣୀ ପୁସ୍ତକରେ ଉକ୍ତ ବୈଠକରେ ଅଧ୍ୟକ୍ଷତା କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ଲିପିବଦ୍ଧ କରାଯିବ ଏବଂ ଉକ୍ତ କାର୍ଯ୍ୟ ବିବରଣୀର ଏକ ନକଲ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ;

(ଚ) କମିଟିର ମୋଟ ସଦସ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଦସ୍ୟମାନଙ୍କୁ ନେଇ ବୈଠକର କୋରମ ହେବ। ଉପସ୍ଥିତ ଥିବା ସଦସ୍ୟମାନଙ୍କ ମଧ୍ୟରୁ ସଂଖ୍ୟାଧିକ ସଦସ୍ୟମାନଙ୍କ ଅନୁମୋଦନକ୍ରମେ ସମସ୍ତ ସଂକଳ୍ପ କାର୍ଯ୍ୟକାରୀ କରାଯିବ ଏବଂ

(ଛ) ଯଦି ବୈଠକର କୋରମ ନ ହୁଏ, ତେବେ ବୈଠକକୁ ଦିନକ ପାଇଁ ମୁଲତବି ରଖାଯିବ ଏବଂ ତାହାପରେ ଆଉଥରେ ଡ଼କାଯିବ।

ବି.ଦ୍ର.– ମୁଲତବୀ ଥିବା ବୈଠକ ପରେ ଯେଉଁ ବୈଠକ ଡ଼କାଯିବ ସେହି ବୈଠକରେ କୋରମ ହେବା ଆବଶ୍ୟକ ପଡ଼ିବ ନାହିଁ।

କାର୍ଯ୍ୟନିର୍ବାହୀ କମିଟିଗୁଡ଼ିକର ଶୂନ୍ୟସ୍ଥାନ ପୂରଣ ।

୧୬। (୧) ଯେକୌଣସି କାରଣରୁ ଯଦି କୌଣସି ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିରେ କୌଣସି ଶୂନ୍ୟସ୍ଥାନ ସୃଷ୍ଟିହୁଏ, ତେବେ ସେ କ୍ଷେତ୍ରରେ ଯେଉଁ ପ୍ରକଳ୍ପର କରନାଳ କମିଟିର ଅଧିକାରିତା ମଧ୍ୟରେ ପାଣି ପଞ୍ଚାୟତ ସ୍ଥାପିତ ହୋଇଥିବ, ତାହାର ସାଧାରଣ *ନିକାୟ ବୈଠକରେ ଚକ କମିଟିର ଦୁଇଜଣ ସଦସ୍ୟଙ୍କ ମଧ୍ୟରୁ ଜଣକୁ କାର୍ଯ୍ୟ*ନିର୍ବାହୀ କମିଟିକୁ ମନୋନୀତ କରିବା ସକାଶେ ନିଷ୍ପତ୍ତି ନିଆଯିବ।

(୨) କରନାଳ କମିଟି *ନଥିବା କୌଣସି ପ୍ରକଳ୍ପ କ୍ଷେତ୍ରରେ ସଂପୃକ୍ତ ପ୍ରକଳ୍ପ କମିଟିର କାର୍ଯ୍ୟ*ନିର୍ବାହୀ କମିଟି, ପାଣିପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିରେ ସେପରି ଶୂନ୍ୟସ୍ଥାନ ପୂରଣ କରିବେ ଯେଉଁ ଚକ କମିଟିର ସଦସ୍ୟ ମୃତ୍ୟୁବରଣ କରିଥିବେ / ଇସ୍ତଫା ଦେଇଥିବ, ତାହାର ଦୁଇଜଣ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ମନୋନିତ କରି ଉକ୍ତ ଶୂନ୍ୟସ୍ଥାନ ପୂରଣ କରିବେ।

(୩) ଚକ କମିଟିରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ନେଇ *ନିୟମ ୩୯ ରେ ଯଦି କୌଣସି ପ୍ରକ୍ରିୟା ବିହିତ ହୋଇଥାଏ, ତେବେ ସମ୍ପୃକ୍ତ ନିର୍ବାଚନ ପ୍ରାଧିକାରୀ ସେହି ପ୍ରକ୍ରିୟାକୁ ଅନୁସରଣ*

କରିବେ। ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟଭାବେ ଚକ କମିଟିର ୩ ଜଣ ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ଉକ୍ତ କମିଟିକୁ ପ୍ରତ୍ୟେକ୍ଷ ଭାବରେ ନିର୍ବାଚିତ କରିବେ।

(୪) ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିକୁ ଚକ କମିଟିର ସଦସ୍ୟଙ୍କୁ ସେପରି *ନିର୍ବାଚିତ କରିବା ପରେ କରନାଳ* କମିଟି / ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟି ପୂର୍ବରୁ କରିଥିବା ମନୋନୟନ ସ୍ୱତଃ ରଦ୍ଦ ହୋଇଯିବ।

(୫) ଯେକୌଣସି କାରଣରୁ କରନାଳ କମିଟିର କାର୍ଯ୍ୟନିର୍ବାହୀ କମିଟିରେ ଯଦି କୌଣସି ଶୂନ୍ୟସ୍ଥାନ ସୃଷ୍ଟି ହୁଏ, ତେବେ ସେ କ୍ଷେତ୍ରରେ ଯେଉଁ ମୁଖ୍ୟ ଜଳସେଚନ ପ୍ରକଳ୍ପର ସଂପୃକ୍ତ ପ୍ରକଳ୍ପ କମିଟିର ଅଧିକାରିତା ମଧ୍ୟରେ ଉକ୍ତ କରନାଳ କ୍ଷେତ୍ର ଅବସ୍ଥାପିତ ହୋଇଥିବ, ତାହାର ସାଧାରଣ *ନିକାୟ ବୈଠକରେ ଯେଉଁ କରନାଳ* କମିଟିର ସଦସ୍ୟ ମୃତ୍ୟୁବରଣ କରିଥିବେ ବା ଇସ୍ତଫା ଦେଇଥିବେ, ସେହି କରନାଳ କମିଟିର ସାଧାରଣ *ନିକାୟର ସଦସ୍ୟମା*ଙ୍କ ମଧ୍ୟରୁ ଜଣଙ୍କୁ ମନୋନୀତ କରିବେ। ସଂପୃକ୍ତ *ନିର୍ବାଚନ* ପ୍ରାଧିକାରୀ *ନିୟମ ୪୧ ରେ ଥିବା ବ୍ୟବସ୍ଥାମତେ ସେପରି ମନୋନୟନ* ଦ୍ୱାରା ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ *ନିୟମିତ ରୀତିରେ ପୂରଣ କରିବେ । ନିର୍ବାଚନ ପ୍ରାଧିକାରୀଙ୍କଦ୍ୱାରା କାର୍ଯ୍ୟ*ନିର୍ବାହୀ କମିଟିର ସଦସ୍ୟଙ୍କ *ନିର୍ବାଚନ ନିୟମିତ ରୀତିରେ କରାଯିବା ପରେ ଉକ୍ତ ମନୋନୟନ* ସ୍ୱତଃ ରଦ୍ଦ ହୋଇଯିବ।

(୬) ଯେକୌଣସି କାରଣରୁ ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟିରେ ଯଦି କୌଣସି ଶୂନ୍ୟସ୍ଥାନ ହୁଏ, ତେବେ ସେ କ୍ଷେତ୍ରରେ ରାଜ୍ୟସରକାରଙ୍କ ଜଳସମ୍ପଦ ବିଭାଗ ଉକ୍ତ ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ହେବା ପାଇଁ ପ୍ରକଳ୍ପ କମିଟିର ସାଧାରଣ *ନିକାୟର ସଦସ୍ୟମାନ*ଙ୍କ ମଧ୍ୟରୁ ଜଣଙ୍କୁ ମନୋନୀତ କରିବେ।

(୭) ସଂପୃକ୍ତ *ନିର୍ବାଚନ* ପ୍ରାଧିକାରୀ *ନିୟମ ୩୮ର ବ୍ୟବସ୍ଥାମତେ ସେପରି ନିୟମିତ ରୀତିରେ ମନୋନୟନ* ଦ୍ୱାରା ସୃଷ୍ଟିହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବେ। *ନିର୍ବାଚନ* ପ୍ରାଧିକାରୀଙ୍କ ଦ୍ୱାରା *ନିୟମିତ ରୀତିରେ କାର୍ଯ୍ୟ*ନିର୍ବାହୀ କମିଟି ସଦସ୍ୟ *ନିର୍ବାଚିତ ହେବା ପରେ ଉକ୍ତ ମନୋନୟନ* ସ୍ୱତଃ ରଦ୍ଦ ହୋଇଯିବ।

କାର୍ଯ୍ୟନିର୍ବାହୀ କମିଟିର କ୍ଷମତା ଓ କାର୍ଯ୍ୟାବଳୀ

୧୭। କାର୍ଯ୍ୟନିର୍ବାହୀ କମିଟିର କ୍ଷମତା ଓ କାର୍ଯ୍ୟାବଳୀ ନିମ୍ନୋକ୍ତମତେ ହେବ, ସେଗୁଡ଼ିକ ହେଲା

(କ) ପ୍ରତ୍ୟେକ ଋତୁ ପାଇଁ କାର୍ଯ୍ୟକାରିତା ଯୋଜନା ପ୍ରସ୍ତୁତ କରିବା ଏବଂ ତାହାକୁ କାର୍ଯ୍ୟକାରୀ କରିବା;

(ଖ) ବିଭିନ୍ନ ଫସଲ ଉତ୍ପାଦନ ପାଇଁ ଖରିଫ ଓ ରବି ଫସଲ ଯୋଜନା ପ୍ରସ୍ତୁତ କରିବା ଓ ତାହାକୁ କାର୍ଯ୍ୟକାରୀ କରିବା;

(ଗ) ବାର୍ଷିକ ବଜେଟ ପ୍ରସ୍ତୁତ କରିବା ଓ ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ପାଇଁ ଭିନ୍ନ ଭିନ୍ନ ସମ୍ବଳ ଆବଣ୍ଟନ କରିବା;

(ଘ) ଜଳସେଚନ ଓ ଜଳ *ନିଷ୍କାସନ* ବ୍ୟବସ୍ଥାର ଅଭିବୃଦ୍ଧି ସକାଶେ ମରାମତି, ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ଓ ଦୀର୍ଘମିଆଦୀ ଯୋଜନାମାନ ପ୍ରସ୍ତୁତ କରିବା ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସମ୍ବଳକୁ ଦୃଷ୍ଟିରେ ରଖି କାର୍ଯ୍ୟମାନ ହାତକୁ ନେବା ସକାଶେ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିବା ।

(ଙ) ଆୟବ୍ୟୟ ଏବଂ ସମସ୍ତ ଆସ୍ତି ଓ ଦାୟିତ୍ୱର ବାର୍ଷିକ ହିସାବ ପ୍ରସ୍ତୁତ କରିବା ବା ପ୍ରସ୍ତୁତ କରାଇବା ସକାଶେ ବ୍ୟବସ୍ଥା କରିବା;

(ଚ) ବିଭିନ୍ନ ଉପାୟରେ ଜଳ ବ୍ୟବହାରକାରୀମାନଙ୍କ ମଧ୍ୟର ଜଳର ସୁଷମ ବଣ୍ଟନ ବିଷୟରେ ସୁନିଶ୍ଚିତ ହେବା;

(ଛ) ଜଳର ବ୍ୟବହାର ଓ ଜମି ବ୍ୟବହାର ବ୍ୟବସ୍ଥା ସକାଶେ ଆବଶ୍ୟକ *ନିୟନ୍ତ୍ରଣ ଓ ନିରୀକ୍ଷଣ ପଦ୍ଧତି କାର୍ଯ୍ୟକାରୀ କରିବା;*

(ଜ) ବାର୍ଷିକ ଅଡ଼ିଟ୍ *ନିମନ୍ତେ* ଅଡ଼ିଟରମାନଙ୍କୁ ନିଯୁକ୍ତ କରିବାଲାଗି ସୁପାରିଶ କରିବା;

(ଝ) *ନିର୍ମାଣ କାର୍ଯ୍ୟ ସମ୍ପାଦନ ନିମନ୍ତେ* ଆୟୋଜନ କରିବା

(ଞ) ସମ୍ବଳ ବୃଦ୍ଧି କରିବା ଏବଂ ସଂଗଠନର ବିଭିନ୍ନ ପ୍ରକାର କାର୍ଯ୍ୟକଳାପଗୁଡ଼ିକ ପାଇଁ ତାହାର ଉପଯୁକ୍ତ ବିନିଯୋଗ କରିବା;

(ଟ) ବିଭିନ୍ନ ପ୍ରକାର କାର୍ଯ୍ୟକଳାପମାନ ହାତକୁ ନେବା ପାଇଁ ସାଧାରଣ *ନିକାୟରେ ସବ୍‌କମିଟିମାନ* ଗଠନ କରିବା ସକାଶେ ସୁପାରିଶ କରିବା;

(ଠ) କୃଷକ ସଂଗଠନର ସଦସ୍ୟମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ କରିବା;

(ଡ) ସଂଗଠନର ପାଣ୍ଠିର ସୁବିନିଯୋଗ ସକାଶେ ସଦସ୍ୟମାନଙ୍କ ମଧ୍ୟରୁ ଜଣକୁ ସମ୍ପାଦକ ଏବଂ ଅନ୍ୟଜଣକୁ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ କରିବା;

(ଢ) ଜଳସେଚନ ଓ କୃଷି ସମ୍ପର୍କିତ ସଦସ୍ୟମାନଙ୍କୁ ଉନ୍ନୟନମୂଳକ ସେବା ଯୋଗାଇଦେବା ଲାଗି ବ୍ୟବସ୍ଥା କରିବା;

(ଣ) ସଦସ୍ୟମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ପ୍ରଚଳନ କରିବା;

(ତ) ପ୍ରତ୍ୟେକ ଜଳ ବ୍ୟବହାରକାରୀ ଏବଂ ଭୋଟ ଦେବାର ଅଧିକାର ଥିବା ସମସ୍ତ ସଦସ୍ୟମାନଙ୍କର ଏକ ବାର୍ଷିକ ତାଲିକା ପ୍ରସ୍ତୁତ କରିବା;

(ଥ) ମୂଳ ରେକର୍ଡପତ୍ର ପ୍ରସ୍ତୁତ କରିବା ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ସକାଶେ ରାଜସ୍ୱ, ଜଳ ସମ୍ପଦ ଓ କୃଷି ବିଭାଗକୁ ସହାୟତା ପ୍ରଦାନ କରିବା

(ଦ) ଆରକ୍ଷିତ ପାଣ୍ଠିର ବ୍ୟବସ୍ଥା କରିବା ଓ ତାହାକୁ ବିନିଯୋଗ କରିବା;

(ଧ) ଅଡ଼ିଟ୍ ରିପୋର୍ଟଗୁଡ଼ିକୁ ତନ୍ନତନ୍ନ ଭାବରେ ପରୀକ୍ଷା କରିବା ଓ ତହିଁରୁ ତ୍ରୁଟି ସଂଶୋଧନ କରିବା ଏବଂ ସେ ବିଷୟରେ ସାଧାରଣ *ନିକାୟିକୁ ସୂଚନା* ପ୍ରଦାନ କରିବା;

(ନ) ସାଧାରଣ *ନିକାୟର ସମସ୍ତ ନିଷ୍ପତ୍ତିକୁ ମାନିବା ଓ ତାହାକୁ କାର୍ଯ୍ୟକାରୀ କରିବା; ଏବଂ*

(ପ) ପରିଚାଳନାଗତ ସୂଚନା ବ୍ୟବସ୍ଥା ପ୍ରଚଳନ କରିବା ଏବଂ ସରକାରଙ୍କ ଦ୍ୱାରା ଯେପରି ନିର୍ଦ୍ଦେଶ ଦିଆଯାଇପାରେ, ସେପରି ସାମୟିକ ରିପୋର୍ଟ ପଠାଇବା ।

## ସଭାପତିଙ୍କର କର୍ତ୍ତବ୍ୟ

୧୮ । ସଭାପତିଙ୍କର କର୍ତ୍ତବ୍ୟମାନ ନିମ୍ନୋକ୍ତମତେ ହେବ, ସେଗୁଡ଼ିକ ହେଲା

(କ) ଏକ ଗଣତାନ୍ତ୍ରିକ, ମୁକ୍ତ, ଅବାଧ ଓ *ନିର୍ମଳ ରୀତିରେ କୃଷକ ସଂଗଠନ*ର କାର୍ଯ୍ୟକଳାପଗୁଡ଼ିକୁ ପରିଚାଳନା କରିବା;

(ଖ) ସାଧାରଣ *ନିକାୟ ବୈଠକରେ ଏବଂ କାର୍ଯ୍ୟ*ନିର୍ବାହୀ କମିଟି ବୈଠକରେ ଅଧ୍ୟକ୍ଷତା କରିବା ଏବଂ ଶାନ୍ତିପୂର୍ଣ୍ଣ ଭାବରେ ଓ ଗଣତାନ୍ତ୍ରିକ ଭାବରେ ବୈଠକ ପରିଚାଳନା କରିବା;

(ଗ) ବୈଠକର କାର୍ଯ୍ୟ ବିବରଣୀକୁ ଏବଂ ଯଦି ଆବଶ୍ୟକ ହୁଏ, ତେବେ କୃଷକ ସଂଗଠନର ଅନ୍ୟାନ୍ୟ ରେକର୍ଡପତ୍ରକୁ ମଧ୍ୟ ଅନୁମୋଦନ କରିବା ଓ ତହିଁରେ ସ୍ୱାକ୍ଷର କରିବା;

(ଘ) ସାଧାରଣ *ନିକାୟ ବା କାର୍ଯ୍ୟ*ନିର୍ବାହୀ କମିଟିର ବୈଠକରେ ଯଦି ସମାନ ସଂଖ୍ୟକ ସଦସ୍ୟଙ୍କ ମତାମତ ଉପରେ କୌଣସି ବିଷୟରେ ନିଷ୍ପତ୍ତି ନିଆଯାଇଥାଏ, ତେବେ ସେ କ୍ଷେତ୍ରରେ ଭୋଟିଂ କ୍ଷମତା ପ୍ରୟୋଗ କରିବା;

(ଙ) କୃଷକ ସଂଗଠନ ତରଫରୁ ଉଆର୍କ ଅର୍ଡର *ନିର୍ଗମନ* କରିବା

(ଚ) ସଂପାଦକଙ୍କ ସହିତ ମିଳିତ ଭାବରେ ଆକଉଣ୍ଟ ପରିଚାଳନା କରିବା;

(ଛ) କରନାଳ କମିଟି ବା ପ୍ରକଳ୍ପ କମିଟି ବା ସରକାରଙ୍କ ସପକ୍ଷରେ କୃଷକ ସଂଗଠନଗୁଡ଼ିକରୁ ଯଦି କୌଣସି ବିବାଦ ଲାଗି ମାମଲା ଦାଏର କରାଯାଇଥାଏ, ସେଥିରେ ପ୍ରତିନିଧିତ୍ୱ କରିବା;

(ଜ) ଅନ୍ୟ ଯେକୌଣସି ପ୍ରାଧିକାରୀଙ୍କ ଦ୍ୱାରା ଆହୂତ ବୈଠକ ଓ ଅନ୍ୟ ସମସ୍ତ ଫୋରମରେ କୃଷକ ସଂଗଠନ ତରଫରୁ ଏକ କ୍ଷମାତପ୍ରାପ୍ତ ପ୍ରତିନିଧି ଭାବରେ କାର୍ଯ୍ୟକରିବା ; ଏବଂ

(ଝ) କୃଷକ ସଂଗଠନର କାର୍ଯ୍ୟକଳାପ ବିଷୟରେ ସାଧାରଣ ନିକାୟଙ୍କ ନିକଟକୁ ବାର୍ଷିକ ରିପୋର୍ଟ ପଠାଇବା ।

ସଂପାଦକଙ୍କର କର୍ତ୍ତବ୍ୟ

୧୯ । ସମ୍ପାଦକଙ୍କ ଦାୟିତ୍ୱମାନ ନିମ୍ନୋକ୍ତମତେ ହେବ, ସେଗୁଡ଼ିକ ହେଲା

(କ) କୃଷକ ସଂଗଠନର କାର୍ଯ୍ୟାଳୟ ସମ୍ବନ୍ଧୀୟ ସମସ୍ତ ବିଷୟରେ ସଭାପତିଙ୍କୁ ସହାୟତା କରିବା;

(ଖ) କୃଷକ ସଂଗଠନର ସମସ୍ତ ବୈଠକ ଆହୂତ କରିବା ।

(ଗ) ବୈଠକର କାର୍ଯ୍ୟ ବିବରଣୀ ଲିପିବଦ୍ଧ କରିବା ଓ ତାହାକୁ ରଖିବା;

(ଘ) କୃଷକ ସଂଗଠନ ସମ୍ପର୍କିତ ସମସ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା;

(ଙ) କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଯେପରି ନିର୍ଦ୍ଦେଶ ଦିଆଯାଇପାରେ ସେପରି ପୁସ୍ତକ ଓ କାଗଜପତ୍ରଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଓ ସେଗୁଡ଼ିକର ଦାୟିତ୍ୱରେ ରହିବା;

(ଚ) କାର୍ଯ୍ୟନିର୍ବାହୀ କମିଟିର ଆଦେଶ ଓ ସଂକଳ୍ପକୁ ପାଳନ କରିବା;

(ଛ) କୃଷକ ସଂଗଠନର ସମସ୍ତ ରେକର୍ଡପତ୍ର ଓ ସମ୍ପତ୍ତି ହେପାଜତରେ ରଖିବା;

(ଜ) କୃଷକ ସଂଗଠନର ସମସ୍ତ କାରବାର ସମ୍ପର୍କିତ ହିସାବକୁ ସମ୍ପୂର୍ଣ୍ଣଭାବରେ ରଖିବା;

(ଝ) କ୍ଷମତାପ୍ରାପ୍ତ ଅଡ଼ିଟରମାନଙ୍କ ଦ୍ୱାରା ବାର୍ଷିକ ହିସାବପତ୍ରକୁ ଅଡ଼ିଟ୍ କରାଇବା

(ଞ) ସମସ୍ତ ପ୍ରକାର ପ୍ରାପ୍ତି ଓ ବ୍ୟୟ ସମ୍ପର୍କିତ ଅଡ଼ିଟ୍ ବିବରଣୀ କାର୍ଯ୍ୟନିର୍ବାହୀ କମିଟିଙ୍କ ନିକଟକୁ ପଠାଇବା;

(ଟ) ସମସ୍ତ ପ୍ରକାର ରାଜିନାମା ସମ୍ପାଦନ କରିବା ଏବଂ ପ୍ରତ୍ୟେକ ଉଆରେଣ୍ଟ, କ୍ଷମତାପତ୍ର, ଓକିଲାତିନାମା, ପିଟିସନ୍ ଆଦିର ସ୍ୱାକ୍ଷର କରିବା ଏବଂ କୃଷକ ସଂଗଠନ ବିରୋଧରେ ଦାଏର ହୋଇଥିବା ସମସ୍ତ ମକଦ୍ଦମାରେ କୃଷକ ସଂଗଠନ ତରଫରୁ ପ୍ରତିନିଧିତ୍ୱ କରିବା ଏବଂ

(ଠ) ପ୍ରତ୍ୟେକ ସବ୍‌କମିଟିର ବୈଠକରେ ଜଣେ ଅଣସଦସ୍ୟଭାବରେ ଉପସ୍ଥିତ ରହବା ଏବଂ ସବ୍‌କମିଟିର ଜଣେ ସଦସ୍ୟଙ୍କ ଦ୍ୱାରା ଅନୁମୋଦିତ କାର୍ଯ୍ୟ ବିବରଣୀ ପୁସ୍ତକରେ ଉକ୍ତ ବୈଠକର ବିବରଣୀକୁ ଲିପିବଦ୍ଧ କରିବା ।

କୋଷାଧ୍ୟକ୍ଷଙ୍କର କର୍ତ୍ତବ୍ୟ

୨୦ । କୋଷାଧ୍ୟକ୍ଷଙ୍କର କର୍ତ୍ତବ୍ୟ ନିମ୍ନୋକ୍ତମତେ ହେବ, ସେଗୁଡ଼ିକ ହେଲା :

(କ) ବିଭିନ୍ନ ଉତ୍ସରୁ ମିଳୁଥିବା ସମସ୍ତ ଚାନ୍ଦା, ଫିସ୍, କର ଓ ଦେୟ ଦାନ ତଥା ଅନୁଦାନମାନ ଗ୍ରହଣକରିବା ଏବଂ ସେ ସଂକ୍ରାନ୍ତରେ ଆବଶ୍ୟକ ରସିଦ ପ୍ରଦାନ କରିବା; ଏବଂ

(ଖ) ଦୈନିକ ହିସାବ (କ୍ୟାସବୁକ୍) ବିଲ୍ ରେଜିଷ୍ଟର ଇତ୍ୟାଦିରେ ହିସାବପତ୍ର ଲିପିବଦ୍ଧ କରିବା ଏବଂ ଟଙ୍କା ଦେଣନେଣ କରିବା ଓ ତହିଁରେ ସଂପାଦକଙ୍କ ସ୍ୱାକ୍ଷର କରାଇବା ।

ପ୍ରତ୍ୟାହାର *ନିମନ୍ତେ* ପ୍ରକ୍ରିୟା ।

୨୧ । (୧) ପାଣି ପଞ୍ଚାୟତର କରନାଳ କମିଟି ବା ପ୍ରକଳ୍ପ କମିଟି କ୍ଷେତ୍ରରେ ନିର୍ବାହୀ ଯନ୍ତ୍ରୀଙ୍କୁ ସମ୍ବୋଧନ କରି, କରନାଳ କମିଟି କ୍ଷେତ୍ରରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସମ୍ବୋଧନ କରି, ପ୍ରକଳ୍ପ କମିଟି କ୍ଷେତ୍ରରେ ମୁଖ୍ୟଯନ୍ତ୍ରୀଙ୍କୁ ସମ୍ବୋଧନ କରି ଉଠା ଜଳସେଚନ ପଏଣ୍ଟ କ୍ଷେତ୍ରରେ ଓଡ଼ିଶା ଉଠା ଜଳସେଚନ ନିଗମର ନିର୍ବାହୀଯନ୍ତ୍ରୀଙ୍କୁ ସମ୍ବୋଧନ କରି କୃଷକ ସଂଗଠନର ସଭାପତିଙ୍କୁ ତାହାଙ୍କ ପଦରୁ ପ୍ରତ୍ୟାହାର / ଅପସାରଣ ସକାଶେ ପାଣି ପଞ୍ଚାୟତର ସାଧାରଣ ନିକାୟର ମୋଟ ସଦସ୍ୟ

ସଂଖ୍ୟାର ଅନ୍ୟୁନ ଏକ ତୃତିୟାଂଶ ସଦସ୍ୟ ସାଧାକାଗଜରେ ଲିଖିତ ଏକ ନୋଟିସ୍ ସ୍ୱାକ୍ଷର କରି ଉକ୍ତ ନୋଟିସକୁ ଦାଖଲ କରିପାରିବେ;

ପରନ୍ତୁ, ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଉପରୋକ୍ତ ପ୍ରସ୍ତାବ ଆଗତ କରାଯାଇଥିବ, ସେହି ବ୍ୟକ୍ତି ପଦଧାରଣ କରିଥିବା ତାରିଖଠାରୁ ଏକ ବର୍ଷ *ନପୂରିବା ପର୍ଯନ୍ତ ସେପରି କୌଣସି ନୋଟିସ ଦାଖଲ କରାଯାଇ ପାରିବ ନାହିଁ।*

(୨) ସେପରି ଅପସାରିତ ହୋଇଥିବା ଅଧିକାରୀ କୃଷକ ସଂଗଠନର ସମସ୍ତ ସଦସ୍ୟମାନଙ୍କୁ ବୈଠକର ୧୫ ଦିନ ପୂର୍ବରୁ ଏକ ନୋଟିସ୍ ଦେଇ ସାଧାରଣ *ନିକାୟର ଏକ ବିଶେଷ ବୈଠକ ଆହୂତ କରିବାକୁ କୃଷକ ସଂଗଠକୁ ନିର୍ଦ୍ଦେଶ ଦେବେ ଏବଂ ସେ ନିଜେଉକ୍ତ ବୈଠକରେ ଅଧ୍ୟକ୍ଷତା କରିବେ।*

(୩) ବିଶେଷଭାବରେ ଆହୂତ ହୋଇଥିବା ସାଧାରଣ ନିକାୟର ବୈଠକ କୋରମ୍ ସାଧାରଣ ନିକାୟର ମୋଟ ସଦସ୍ୟ ସଂଖ୍ୟାର ଶତକଡ଼ା ୫୦ ଭାଗ ହେବ।

(୪) ସାଧାରଣ *ନିକାୟର ବିଶେଷଭାବରେ ଆହୂତ ହୋଇଥିବା ବୈଠକରେ ଉକ୍ତ ପ୍ରସ୍ତାବ ଆଲୋଚନା* ଓ ଭୋଟିଂ ସକାଶେ ଉପସ୍ଥାପନ କରାଯିବ। ଯଦି ଉକ୍ତ ପ୍ରସ୍ତାବ ସପକ୍ଷରେ ଗୋପନୀୟ ଭୋଟିଂ ବ୍ୟବସ୍ଥା ଦ୍ୱାରା ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ଦୁଇ ତୃତିୟାଂଶ ସଦସ୍ୟ ସେଭଳି ପ୍ରସ୍ତାବକୁ ସମର୍ଥନ କରନ୍ତି, ତେବେ ଉକ୍ତ ପ୍ରସ୍ତାବ ସାଧାରଣ *ନିକାୟର ଆହୂତ ହୋଇଥିବା ବିଶେଷ ବୈଠକରେ ଅନୁମୋଦ ଲାଭ କରିଛି ବୋଲି ଘୋଷଣା କରାଯିବ।*

(୫) କ୍ଷମତାପ୍ରାପ୍ତ ଅଧିକାରୀ ଯେ କି କୌଣସି ବ୍ୟକ୍ତି ନିର୍ବାଚିତ ବୋଲି ଘୋଷଣା କରିଥିବେ, ସେ ଯେଉଁ ବ୍ୟକ୍ତିଙ୍କ ବିରୋଧରେ ପ୍ରସ୍ତାବ ଆଗତ କରାଯାଇଛି, ତାହାଙ୍କୁ ଆଦେଶଦ୍ୱାରା ଉକ୍ତ ପଦରୁ ଅପସାରଣ କରିପାରିବେ।

(୬) ଉକ୍ତ ପ୍ରସ୍ତାବଦ୍ୱାରା ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ସାମୟିକ ଶୂନ୍ୟସ୍ଥାନ ଭାବରେ ପୂରଣ କରାହେବ।

ସବକମିଟିର ଗଠନ ଓ କାର୍ଯ୍ୟାବଳୀ।

୨୨। (୧) ଅଧିନିୟମର ଧାରା ୧୧ ଅନୁଯାୟୀ କୃଷକ ସଂଗଠନର ସାଧାରଣ *ନିକାୟ ନିମ୍ନଲିଖିତ ସବକମିଟିମାନ ଗଠନ* କରିପାରିବେ

(କ) ଅର୍ଥ ଓ ସମ୍ବଳ ସବକମିଟି

(ଖ) ନିର୍ମାଣକାର୍ଯ୍ୟ ସବକମିଟି

(ଗ) ଜଳ ପରିଚାଳନା ସବକମିଟି

(୨) *ନିମ୍ନୋକ୍ତ ବ୍ୟକ୍ତିମାନେ* ସବକମିଟିରେ ରହିବେ

(କ) ସବକମିଟିର ଆବାହକ, କାର୍ଯ୍ୟନିର୍ବାହୀ କମିଟିର ସମ୍ପାଦକ ହେବେ।

(ଖ) ପାଣିପଞ୍ଚାୟତ କ୍ଷେତ୍ରରେ ଚକ କମିଟିରୁ ଅନ୍ୟୁନ ଚାରିଜଣ ସଦସ୍ୟ ସବକମିଟିରେ ରହିବେ।

(ଗ) କରନାଳ କମିଟି କ୍ଷେତ୍ରରେ ପାଣି ପଞ୍ଚାୟତଗୁଡ଼ିକର ସଭାପତିମାନଙ୍କ ମଧ୍ୟରୁ ଅନ୍ୟୁନ ଚାରିଜଣଙ୍କୁ ବଛାଯିବ ଏବଂ ସେମାନେ ସବକମିଟିର ସଦସ୍ୟ ରହିବେ।

(ଘ) ପ୍ରକଳ୍ପ କମିଟି କ୍ଷେତ୍ରରେ ଉକ୍ତ ପ୍ରକଳ୍ପର କରନାଳ କମିଟିଗୁଡ଼ିକର ସଭାପତିମାନଙ୍କ ମଧ୍ୟରୁ ଚାରିଜଣଙ୍କୁ ବଛାଯିବ ଏବଂ ସେମାନେ ସବକମିଟିର ସଦସ୍ୟ ରହିବେ।

(ଙ) କୌଣସି ସଦସ୍ୟ ଏକାଧିକ ସବକମିଟିରୁ ପ୍ରତିନିଧିତ୍ୱ କରିବେ ନାହିଁ।

(୩) ଅର୍ଥ ଓ ସମ୍ବଳ ସବକମିଟିର କାର୍ଯ୍ୟ ନିମ୍ନୋକ୍ତମତେ ହେବ

(କ) ସମ୍ବଳ ସଂଗ୍ରହ କରିବା ଓ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବା

(ଖ) ଅଧିନିୟମର ଧାରା ୨୦ ଅନୁଯାୟୀ ସଦସ୍ୟମାନଙ୍କ ଉପରେ ଯେଉଁସବୁ ଦେୟ ଧାର୍ଯ୍ୟ କରାଯାଇଛି, ସେଗୁଡ଼ିକ ଆଦାୟ କରିବା;

(ଗ) ସମ୍ବଳର ବ୍ୟବହାର ଓ ସୁବିନିଯୋଗ *ନିମନ୍ତେ କାର୍ଯ୍ୟନିର୍ବାହୀ କମିଟିକୁ ସୁପାରିଶକରିବା; ଏବଂ*

(ଘ) ପ୍ରତିମାସରେ ଥରେ ସମସ୍ତ ପ୍ରକାର ବ୍ୟୟକୁ ଅନୁମୋଦନ କରିବା

(ii) *ନିର୍ମାଣ ସବକମିଟିର କାର୍ଯ୍ୟନିମ୍ନୋକ୍ତମତେ ହେବ*

(କ) ପ୍ରଶାସନିକ ଅନୁମୋଦନ *ନିମନ୍ତେ ନିର୍ମାଣ କାର୍ଯ୍ୟ* ସମ୍ବନ୍ଧୀୟ *ଅଟକଳ ପଠାଇବା; ଏବଂ*

(ଖ) *ନିର୍ମାଣକାର୍ଯ୍ୟକୁ ତଦାରଖ କରିବା ଏବଂ ତାହାର ଗୁଣାତ୍ମକମାନ* ପ୍ରତି ଧ୍ୟାନ ଦେବା ।

(iii) ଜଳପରିଚାଳନା ସବକମିଟିର କାର୍ଯ୍ୟ ନିମ୍ନୋକ୍ତମତେ ହେବ ;

(କ) କୃଷକ ଏବଂ କୃଷି ବିଶାରଦମାନଙ୍କ ସହିତ ପରାମର୍ଶ କରି ଫସଲ ଯୋଜନାର ଏକ ଚିଠା ପ୍ରସ୍ତୁତ କରିବା ;

(ଖ) ଜଳନିୟନ୍ତ୍ରଣ, ଜଳ *ନିଷ୍କାସନ* ଅନୁସୂଚୀ ସମ୍ବନ୍ଧରେ କାର୍ଯ୍ୟନିର୍ବାହୀ କମିଟି ଓ ସାଧାରଣ ନିକାୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା;

(ଗ) କୃଷକ ସଂଗଠନର କାର୍ଯ୍ୟକାରୀ ଯୋଜନାନୁସାରେ କେନାଲର ଜଳ ବ୍ୟବସ୍ଥାକୁ ତଦାରଖ କରିବା ଓ ଜଳ ବ୍ୟବହାରକୁ *ନିୟନ୍ତ୍ରଣ କରିବା;*

(ଘ) ଜଳସେଚନ ଓ ଜଳ *ନିଷ୍କାସନ* ପଦ୍ଧତିକୁ ନିୟମିତ ଭାବରେ ନିରୀକ୍ଷଣ କରିବା;

(ଙ) ଜଳ *ନିଷ୍କାସନ* ବ୍ୟବସ୍ଥାକୁ ଲିପିବଦ୍ଧ କରିବା

(ଚ) ଜଳଭାଗବଣ୍ଟା ସମ୍ବନ୍ଧୀୟ ବିବାଦ ଗୁଡ଼ିକୁ ଆପୋଷ ମିଳାମିଶା ମାଧ୍ୟମରେ ସମାଧାନ କରିବା ଏବଂ ଜଳ ବ୍ୟବହାର ନେଇ ଯଦି କୌଣସି *ନିୟମ ଉଲ୍ଲଙ୍ଘ*ନ କରାଯାଇଥାଏ, ତେବେ ସେ ବିଷୟରେ କାର୍ଯ୍ୟନିର୍ବାହୀ କମିଟିକୁ ରିପୋର୍ଟ କରିବା ଏବଂ

(ଛ) ଜମି ମାଲିକ ଓ ଜଳ ବ୍ୟବହାରୀମାନଙ୍କ ସମ୍ବନ୍ଧରେ ରେକର୍ଡପତ୍ର ରଖିବା

**କାର୍ଯ୍ୟ ହାତକୁ ନେବାଲାଗି ପ୍ରକ୍ରିୟା**

୨୩। କୃଷକ ସଂଗଠନ ଦ୍ୱାରା *ନିମ୍ନୋକ୍ତ ପ୍ରକ୍ରିୟା ଅନୁ*ସରଣ କରି *ନିର୍ମାଣ କାର୍ଯ୍ୟମାନ ଆରମ୍ଭ କରାଯିବ*

(କ) ନିମ୍ନୋକ୍ତ କାର୍ଯ୍ୟଗୁଡ଼ିକ ରକ୍ଷଣାବେକ୍ଷଣ *ନିର୍ମାଣ କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ହେବ*

ପଟୁ *ନିଷ୍କାସନ*

ବାଲୁଙ୍ଗା ସଫେଇ

ସଟରଗୁଡ଼ିକର ମରାମତି ଓ ରଙ୍ଗ

ରାଜମିସ୍ତ୍ରୀ କାର୍ଯ୍ୟ ସମ୍ପର୍କିତ ମରାମତି

ଘାଇ ବନ୍ଦ କରିବା ଓ ନିରୀକ୍ଷଣ ପାଇଁ ଉଦ୍ଦିଷ୍ଟ ପଥର ରକ୍ଷଣାବେକ୍ଷଣ

ଟିପଣୀ – ଉପରୋକ୍ତ *ନିର୍ମାଣ କାର୍ଯ୍ୟଗୁଡ଼ିକ ଜଳସମ୍ପଦ ବିଭାଗର କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ତତ୍ତ୍ୱାବଧାନରେ କୃଷକ ସଂଗଠନ ଦ୍ୱାରା ସମ୍ପାଦନ କରାଯିବ*

(ଖ) ସ୍ୱାଭାବିକ କାର୍ଯ୍ୟ, ନିର୍ମାଣ କାର୍ଯ୍ୟର ରକ୍ଷଣାବେକ୍ଷଣ ସକାଶେ ପୂର୍ବ ପ୍ରସ୍ତୁତି ବ୍ୟବସ୍ଥା :

ଟିପ୍ପଣୀ – କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ସମେତ ସଭାପତି, ପ୍ରତ୍ୟେକ ଫସଲ ଋତୁ ଆରମ୍ଭ ହେବା ପୂର୍ବରୁ କୃଷକ ସଂଗଠନର କାର୍ଯ୍ୟକାରିତା କ୍ଷେତ୍ର ମଧ୍ୟରେ ପୂର୍ବ ପ୍ରସ୍ତୁତି ବ୍ୟବସ୍ଥାର ଆୟୋଜନ କରିବେ ଏବଂ ଯେଉଁ କାର୍ଯ୍ୟଗୁଡ଼ିକ ତୁରନ୍ତ ମରାମତି କରାଯିବ ଆବଶ୍ୟକ, ସେଗୁଡ଼ିକୁ ଚିହ୍ନଟ କରିବେ । ଯେଉଁ *ନିର୍ମାଣ କାର୍ଯ୍ୟଗୁଡ଼ିକ ହାତକୁ ନିଆଯିବ, ତାହାର ଏକ ବିଶଦ ତାଲିକା ପ୍ରସ୍ତୁତ କରିବା ସକାଶେ କ୍ଷମତାପ୍ରାପ୍ତ ପ୍ରାଧୀକାରୀ କୃଷକ ସଂଗଠନ*କୁ ସହାୟତା କରିବେ

(ଗ) ଅଗ୍ରାଧୀକାର ଭିତ୍ତିରେ କରାଯିବାକୁ ଥିବା ନିର୍ମାଣ କାର୍ଯ୍ୟ

ଟିପ୍ପଣୀ – କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ସେଭଳି ପ୍ରସ୍ତୁତ ହୋଇଥିବା ତାଲିକା ସମ୍ବନ୍ଧରେ ଆଲୋଚନା କରିବେ ଏବଂ କେଉଁ କେଉଁ କାର୍ଯ୍ୟ ତୁରନ୍ତ ଅଗ୍ରାଧିକାର ଭିତ୍ତିରେ କରାଯିବ, ତାହା ସ୍ଥିର କରିବେ ।

(ଘ) ଅଟକଳ ପ୍ରସ୍ତୁତି :

ଟିପ୍ପଣୀ – କ୍ଷମତାପ୍ରାପ୍ତ ପ୍ରାଧିକାରୀ ଅଟକଳ ପ୍ରସ୍ତୁତ କରିବେ ଓ ପ୍ରଚଳିତ ଥିବା ଦର ଅନୁସୂଚୀ ଅନୁସାରେ ପନ୍ଦର ଦିନ ମଧ୍ୟରେ ଉକ୍ତ କାର୍ଯ୍ୟପାଇଁ ବୈଷୟିକ ମଂଜୁରୀ ଆଣିବେ ।

(ଙ) ପ୍ରଶାସନିକ ଅନୁମୋଦନ :

ଟିପ୍ପଣୀ – କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ପ୍ରସ୍ତୁତ ହୋଇଥିବା ଅଟକଳ ସକାଶେ ପାଣ୍ଠିର ଉପଲବ୍ଧତାକୁ ଦୃଷ୍ଟିରେ ରଖି ପ୍ରଶାସନିକ ଅନୁମୋଦନ ଲାଭ କରିବେ । ସେପରି ପ୍ରତ୍ୟେକ ପ୍ରଶାସନିକ ଅନୁମୋଦନ ଫର୍ମ (ଗ) ରେ ପ୍ରଶାସନିକ ଅନୁମୋଦନ ରେଜିଷ୍ଟରରେ ଲିପିବଦ୍ଧ କରାଯିବ ।

(ଚ) ବୈଷୟିକ ମଞ୍ଜୁରୀ :

ଟିପ୍ପଣୀ – ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତାରେ ଥିବା ପ୍ରଚଳିତ ବ୍ୟବସ୍ଥା ଅନୁସାରେ କ୍ଷମତାପ୍ରାପ୍ତ ପ୍ରାଧୀକାରୀଙ୍କର ବୈଷୟିକ ମଂଜୁରୀ ଦେବା କ୍ଷମତା *ନିୟନ୍ତ୍ରିତ ହେବ।*

(ଛ) କେଉଁ ରୀତିରେ ନିର୍ମାଣ କାର୍ଯ୍ୟ ହାତକୁ ନିବଯିବ :

ଟିପ୍ପଣୀ–(i) କୃଷକ ସଂଗଠନର କମିଟି ଦ୍ୱାରା ଅନୁମୋଦିତ କାର୍ଯ୍ୟ, ଉକ୍ତ ସଂଗଠନର କମିଟି ଦ୍ୱାରା ମନୋନୀତ ଏକ ଏଜେନ୍ସି ମାଧ୍ୟମରେ ସମ୍ପାଦନ କରାଯିବ;

(ii) ସଭାପତିଙ୍କ ଦ୍ୱାରା ଉଆର୍କ ଅର୍ଡର *ନିର୍ଗମନ* କରାଯିବ ଓ ସମ୍ପାଦକଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ଏଜେନ୍ସିଙ୍କ ସହିତ ରାଜିନାମା ସ୍ୱାକ୍ଷରିତ ହେବ;

(iii) କୃଷକ ସଂଗଠନ ଦ୍ୱାରା ଯେଉଁସବୁ କାର୍ଯ୍ୟ ସମ୍ପାଦିତ ହୋଇପାରେ ତାହାର ବିସ୍ତୃତ ହିସାବ ସହିତ ସେପରି କାର୍ଯ୍ୟ ସଂକ୍ରାନ୍ତରେ ମାଷ୍ଟର ରୋଲ ସମ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ । ସେପରି କାର୍ଯ୍ୟ ସମ୍ବନ୍ଧୀୟ ସମସ୍ତ କ୍ରୟ, କାର୍ଯ୍ୟନିର୍ବାହୀ କମିଟିଙ୍କ ଦ୍ୱାରା ଅନୁମୋଦିତ ହେବ ;

(iv) କୃଷକ ସଂଗଠନ ଦ୍ୱାରା କରାଯାଇଥିବା କାର୍ଯ୍ୟର ବିବରଣୀ ଜାଣିବା ସକାଶେ କ୍ଷମତାପ୍ରାପ୍ତ ପ୍ରାଧିକାରୀ ଉକ୍ତ କୃଷକ ସଂଗଠନ ଦ୍ୱାରା କରାଯାଉଥିବା କାର୍ଯ୍ୟର ପ୍ରାଥମିକ ମାପ ଓ ଚୂଡ଼ାନ୍ତ ମାପ ଉଲେଖ କରିବେ ;

(v) କ୍ଷମତାପ୍ରାପ୍ତ ପ୍ରାଧୀକାରୀ, ତାଙ୍କ ଦ୍ୱାରା *ନିଆଯାଇଥିବା ମାପ ଅନୁ*ସାରେ ବିଲ୍ ପ୍ରସ୍ତୁତ କରିବେ। ଏଜେନ୍ସି ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଥିଲେ ସଭାପତିଙ୍କ ଦ୍ୱାରା ଉକ୍ତ ବିଲ ଅର୍ଥ ପ୍ରାଦାନ *ନିମନ୍ତେ* ପାସ୍ କରାଯିବ ;

(vi) କୃଷକ ସଂଗଠନ *ନିଜ ଦ୍ୱାରା କାର୍ଯ୍ୟ ସଂପାଦନ* କରିଥିବା ସ୍ଥଳେ, କ୍ଷମତାପ୍ରାପ୍ତ ପ୍ରାଧିକାରୀ ସେ ସମ୍ପର୍କରେ ଲିପିବଦ୍ଧ କରିଥିବା ମାପକୁ ଭିତ୍ତିକରି ବ୍ୟୟ ଅନୁମୋଦନ *ନିମନ୍ତେ* ଏକ ସାମଗ୍ରୀ ବିବରଣୀ ପ୍ରସ୍ତୁତ କରିବେ।

(ଜ) କାର୍ଯ୍ୟ ସମ୍ବନ୍ଧୀୟ ପରିସୀମା :

ଟିପ୍ପଣୀ – *ଜଳସେଚନ ବ୍ୟବସ୍ଥାର ନକ୍ସାଙ୍କିତ ଜଳପ୍ରବାହୀ ପ୍ରଣାଳୀ ସମନ୍ଧୀୟ କୌଣସି ବିଷୟରେ ହସ୍ତକ୍ଷେପ କରିବା ଲାଗି କୌଣସି କୃଷକ ସଂଗଠନ*ର କ୍ଷମତା ରହିବ ନାହିଁ ।

(ଝ) ଆରମ୍ଭ କରାଯିବାକୁ ଥିବା କାର୍ଯ୍ୟ ତାଲିକାର ପ୍ରକାଶନ :

ଟିପ୍ପଣୀ (i) – ଅଟକଳ ପରିମାଣ ସହିତ ଯେଉଁ ଏଜେନ୍‌ସି ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରାଯିବ ତାହାର *ନାମ ସହିତ ଆରମ୍ଭ କରାଯିବାକୁ ଥିବା କାର୍ଯ୍ୟର ତାଲିକା, କୃଷକ ସଂଗଠନ* ତଥା ସଂପୃକ୍ତ ଅଞ୍ଚଳରେ ଥିବା ଅନ୍ୟାନ୍ୟ ସଂସ୍ଥାର କାର୍ଯ୍ୟାଳୟଠାରେ ଲଗାଯାଇ ବ୍ୟାପକ ଭାବରେ ପ୍ରସାର କରାଯିବ ।

(ii) ସଦସ୍ୟମାନେ *ନିଜ ଇଚ୍ଛାନୁସାରେ ନଗଦ ଆକାରରେ ବା ସାମଗ୍ରୀ ଆକାରରେ ବା ଶ୍ରମଦାନ* କରି ସେମାନଙ୍କର ଚାନ୍ଦା ଦେଇପାରିବେ ।

(ଞ) କରାଯାଇଥିବା କାର୍ଯ୍ୟ *ନିମନ୍ତେ ଅର୍ଥ ପ୍ରଦାନ* :

ଟିପ୍ପଣୀ (i) – ଟ ୧୦୦୦.୦୦ (ଏକହଜାର) ଟଙ୍କାରୁ ଉର୍ଦ୍ଧ୍ୱ ସମସ୍ତ କାର୍ଯ୍ୟ ପାଇଁ ଅର୍ଥପ୍ରଦାନ ଚେକ୍ ଆକାରରେ କରାଯିବ । କ୍ୟାସବୁକ୍ ମାଧ୍ୟମରେ କରାଯାଉଥିବା ସମସ୍ତ ଅର୍ଥ ପ୍ରଦାନ ସମ୍ବନ୍ଧରେ କୋଷାଧ୍ୟକ୍ଷ ତାରିଖ ଅନୁସାରେ ହିସାବ ରଖିବେ । ଚେକରେ ଉଭୟ ସଭାପତି ଓ ସମ୍ପାଦକ ସ୍ୱାକ୍ଷର କରିବେ ।

**ଋଣଶୋଧନ ପାଣ୍ଠି**

୨୪ । (୧) କୃଷକ ସଂଗଠନ ଋଣଶୋଧନ ପାଣ୍ଠି ଚଳାଇବା ସକାଶେ ଏକ ଜାତୀୟକରଣ ବ୍ୟାଙ୍କ ବା ଏକ ସମବାୟ ବ୍ୟାଙ୍କରେ ତାହାର ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନାମରେ ଏକ ମିଳିତ ହିସାବଖାତା ଖୋଲିବ ।

(୨) କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି, ତାହାର ବୈଠକରେ ପ୍ରତ୍ୟେକ ବର୍ଷ ରୂଣଶୋଧନ ପାଣ୍ଠିରେ କିଛି ଅର୍ଥ ଜମା କରିବା ପାଇଁ *ନିଷ୍ପତ୍ତି ନେବ ଯାହାକି* ସାଧାରଣ *ନିକାୟ ଦ୍ୱାରା ଅନୁମୋଦନ* ଲାଭ କରିବ । କୃଷକ ସଂଗଠନ ସ୍ଥାୟୀ ଜମା ବା କଷାନ ବିକାଶ ପତ୍ରରେ ପାଣ୍ଠି ଅର୍ଥକୁ ଜମା କରି ଋଣଶୋଧନ ପାଣ୍ଠିକୁ ବୃଦ୍ଧି କରିପାରିବ ।

(୩) କୃଷକ ସଂଗଠନ କରଜ କରିଥିବା ଅର୍ଥ ପରିଶୋଧ *ନିମନ୍ତେ* ରୂଣଶୋଧନ ପାଣ୍ଠିକୁ ଉପଯୋଗ କରିପାରିବ ଏବଂ ଉକ୍ତ ଉଦ୍ଦେଶ୍ୟରେ ସ୍ଥିର ହୋଇଥିବା ଏକ କାଳାବଧି ମଧ୍ୟରେ ରୂଣଶୋଧନ ପାଣ୍ଠିକୁ ଉକ୍ତ ଧନରାଶି ପରିଶୋଧ କରିବ ।

## ବଜେଟ

୨୫। କୃଷକ ସଂଗଠନ ପରବର୍ତ୍ତି ଆର୍ଥିକ ବର୍ଷ ସଂକ୍ରାନ୍ତରେ ଫର୍ମ (୦) ରେ ବଜେଟ ପ୍ରସ୍ତୁତ କରିବ। ବଜେଟ୍ କୃଷକ ସଂଗଠନ ପ୍ରାକ୍କଳିତ ପ୍ରାପ୍ତି ଓ ବ୍ୟୟ ଦର୍ଶାଇବ। କାର୍ଯ୍ୟନିର୍ବାହୀ କମିଟି ତାହାକୁ ସମ୍ୟକ୍ ପରୀକ୍ଷା କରିବା ପରେ କୃଷକ ସଂଗଠନର ସାଧାରଣ *ନିକାୟ ସମକ୍ଷରେ ତାହାର ଅନୁମୋଦନ ନିମନ୍ତେ ଉପସ୍ଥାପିତ କରିବ।*

## କୃଷକ ସଂଗଠନର ସାମାଜିକ ସମୀକ୍ଷା

୨୬। (୧) ପ୍ରତ୍ୟେକ ଖରିଫ ଋତୁ ଶେଷରେ ଏକ ସାଧାରଣ *ନିକାୟ ବୈଠକ ଅ*ନୁଷ୍ଠିତ ହେବ ଯେଉଁଥିରେ ସଭାପତି ଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନେ ପାଣିର ବିନିଯୋଗ ସଂମ୍ପର୍କିତ ହିସାବ ତଥା *ନିଷ୍ପାଦିତ ହୋଇଥିବା କାର୍ଯ୍ୟ ପ୍ରାକ୍କଳନ* ଓ କାର୍ଯ୍ୟ ନିଷ୍ପାଦନ କରିଥିବା ସଂସ୍ଥାର ନାମ ଆଦି ପ୍ରକାଶ କରିବେ।

(୨) ସେହି ସାଧାରଣ *ନିକାୟ ବୈଠକରେ କାର୍ଯ୍ୟ*ନିର୍ବାହୀ କମିଟି, ପାଣି ସଂକ୍ରାନ୍ତୀୟ ପାଣିର ବିନିଯୋଗ ବିଷୟରେ ମଧ୍ୟ ତଥ୍ୟ ଉପସ୍ଥାପନ କରିବେ।

କାର୍ଯ୍ୟକ୍ରମ ଯୋଜନା ଓ ପାଣି ବଜେଟ୍ ପ୍ରସ୍ତୁତି।

୨୭। କୃଷକ ସଂଗଠନର *ନିମନ୍ତେ ପାଣି ବଜେଟ୍*

(୧) ସକ୍ଷମ ପ୍ରାଧିକାରୀଙ୍କ ସହାୟତାକ୍ରମେ ସ୍ୱ ସ୍ୱ କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି, ତାହାର *ନିୟନ୍ତ୍ରଣାଧିନ* କାର୍ଯ୍ୟକ୍ଷେତ୍ର *ନିମନ୍ତେ ନିମ୍ନମତେ ଏକ ପାଣି ବଜେଟ୍ ପ୍ରସ୍ତୁତ କରିବ :*

(କ) ଖରିଫ ଋତୁ ଆରମ୍ଭ ହେବାର ଏକ ମାସ ପୂର୍ବରୁ ପ୍ରକଳ୍ପ କମିଟି, ସରକାର ସମୟକୁ ସମୟ ଯେପରି *ନିର୍ଦ୍ଦେଶ ଦେବେ ତାହା ପ୍ରତି ସାପେକ୍ଷ ହୋଇ ଜଳଭଣ୍ଡାରକୁ ପ୍ରତ୍ୟାଶିତ ଜଳ ପ୍ରବାହ ଓ ବିଦ୍ୟମାନ* ଜଳର ଆକଳନ କରିବେ ଏବଂ ସମସ୍ତ ଜଳ ବଣ୍ଟନ କମିଟିକୁ ପାଣି ବଣ୍ଟନ କମିଟିକୁ ପାଣି ବଣ୍ଟନ କାର୍ଯ୍ୟ ସମ୍ପନ୍ନ କରିବେ । ବଣ୍ଟନ କମିଟି, ତାହାର ଅଧିକାରିତା ମଧ୍ୟରେ ଥିବା ପାଣି ପଞ୍ଚାୟତକୁ ପାଣି ବଣ୍ଟନ କରିବ ;

(ଖ) ରବି ଋତୁ *ନିମନ୍ତେ ପ୍ରକଳ୍ପ କମିଟି ଖରିଫ ଋତୁ ଆରମ୍ଭରେ ପାଣିର ବାସ୍ତବ ଉପଲବ୍ଧତାକୁ ଭିତ୍ତିକରି କେତେ କ୍ଷେତ୍ରରେ ସେଚନ* କରାଯିବ ତାହା ସ୍ଥିର କରିବେ। ସେପରି ଉପଲବ୍ଧ ପାଣିକୁ ବଣ୍ଟନ କମିଟି ଓ ପାଣି ପଞ୍ଚାୟତଗୁଡ଼ିକ ମଧ୍ୟରେ ପର୍ଯ୍ୟାୟକ୍ରମେ ସୁଷମ ବଣ୍ଟନ କରାଯିବ;

(ଗ) ପାଣିର ଉପଲବ୍ଧତାକୁ ଭିତ୍ତିକରି ପାଣି ପଞ୍ଚାୟତ କୃଷକ ଓ କୃଷି ବିଭାଗର କର୍ମଚାରୀମାନଙ୍କ ସହିତ ପରାମର୍ଶ କ୍ରମେ ଏକ ଉପଯୁକ୍ତ ଫସଲ ଯୋଜନା ପ୍ରସ୍ତୁତ କରିବ;

(ଘ) ପ୍ରତ୍ୟେକ କୃଷକ ସଂଗଠନ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବ ଯେଉଁଥିରେ କି ପାକ୍ଷିକ ଭିତ୍ତିରେ କେତେ ପାରି ଉଠାଯିବ ତାହା ବିନିର୍ଦ୍ଧିଷ୍ଟ କରାଯିବ;

(ଙ) କୃଷକ ସଂଗଠନ ଦ୍ୱାରା *ନିଷ୍ପତ୍ତି ହେବା ପ୍ରକାରେ ନିର୍ଦ୍ଧିଷ୍ଟ ଗଜ୍ ପଏଣ୍ଟରେ ପ୍ରତ୍ୟେକ ଦିନ* ପାଣିର ଉଠାଣ ପର୍ଯ୍ୟାଲୋଚନା କରାଯିବ;

(ଚ) ପ୍ରତି ପକ୍ଷ ଶେଷରେ ପ୍ରତ୍ୟେକ କୃଷକ ସଂଗଠନ ଦ୍ୱାରା ପାଣିର ଉଠାଣ ଓ ବଣ୍ଟନ ସମ୍ପର୍କରେ ସମୀକ୍ଷା କରାଯିବ ଓ ସଂଶୋଧନ ପାଇଁ ପଦକ୍ଷେପ ନିବଯିବ; ଏବଂ

(ଛ) ପ୍ରତ୍ୟେକ ଋତୁ ଶେଷରେ ପ୍ରତ୍ୟେକ କୃଷକ ସଂଗଠନ ପାଣି ପାଉଛନ୍ତି ଓ ବ୍ୟବହାର କରିଛନ୍ତି ତଥା କେତେ ଜମି ସେଚିତ ହୋଇଛି କେତେ ପରିମାଣରେ ପାଣି ଯୋଗାଇ ଦିଆଯାଇଛି ଓ କେତେ ଫସଲ ଉତ୍ପାଦିତ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରବେ।

## ପାଣି ବିନିୟମନ

୨୮। ପାଣି ବଜେଟ୍ ପ୍ରସ୍ତୁତ ହେବା ପରେ କୃଷକ ସଂଗଠନ, ପାଣି ବିନିୟମନର ଏକ ଯୋଜନା ନିମ୍ନମତେ ତିଆରି କରିବେ।

(କ) ଖଲାସ କରାଯିବା ଓ ବନ୍ଦ କରାଯିବାର ତାରିଖ ଯଥେଷ୍ଟ ପୂର୍ବରୁ ସମସ୍ତ ସଭ୍ୟଙ୍କୁ ଜଣାଇ ଦିଆଯିବ;

(ଖ) ପାଣି ବିନିୟମନରେ ସମସ୍ତ ବ୍ୟବହାରକାରୀମାନଙ୍କ ମଧ୍ୟରେ ପାଣିର ସୁଷମ ବଣ୍ଟନ ମୁଖ୍ୟନୀତିହେବ।

(ଗ) ଏକ କୃଷକ ସଂଗଠନ ପ୍ରସ୍ତୁତ ହୋଇଥିବା କାର୍ଯ୍ୟକାରୀ ଯୋଜନା ଅନୁସାରେ ପାଣି ଉଠାଇବେ ଓ ପାଣି ପ୍ରବାହକୁ ପର୍ଯ୍ୟାଲୋଚନା କରିବେ ;

(ଘ) ଏକ କୃଷକ ସଂଗଠନରେ ପ୍ରତ୍ୟେକ *ନିର୍ଗମପଥ ନିମନ୍ତେ ଗୋଟିଏ ଉଆରାବନ୍ଦୀ ଅନୁସୂଚୀ ପ୍ରସ୍ତୁତ କରାଯିବ ; ଏବଂ*

(ଙ) ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ ଏକ କୃଷକ ସଂଗଠନର ଯେପରି ଆବଶ୍ୟକ ହୋଇପାରେ ସେପରି ଉପକରଣମାନ ତାହାର ଅଧିକାରୀତା ମାଧ୍ୟମରେ ସ୍ଥାପନ କରିପାରିବ ।

## ହିସାବ ଓ ଅର୍ଥ

୨୯ । (୧) କୃଷକ ସଂଗଠନ ଏକ ଜାତୀୟକ୍ଷରଣ ବ୍ୟାଙ୍କରେ ବା ଏକ ସମବାୟ ବ୍ୟାଙ୍କରେ ନିଜ ନାମରେ ଏକ ଆକାଉଣ୍ଟ ଖୋଲିବ ଏବଂ ତାହା ସଭାପତି ଓ ସଂପାଦକଙ୍କ ଦ୍ୱାରା ମିଳିତ ଭାବରେ ଚାଲୁ କରାଯିବ । କୋଷାଧ୍ୟକ୍ଷ କ୍ୟାସବୁକ୍ ଓ ଯଥୋଚିତ ଭାଉଚର ଏବଂ ରସିଦ୍ ସହିତ ଖର୍ଚ୍ଚର ହିସାବ ରଖିବେ ।

(୨) ପ୍ରତ୍ୟେକ ଖର୍ଚ୍ଚ ପାଇଁ ଏକ ରସିଦ୍ ବା ଭାଉଚର ରହିବ ଯାହାକୁ କି ସଭାପତି ପ୍ରଦାନ *ନିମନ୍ତେ ଯଥାବିଧି ପାସ୍ କରିବେ ।*

(୩) ପ୍ରତ୍ୟେକ ଖର୍ଚ୍ଚ ଅର୍ଥ ସବ୍‌କମିଟି / କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଅନ୍ୟୁନ ମାସକରେ ଥରେ ଅନୁମୋଦିତ ହେବା ଆବଶ୍ୟକ ।

(୪) ପ୍ରତ୍ୟେକ ସଂଗଠନ *ନିମ୍ନଲିଖିତ ରେଜିଷ୍ଟରମାନ* ଚାଲୁରଖିବେ

(କ) କ୍ୟାସ୍ ବୁକ୍

(ଖ) ବିଲ ରେଜିଷ୍ଟର

(ଗ) ରସିଦ୍ ବହି

(ଘ) ଆସ୍ତି ବା ସମ୍ପତ୍ତି ରେଜିଷ୍ଟର

(ଙ) ଜଳକର ଦାବି ଓ ଅସୁଲ ରେଜିଷ୍ଟର

(ଚ) ଭୂମିଧାରକମାନଙ୍କ ରେଜିଷ୍ଟର; ଏବଂ

(ଛ) କେନାଲର ମରାମତି ଓ ରକ୍ଷଣାବେକ୍ଷଣ ରେଜିଷ୍ଟର ।

ଟିପ୍ପଣୀ – ପ୍ରତ୍ୟେକ ରେଜିଷ୍ଟରରେ କୃଷକ ସଂଗଠନ *ନାମ, ଠିକଣା ଓ ମୋହର ରହିବ ଏବଂ ସେଗୁଡ଼ିକୁ* *ମେସିନ୍* ଦ୍ୱାରା ସଂଖ୍ୟାକୃତ କରାଯିବ ।

**ଅନ୍ୟାନ୍ୟ ରେକର୍ଡର ରକ୍ଷଣାବେକ୍ଷଣ ।**

୩୦ । ପ୍ରତ୍ୟେକ କୃଷକ ସଂଗଠନ ନିମ୍ନଲିଖିତ ରେକର୍ଡମାନ ଚାଲୁରଖିବେ :

(i) ଅଧିନିୟମ, ନିୟମାବଳୀ., *ନର୍ଦ୍ଦେଶାବଳୀ ଏବଂ* କମିସନର/ ସରକାରଙ୍କ ଆଦେଶଗୁଡ଼ିକର ଏକ ଅଦ୍ୟତନ ନକଲ;

(ii) ସଂଗଠନର ସୀମା ମାଧ୍ୟମରେ ଥିବା ପାଣି ସ୍ରୋତ ପ୍ରଣାଳୀର ଚଉହଦି ଓ ଅଧୀକାରିତା ଦର୍ଶାଉଥିବା ଏକ ମାନଚିତ୍ର ;

(iii) ଫର୍ମ (ଘ) ରେ ଭୂ–ଧାରକ ଓ ପାଣି ବ୍ୟବହାରକାରୀମାନଙ୍କ ତାଲିକା ତଥା ସେମାନଙ୍କର ଭୂମିଜୋତ ସମ୍ବଳିତ ଏକ ରେଜିଷ୍ଟର;

(iv) ଫର୍ମ (ଙ) ରେ ସେଚିତ ହୋଇଥିବା ଭୂମି ଓ ପ୍ରତ୍ୟେକ ବ୍ୟବହାରକାରୀମାନଙ୍କ *ନିମନ୍ତେ ଜଳକର ଦାବୀ* ଓ ପ୍ରତ୍ୟେକ ଋତୁରେ ସଂଗ୍ରହ ହୋଇଥିବା ପରିମାଣ ଦର୍ଶାଉଥିବା ଏକ ରେଜିଷ୍ଟର ;

(v) ଫର୍ମ (ଚ) ରେ ଋତୁ ମଧ୍ୟରେ ହାତକୁ ନିଆଯାଇଥିବା କାର୍ଯ୍ୟ ଓ ସେଗୁଡ଼ିକର ଅଟକଳ ଓ ବ୍ୟୟ ଦର୍ଶାଉଥିବା ଏକ ବିଲ ରେଜିଷ୍ଟର;

(vi) ଫର୍ମ (ଛ) ରେ କ୍ୟାସ୍ ବୁକ୍, ଏଥିରେ କୃଷକ ସଂଗଠନର ଦୈନିକ ପ୍ରାପ୍ତି ଓ ଖର୍ଚ୍ଚ ଗୁଡ଼ିକ ଦର୍ଶାଯିବ;

(vii) ଫର୍ମ (ଜ) ରେ ରସିଦ ବହି;

(viii) ଫର୍ମ (ଝ) ରେ ଆସ୍ତି ବା ସମ୍ପତ୍ତି ରେଜିଷ୍ଟର ଏବଂ

(ix) ଫର୍ମ (ଟ) ରେ କେନାଲ ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ *ନିମନ୍ତେ ରେଜିଷ୍ଟର; ଏବଂ*

(x) ବିବରଣୀ ପୁସ୍ତକ

ପ୍ରତ୍ୟେକ ସାଧାରଣ *ନିକାୟ ବୈଠକ ଓ କାର୍ଯ୍ୟବିଧି ସଂପାଦକଙ୍କ ଦ୍ୱାରା ନୁମୋଦିତ ହେବ;*

(xi) ପ୍ରତ୍ୟେକ ସବ୍‌କମିଟି ବୈଠକର ପ୍ରତ୍ୟେକ କାର୍ଯ୍ୟବିଧି ସଂପାଦକଙ୍କ ଦ୍ୱାରା ଲିପିବଦ୍ଧ ହେବ ଏବଂ ସବ୍‌କମିଟିର ଜଣେ ସଦସ୍ୟଙ୍କ ଦ୍ୱାରା ଅନୁମୋଦିତ ହେବ।

ଫିସ୍ / ଜଳକର ବସାଣ ଓ ସଂଗ୍ରହ

୩୧। (୧) କେବଳ ସାଧାରଣ *ନିକାୟର ଏକ ସଂକଳ୍ପ ଅନୁସାରେ* କୌଣସି ଫିସ୍ / ଜଳକର ବସାଯାଇପାରିବ ଯାହାର ଉଦ୍ଦେଶ୍ୟ

(କ) ସୁବିଧା ଯୋଗାଇଦେବା; ବା

(ଖ) ନିର୍ଦ୍ଦିଷ୍ଟ ସେବା ଯୋଗାଇଦେବା; ବା

(ଗ) କୃଷକ ସଂଗଠନର କେତେକ ଜରୁରୀ ଆବଶ୍ୟକତା ତର୍ଜମା କରିବା; ବା

(ଘ) କୃଷକ ସଂଗଠନର ଆସ୍ତି ଗଠନ କରିବା; ବା

(ଙ) ପଦ୍ଧତିରେ ଉନ୍ନତି କରିବା ।

(୨) ଉଠା ଜଳସେଚନ କ୍ଷେତ୍ରରେ ଜଳକର *ନିମ୍ନଲିଖିତଗୁଡ଼ିକୁ ଅନ୍ତର୍ଭୁକ୍ତ* କରାଯିବ

(କ) ବିଦ୍ୟୁତ୍ ଦେୟ

(ଖ) ରକ୍ଷଣାବେକ୍ଷଣ ଓ ମରାମତି *ନିମନ୍ତେ*

(ଗ) ପଦ୍ଧତିରେ ଉନ୍ନତି କରିବା ପାଇଁ ଦେୟ ; ଏବଂ

(ଘ) ବଦଳାଇବା ଖର୍ଚ୍ଚ

*(୩)* କାର୍ଯ୍ୟନିର୍ବାହୀ କମିଟି ଭୂମିଜୋତ ସହିତ ସମାନୁପାତ ହେଉଥିବା ଫିସ୍ / ଜଳକର ପରିମାଣ ସ୍ଥିର କରିବ ଏବଂ ଫର୍ମ (ଞ) ରେ ନୋଟିସ୍ ଜାରି କରିବ; ଏବଂ ଉଠାଜଳସେଚନ ପଏଣ୍ଟ ସ୍ଥଳେ କାର୍ଯ୍ୟନିର୍ବାହୀ କମିଟି, ଆୟାକଟରେ ଯେଉଁ ବ୍ୟବହାରକାରୀ କୃଷକମାନେ ଋତୁ ମଧ୍ୟରେ କୌଣସି କୃଷି କାର୍ଯ୍ୟ କରୁନଥିବେ ସେମାନଙ୍କ ସମ୍ପର୍କରେ ସାଧାରଣ *ନିକାୟରେ ଯେପରି ନିଷ୍ପତ୍ତି ହେବ ସେପରି ସର୍ବନିମ୍ନ ହାରରେ ଜଳକର ନିର୍ଦ୍ଧାରଣ କରିପାରିବ।*

(୪) ଅସୁଲ ହୋଇଥିବା ସମସ୍ତ ଫିସ୍ / ଜଳକର ଉଚିତ ରସିଦ୍ ଦ୍ୱାରା ଯଥାବିଧି ହିସାବକୁ ନିଆଯିବ।

(୬) (କ) ଯଦି କୃଷକ ସଂଗଠନ ଦ୍ୱାରା ବସାଯାଇଥିବା ସେପରି କର / ଜଳକର ପ୍ରଦାନ କରିବାରେ କୌଣସି ସଦସ୍ୟ ଖିଲାପ କରନ୍ତି, ତେବେ କାର୍ଯ୍ୟନିର୍ବାହୀ କମିଟି ଖିଲାପକାରୀ ତଥା ସେମାନଙ୍କଠାରୁ ବକେୟା ପରିମାଣର ଏକ ତାଲିକା ପ୍ରସ୍ତୁତ କରି ତାହାକୁ ନୋଟିସ୍ ବୋର୍ଡରେ ପ୍ରକାଶ କରିବେ ।

(ଖ) ଖଣ୍ଡ (କ) ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଖିଲାପକାରୀମାନଙ୍କ ତାଲିକାଟି କୃଷକ ସଂଗଠନର କାର୍ଯ୍ୟ ସଂପାଦନ କ୍ଷେତ୍ର ଯେଉଁ ତହସିଲଦାରଙ୍କ ଅଧିକାରିତା ମଧ୍ୟରେ ଥିବ ତାହାଙ୍କ *ନିକଟକୁ ଓଡ଼ିଶା ସରକାରୀ ପାଉଣା ଅସୁଲ ଅଧିନିୟମ* ଅନୁଯାୟୀ ଅସୁଲ *ନିମନ୍ତେ ପଠାଯିବ ।*

## ଆର୍ଥିକ ଅଡ଼ିଟ୍

୩୨ । ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ଅଥଚ ନୂତନ ଆଥିକ ବର୍ଷ ଆରମ୍ଭ ହେବାର ସର୍ବାଧିକ ତିନି ମାସ ମଧ୍ୟରେ ପ୍ରତ୍ୟେକ କୃଷକ ସଂଗଠନ ତାହାର ହିସାବପତ୍ର ଗୁଡ଼ିକୁ ନିମ୍ନମତେ ଅଡ଼ିଟ୍ କରାଇବ :

(i) ଅଡ଼ିଟ୍ କାର୍ଯ୍ୟରେ ଯଥେଷ୍ଟ ଅଭିଜ୍ଞତାସଂପନ୍ନ ଜଣେ ଅଡ଼ିଟରଙ୍କୁ କାର୍ଯ୍ୟ ନିର୍ବାହୀ କମିଟି ନିଯୁକ୍ତ କରିବ ;

(ii) ସେପରି *ନିଯୁକ୍ତ ହୋଇଥିବା ଅଡ଼ିଟର୍ କୃଷକ ସଂଗଠନ*ର କାର୍ଯ୍ୟ ସଂମ୍ପାଦନ କ୍ଷେତ୍ର ମଧ୍ୟରେ ଜଣେ ସୁଖ୍ୟାତ ବ୍ୟକ୍ତି ହୋଇଥିବେ ।

(iii) ସେପରି *ନିଯୁକ୍ତ ଅଡ଼ିଟର ପ୍ରାପ୍ତ ଓ ବ୍ୟୟର ହିସାବପତ୍ର ଯାଞ୍ଚ କରିବା ସକାଶେ ସମସ୍ତ ଆବଶ୍ୟକ ପଦକ୍ଷେପ ନେବେ* ଏବଂ ଅଡ଼ିଟ୍ ରିପୋର୍ଟ ସହିତ ହିସାବ ବିବରଣୀ ଓ ବାଲାନ୍ସ ସିଟ୍ ଯଥାବିଧି ଅନୁପ୍ରମାଣିତ କରି ସଂପୃକ୍ତ କୃଷକ ସଂଗଠନର ସଭାପତିଙ୍କ ନିକଟରେ ଦାଖଲ କରିବେ ।

(iv) ଅଡ଼ିଟ୍ ରିପୋର୍ଟଟି ଅନୁମୋଦନ *ନିମନ୍ତେ ସାଧାରଣ ନିକାୟ ନିକଟରେ ଉପସ୍ଥାପନ କରାଯିବ ।*

(v) ଅଡ଼ିଟ୍ ରିପୋର୍ଟରେ ଦର୍ଶାଯାଇଥିବା ପ୍ରତ୍ୟେକ ବିଷୟ ସଂକ୍ରାନ୍ତରେ ଏକ କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ସାଧାରଣ *ନିକାୟକୁ କର୍ମସଂପାଦନ* ରିପୋର୍ଟ ଦେବେ ଏବଂ କାର୍ଯ୍ୟନିର୍ବାହୀ କମିଟି ସେ ସଂକ୍ରାନ୍ତରେ ସାଧାରଣ ନିକାୟର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବ;

(vi) ଯଦି ବର୍ଷକୁ ସମୁଦାୟ କାରବାର ଟ୧୦,୦୦,୦୦୦ (ଦଶ ଲକ୍ଷ ଟଙ୍କା) ରୁ ଅଧିକ ହୋଇଥାଏ, ତେବେ କୃଷକ ସଂଗଠନ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଉକ୍ତ କାର୍ଯ୍ୟ ପାଇଁ ନଯୋଜିତ କରିବ; ଏବଂ

(vii) କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ଅନୁମୋଦନ କରିବା ପ୍ରକାରେ ଅଡ଼ିଟରଙ୍କ ଫିସ୍ ସ୍ଥିର କରାଯିବ ।

**ଅପରାଧ ଓ ଶାସ୍ତି**

୩୩। (୧) ଅଧିନିୟମର ଧାରା ୨୩ରେ ବିନିର୍ଦ୍ଧିଷ୍ଟ ଯେକୌଣସି ଅପରାଧ ପାଇଁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ କୃଷକ ସଂଗଠନର ଅଧିକାର ରହିବ ।

(୨) କୃଷକ ସଂଗଠନର ସଭାପତି ବା ତାଙ୍କ ମନୋନିତ ବ୍ୟକ୍ତି ଅପରାଧର ନୋଟିସ୍ ସଂପୃକ୍ତ ବ୍ୟକ୍ତିଙ୍କୁ ଦେବେ ।

(୩) ଯେଉଁ ବ୍ୟକ୍ତି ଅପରାଧ କରିଥିବେ ତାଙ୍କୁ ନିଜର ସଫେଇ ଦେବା ପାଇଁ ଏବଂ ଯୁକ୍ତିଯୁକ୍ତ ସୁଯୋଗ ଦିବଯିବ ।

(୪) ଉପନିୟମ (୨) ଓ (୩) ରେ ଦର୍ଶାଯାଇଥିବା ତଥ୍ୟଗୁଡ଼ିକ ପରୀକ୍ଷା କରିବା ପରେ କାର୍ଯ୍ୟନିର୍ବାହୀ କମିଟିର ସଂଖ୍ୟାଧିକ ସଦସ୍ୟ, ଅପରାଧର ସ୍ୱଭାବ ଓ ଗୁରୁତ୍ୱ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ ।

(୫) ଯଦି ଅପରାଧଟି *ନିଃସନ୍ଦେହରେ ପ୍ରମାଣିତ ହୁଏ, ତେବେ କାର୍ଯ୍ୟ*ର୍ବାହୀ କମିଟି ଅଧିନିୟମର ଧାରା ୨୩ ଅନୁଯାୟୀ କରାଯାଇଥିବା ଅପରାଧର ସ୍ୱଭାବକୁ ଦୃଷ୍ଟିରେ ରଖି ଅଧିନିୟମର ଧାରା ୨୫ ରେ ବିନିର୍ଦ୍ଧିଷ୍ଟ ହେବା ପ୍ରକାରେ ଏକ ଯୁକ୍ତିଯୁକ୍ତ ପରିମାଣ ଜୋରିମାନା ରୂପେ ଧାର୍ଯ୍ୟ କରିବ ଏବଂ ତାହାକୁ ଅସୁଲ କରିବ ।

(୬) ଉପନିୟମ (୫) ଅନୁସାରେ ଅସୁଲ ହୋଇଥିବା ଅର୍ଥର ଯଥାବିଧି ପ୍ରାପ୍ତି ସ୍ୱୀକାର କରାଯିବ ଏବଂ ହିସାବକୁ ନିଆଯିବ ।

(୭) ଯଦି ଅପରାଧଟି ରଫାଯୋଗ୍ୟ ହୋଇ *ଥାଏ ତେବେ ସଂପାଦକ, ଅଧିନିୟ*ମର ଦାରା ୨୩ ଅନୁଯାୟୀ ଆବଶ୍ୟକୀୟ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସକାଶେ ଥାନାରେ (ଏଫ.ଆଇ.ଆର) ଦାଖଲ କରିବେ ।

**ସକ୍ଷମ ପ୍ରାଧିକାରୀଙ୍କ କୃତ୍ୟ ।**

୩୪। କୃଷକ ସଂଗଠନର କାର୍ଯ୍ୟନିର୍ବାହୀ କମିଟିର କାର୍ଯ୍ୟ ଅଧିନିୟମର ଧାରା ୨୧ର ଉପଧାରା (୧) ଅନୁଯାୟୀ *ନିଯୁକ୍ତ ସକ୍ଷମ ପ୍ରାଧିକାରୀ ନିମ୍ନଲିଖିତ କାର୍ଯ୍ୟମାନ* କରିବେ।

(କ) କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଆହୂତ ବୈଠକରେ ଉପସ୍ଥିତ ରହି ତାହାର ଆଲୋଚନାରେ ଭାଗ ନେବେ କିନ୍ତୁ ତାଙ୍କର ଭୋଟଦାନ ଅଧିକାର ରହିବ ନାହିଁ

(ଖ) ରକ୍ଷଣାବେକ୍ଷଣ ଯୋଜନା ପ୍ରସ୍ତୁତିରେ ସହାୟତା କରିବେ;

(ଗ) କର୍ମସଂପାଦନ *ନିମନ୍ତେ ଚିହ୍ନଟ କାର୍ଯ୍ୟଗୁଡ଼ିକ ପାଇଁ ଅଟକଳ ପ୍ରସ୍ତୁତ କରିବେ।*

ଟିପ୍ପଣୀ– ଜଳ ସମ୍ପଦ ବିଭାଗ ଦ୍ୱାରା ବିହିତ ରୀତି ଓ *ନିୟମ ଅ*ନୁସାରେ ଅଟକଳ ପ୍ରସ୍ତୁତ କରାଯିବ।

(ଘ) ପ୍ରତିନିହିତ କ୍ଷମତା ଅନୁସାରେ ରକ୍ଷଣାବେକ୍ଷଣ କାର୍ଯ୍ୟଗୁଡ଼ିକୁ ବୈଷୟିକ ଅନୁମୋଦନ କରିବେ। ବୈଷୟିକ ଅନୁମୋଦନ, କାର୍ଯ୍ୟର ପ୍ରଶାସନିକ ଅନୁମୋଦନ ପ୍ରତି ସୀମିତ ରହିବ;

(ଙ) ଅନୁମୋଦିତ ଜଳଚାଳିତ ବିବରଣୀ ସମ୍ପର୍କରେ ସେଚନ ପଦ୍ଧତିରେ ଯେପରି କୌଣସି ପରିବର୍ତ୍ତନ ନ ହୁଏ ସେଥିପ୍ରତି ଧ୍ୟାନ ଦେବେ;

(ଚ) ଜଳଚାଳିତ ବିବରଣୀର ଉଲ୍ଲଙ୍ଘନ କ୍ରମେ କୌଣସି କୃଷକ ସଙ୍ଗଠନ ଦ୍ୱାରା ପଦ୍ଧତିରେ କୌଣସି ହେରଫେର ବା ପରିବର୍ତ୍ତନ କରାଯାଇଥିଲେ ତାହା ଜଳ ସମ୍ପଦ ବିଭାଗର ଦୃଷ୍ଟିକୁ ଆଣିବେ। ଅଧିନିୟମ ଅନୁସାରେ ଯେପରି କାର୍ଯ୍ୟାନୁଷ୍ଠାନ *ନିଆଯାଏ ସେଥିପ୍ରତି ସେ ଧ୍ୟାନ* ଦେବେ;

(ଛ) କମିଟିର ସଦସ୍ୟମାନଙ୍କୁ ପଦ୍ଧତିର ବୈଷୟିକ ବିବରଣୀ ଯୋଗାଇଦେବେ;

(ଜ) କର୍ମ ସମ୍ପାଦନ ଯୋଜନାର ପ୍ରସ୍ତୁତି ଓ ଅନୁମୋଦନ କାର୍ଯ୍ୟରେ କାର୍ଯ୍ୟନିର୍ବାହୀ କମିଟିକୁ ସହାୟତା କରିବେ;

(ଝ) ଜଳ ଯୋଗାଣ ଓ ପାଣିପାଗ ଅବସ୍ଥାକୁ ଆଧାର କରି ଜଳ ବିନିମୟ ସଂକ୍ରାନ୍ତରେ ପରାମର୍ଶ ଦେବେ ଓ ସହାୟତା କରିବେ;

(ଞ) କୃଷକ ସଙ୍ଗଠନ ପାଇଁ ପାଣି ବଜେଟ୍ ପ୍ରସ୍ତୁତ କରିବେ;

(ଟ) ସେଚିତ କ୍ଷେତ୍ର ନିର୍ଦ୍ଧାରଣ କାର୍ଯ୍ୟରେ ସାହାର୍ଯ୍ୟ କରିବେ;

(ଠ) କୃଷକ ସଂଗଠନ ଦ୍ୱାରା *ନିଯୁକ୍ତ କୌଣସି ସାହାର୍ଯ୍ୟକାରୀମା*ଙ୍କୁ କର୍ତ୍ତବ୍ୟ ନିର୍ବାହରେ ତାଲିମ ଦେବାର ସାହାର୍ଯ୍ୟ କରିବେ;

(ଡ) ବିଭିନ୍ନ ରେଜିଷ୍ଟର ଚାଲୁ ରଖିବା କାର୍ଯ୍ୟରେ କୃଷକ ସଂଗଠନକୁ ମାର୍ଗ ଦର୍ଶନ କରିବେ; ଏବଂ

(ଢ) କରାଯାଇଥିବା କାର୍ଯ୍ୟର ମାପ ରେକର୍ଡ କରିବେ ଏବଂ *ନିର୍ମାଣ ସବ୍‌କମିଟିର ଅନୁମୋଦନ* ଭିତ୍ତିରେ କୃଷକ ସଙ୍ଗଠନ ଦ୍ୱାରା ଅର୍ଥ ପ୍ରଦାନ ସକାଶେ ବିଲ୍ ପ୍ରସ୍ତୁତ କରିବେ ।

୩୫ । କୃଷକ ସଂଗଠନର ଜଳ ସମ୍ପଦ ବିଭାଗର ଯେଉଁ ସହାୟକ ଯନ୍ତ୍ରୀଙ୍କ ଅଧିକାରିତା ମଧ୍ୟରେ ଅବସ୍ଥିତ ସେହି ପାହ୍ୟାରୁ ଉର୍ଦ୍ଧ୍ୱ ଯେକୌଣସି ଅଧିକାରୀ, କୃଷକ ସଙ୍ଗଠନର ରେକର୍ଡପତ୍ର *ନିରିକ୍ଷଣ କରିପାରିବେ ଏବଂ ତାଙ୍କ ପରିଦର୍ଶନ*ର ଏକ ରିପୋର୍ଟ ତାଙ୍କର ଉପରିସ୍ଥ ପ୍ରାଧୀକାରୀଙ୍କୁ ଦେବା ସହିତ ତାହାର ଏକ ନକଲ *ସମ୍ପୃକ୍ତ କୃଷକ ସଙ୍ଗଠନ*କୁ ଦେଇ ପାରିବେ ।

୩୬ । (୧) ଅଧିନିୟମ ଓ ଅଧନି*ୟମ*ାବଳୀର *ବିଭିନ୍ନ* ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କୃଷକ ସଙ୍ଗଠନ, ସରକାର/କମିସନର/ସରକାରୀ ପ୍ରାଧିକାରୀମାନଙ୍କୁ ସହାୟତା କରିବେ; ଏବଂ ସରକାର / କମିସନରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ / ଆଦେଶଗୁଡ଼ିକୁ ଏହା ମାନି ଚଳିବ ।

(୨) କୃଷକ ସଙ୍ଗଠନ ନିର୍ବାଚନ ପରିଚାଳନାରେ ମୁଖ୍ୟ ଯନ୍ତ୍ରୀ / ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାଚନ ପ୍ରାଧିକାରୀମାନଙ୍କୁ ସହାୟତା କରିବ ।

(୩) ଯେଉଁସଦସ୍ୟମାନେ କାର୍ଯ୍ୟନିର୍ବାହୀ କମିଟି / ସାଧାରଣ ନିକାୟର ନିଷ୍ପତ୍ତିକୁ ନ ମାନିବେ ବା ଯେଉଁମାନେ ଜଳ ସେସ୍ କର ପ୍ରଦାନ ନ କରିବେ ବା ଯେଉଁମାନେ ସଙ୍ଘର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଚାନ୍ଦା ନ ଦେବେ ସେମାନଙ୍କ ବିରୁଦ୍ଧରେ *ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ*

(କ) ସେପରି ବ୍ୟକ୍ତିମାନଙ୍କୁ ଜଳ ଯୋଗାଇ ନଦେବାକୁ ବା ସୁବିଧା ଯୋଗାଇ ନ ଦେବାକୁ କାର୍ଯ୍ୟନିର୍ବାହୀ କମିଟି *ନିଷ୍ପତ୍ତି* ନେଇ ପାରିବ;

(ଖ) କାର୍ଯ୍ୟନିର୍ବାହୀ କମିଟି କ୍ଷତିର ଅସୁଲ ପାଇଁ ଆଦେଶ କରିପାରିବ ଏବଂ କୃଷକ ସଙ୍ଗଠନର ଆସ୍ତି ବା ଆୟର ଯେଉଁ କ୍ଷତି ହୋଇଥିବ ତାହାର ପୂରଣ କରାଇ ପାରିବ; ଏବଂ

(ଗ) ଏହା ବଳବତ୍ତର ଥିବା ଅନ୍ୟ କୌଣସି ଅଧିନିୟମ ଅନୁଯାୟୀ ଯେଉଁ ଶାସ୍ତି ଆରୋପ କରାଯାଇପାରିବ ସେଥିପ୍ରତି କୌଣସି ଆଞ୍ଚ ଆଣିବ ନାହିଁ।

(୪) ଯଦି କାର୍ଯ୍ୟନର୍ବାହୀ କମିଟି ତାହାର କୌଣସି କୃତ୍ୟ *ନିର୍ବାହୀ କରିବାରେ ବିଫଳ ହୁଏ, ତେବେ ସକ୍ଷମ ପ୍ରାଧୀକାରୀ ଆଇନ* ଅନୁସାରେ ସେହି କୃତ୍ୟଗୁଡ଼ିକ *ନିର୍ବାହ କରିବା ଆଇନସନ୍ମତ* ହେବ।

## କୃଷକ ସଙ୍ଗଠନ ପାଇଁ ନିର୍ବାଚନ ପ୍ରକ୍ରିୟା

୩୭। (୧) ଅଧିନିୟମ ଅନୁଯାୟୀ ଚକ କମିଟିର ସଦସ୍ୟ, କୃଷକ ସଙ୍ଗଠନର କାର୍ଯ୍ୟନିର୍ବାହୀ କମିଟି ଏବଂ ସଭାପତି/ସମ୍ପାଦକ କୋଷାଧ୍ୟକ୍ଷଙ୍କ ସାମୟିକ ଶୂନ୍ୟସ୍ଥାନ ସମେତ ସମସ୍ତ ଶୂନ୍ୟସ୍ଥାନ ସମ୍ପର୍କରେ *ନିର୍ବାଚନ* ଅଧୀକ୍ଷଣ, ନର୍ଦ୍ଦେଶନା ନିୟନ୍ତ୍ରଣ ଓ ପରିଚାଳନା ଭାର ସମ୍ପୃକ୍ତ ପରିଯୋଜନାର ନିର୍ବାଚନ ପ୍ରାଧୀକାରୀଙ୍କଠାରେ ନ୍ୟସ୍ତ ହେବ।

(୨) ବୃହତ୍ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପରିଯୋଜନା ସ୍ଥଳେ ସମ୍ପୃକ୍ତ ପରିଯୋଜନାର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଉଠା ଜଳସେଚନ ପରିଯୋଜନା ସ୍ଥଳେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବା ସରକାରଙ୍କ ଦ୍ୱାରା ପ୍ରାଧୀକୃତ ଅନ୍ୟ ଯେକୌଣସି ଅଧିକାରୀ ନିର୍ବାଚନ ପ୍ରାଧୀକାରୀ ହେବ।

(୩) ଧାର୍ଯ୍ୟ ଅଧୀକାରିତା ମଧ୍ୟରେ ନିର୍ବାଚନ ପରିଚାଳନା କରିବା ସକାଶେ ନିର୍ବାଚନ ପ୍ରାଧୀକାରୀ ରାଜ୍ୟ ସରକାରଙ୍କର ଜଣେ ଗେଜେଟେଡ୍ ଅଧୀକାରୀଙ୍କୁ ନିର୍ବାଚନ ଅଧୀକାରୀ ରୂପେ ନିଯୁକ୍ତ କରିପାରିବେ।

(୪) ନିର୍ବାଚନ ଅଧିକାରୀଙ୍କୁ ସହାୟତା କରିବା ପାଇଁ ନିର୍ବାଚନ ପ୍ରାଧିକାରୀ ରାଜ୍ୟ ସରକାରଙ୍କର ଏକ ବା ଏକାଧିକ ଅଧିକାରୀଙ୍କୁ ସହାୟତା ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତ କରିପାରିବେ।

(୫) ନିର୍ବାଚନ ଅଧିକାରୀଙ୍କ *ନିୟନ୍ତ୍ରଣ ପ୍ରତି ସାପେକ୍ଷ ହୋଇ ପ୍ରତ୍ୟେକ ସହାୟକ ନିର୍ବାଚନ ଅଧିକାରୀ, ନିର୍ବାଚନ ଅଧିକାରୀଙ୍କର ଯେକୌଣସି କୃତ୍ୟ ସମ୍ପାଦନ କରିବା ପାଇଁ ସକ୍ଷମ ହେବେ।*

(୬) ଅଧିନିୟମ ଓ ତଦଧୀନ ପ୍ରଣୀତ *ନିୟମାବଳୀ ଅନୁଯାୟୀ* ବ୍ୟବସ୍ଥା କରାଯାଇଥିବା ରୀତିରେ ନିର୍ବାଚନ ପରିଚାଳନା ସକାଶେ ଯେପରି ଆବଶ୍ୟକ ହୋଇପାରେ ସେପରି କୃତ୍ୟ ସମ୍ପାଦନ କରିବା ପ୍ରତ୍ୟେକ ନିର୍ବାଚନ ଅଧିକାରୀ/ସହାୟକ ନିର୍ବାଚନ ଅଧିକାରୀଙ୍କର ସାଧାରଣ କର୍ତ୍ତବ୍ୟ ହେବ।

(୭) ନିର୍ବାଚନ ପ୍ରାଧିକାରୀ ବା ତାଙ୍କ ଦ୍ୱାରା ପ୍ରାଧୀକୃତ ଅନ୍ୟ କୌଣସି ଅଧିକାରୀ, ନିର୍ବାଚନ ପ୍ରକ୍ରିୟାରେ ତାଙ୍କୁ ସହାୟତା କରିବା ପାଇଁ ସେ ଯେପରି ଆବଶ୍ୟକ ମନେ କରିବେ ସେତିକି ସଂଖ୍ୟକ ପୋଲିଂ ଅଧିକାରୀ ନିଯୁକ୍ତ କରିବେ।

ପରନ୍ତୁ ସେପରି ପୋଲିଂ ଅଧିକାରୀ ସରକାରୀ କର୍ମଚାରୀ ହୋଇଥିବା ଆବଶ୍ୟକ।

**ନିର୍ବାଚନ ସକାଶେ ସାଧାରଣ ପ୍ରକ୍ରିୟା**

୩୮। (୧) ନିର୍ବାଚନ ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରେ କୌଣସି ବ୍ୟକ୍ତିଙ୍କ ନାମ ନ ଥିଲେ, ସେ ଜଣେ ପ୍ରାର୍ଥିଙ୍କ ପ୍ରସ୍ତାବକ ବା ସମର୍ଥକ ହେବା ପାଇଁ ଯୋଗ୍ୟ ହେବ ନାହିଁ।

(୨) ନିର୍ବାଚନ ପ୍ରାଧିକାରୀ ଏକ ମାମୁଲି ନିର୍ବାଚନ ପାଇଁ ବା ମୃତ୍ୟୁ, ଇସ୍ତଫା ବା ବାତିଲ୍ ଜନିତ ଶୂନ୍ୟସ୍ଥାନ ପୂରଣ ସକାଶେ ନିର୍ବାଚନ ପାଇଁ ନିର୍ବାଚନର ତାରିଖ ଅଧିସୂଚନା ଦ୍ୱାରା ପ୍ରକାଶ କରିବେ / କରାଇବେ।

ପରନ୍ତୁ ନିର୍ବାଚନ ପୂର୍ବରୁ କୃଷକ ସଙ୍ଗଠନ କ୍ଷେତ୍ର ମଧ୍ୟରେ ନିର୍ବାଚନ ପାଇଁ ନୋଟିସ୍ ପ୍ରକାଶ କରାଯିବ। ଅଧିକନ୍ତୁ ନିର୍ବାଚନ ପ୍ରାଧିକାରୀଙ୍କ ଦ୍ୱାରା ଅଧିସୂଚିତ ହୋଇଥିବା ନିର୍ବାଚନ ତାରିଖକୁ ସକାରଙ୍କ ପୂର୍ବ ଅନୁମୋଦନ ବିନା ବଦଳାଯିବ ନାହିଁ କି ସ୍ଥଗିତ ରଖାଯିବ ନାହିଁ।

(୩) ନିର୍ବାଚନ ଅଧିକାରୀ ଗୋପନୀୟ ଭୋଟଦାନ ପଦ୍ଧତିରେ ନିର୍ବାଚନ ଅନୁଷ୍ଠିତ କରାଇବେ। ଭୋଟଦାନର ଗୋପନୀୟତାକୁ ପ୍ରଭାବିତ ନ କରି ଭୋଟ କାଗଜଗୁଡ଼ିକ ଯେପରି ଏକ ରନ୍ଧ୍ର ମଧ୍ୟ ଦେଇ ଭୋଟ ବାକ୍ସ ଭିତରକୁ ପୂରାଯାଇ ପାରିବ, ଭୋଟ ବାକ୍ସ ସେପରି ତିଆରି ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କର ହୃଦବୋଧ ହେବା ପରେ ସେ ଅନ୍ୟୁନ ଗୋଟିଏ ଭୋଟ ବାକ୍ସ ଯୋଗାଇଦେବେ। ଭୋଟ ବାକ୍ସଟି ଗ୍ରହଣ କ୍ଷେନ୍ଦ୍ରରେ ନିର୍ବାଚନ ଅଧିକାରୀ ଦେଖୀପରୁଥିବା ଏକ ସ୍ଥାନରେ ରଖାଯିବ।

(୪) *ନିର୍ବାଚନରେ ଯେଉଁ ଚିହ୍ନ ଗୁଡ଼ିକ ବ୍ୟବହାର କରାଯିବ ତାହା ସରକାର ସମୟକୁ ସମୟ ଅଧିସୂଚିତ କରିବେ। ବିଭିନ୍ନ* ରାଜନୈତିକ ଦଳ ପାଇଁ ଭାରତର *ନିର୍ବାଚନ କମିସନ୍‌ଙ୍କ ଦ୍ୱାରା ଆବଣ୍ଟନ କରାଯାଇଥିବା ଚିହ୍ନ ଗୁଡ଼ିକ ଏଥିରେ ସାମିଲ୍ ହେବ ନାହିଁ।*

(୫) ନିମ୍ନଲିଖିତ ଯେକୌଣସି ଏକ ବା ଏକାଧିକ କାରଣରୁ ଗୋଟିଏ ଭୋଟ ନାକଚ ହୋଇଯିବ :

(କ) ଯଦି ଭୋଟ କାଗଜରେ ଭୋଟରଦାତାଙ୍କ ସ୍ୱାକ୍ଷର ଥାଏ

(ଖ) ଯଦି ଟୀର ଛକି ଚିହ୍ନଟି ଗୋଟିଏ ପଦ *ନିମନ୍ତେ ଏକାଧିକ ପ୍ରାର୍ଥି / ଚିହ୍ନ ଉପରେ ମରାଯାଇଥାଏ;*

(ଗ) ଯଦି ଟୀର ଛକି ଚିହ୍ନଟି ଏପରି ମରାଯାଇଥାଏ ଯଦ୍ଦ୍ୱରା କେଉଁ ପ୍ରାର୍ଥିଙ୍କୁ ଭୋଟ ଦିଆଯାଇଛି ତାହା ସନ୍ଦେହଜନକ ହୋଇପଡ଼େ ।

(ଘ) ଯଦି ଭୋଟ କାଗଜରେ ନିର୍ବାଚନ ଅଧିକାରୀଙ୍କ ଅଧୀପ୍ରମାଣନ ଚିହ୍ନ ନଥାଏ

(ଙ) ଯଦି କୌଣସି ପ୍ରାର୍ଥି / ଚିହ୍ନ ପାର୍ଶ୍ୱରେ ଟୀର ଛକି ଚିହ୍ନ ମରାଯାଇ ନଥାଏ ।

(୬) (କ) ଯଦି ଯେକୌଣସି ସମୟରେ ଓ ଯେକୌଣସି ସ୍ଥଳେ ଯେକୌଣସି କାରଣରୁ ନିର୍ବାଚନ କାର୍ଯ୍ୟବିଧୀରେ ବିଘ୍ନ ବା ବାଧା ସୃଷ୍ଟି ହୁଏ ଏବଂ ତଦ୍ଦ୍ୱାରା ସଠିକ୍ ଓ ନିରପେକ୍ଷ ନିର୍ବାଚନର ପରିଚାଳନା ପ୍ରଭାବିତ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କର ହୃଦବୋଧ ହୁଏ, ତେବେ ସେ ନିର୍ବାଚନକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେବେ ଏବଂ ସଙ୍ଗେ ସଙ୍ଗେ ସେ ବିଷୟ ନିର୍ବାଚନ ପ୍ରାଧୀକାରୀଙ୍କୁ ଜଣାଇବେ ।

(ଖ) ନିର୍ବାଚନ ପ୍ରାଧିକାରୀ ସେପରି ସୂଚନା ପାଭବା ପରେ ଏବଂ ସେ ଯେପରି ଉପଯୁକ୍ତ ମନେ କରିବେ ସେପରି ତଦନ୍ତ କରିବା ପରେ କାରଣ ଉଲ୍ଲେଖ କରି ନିର୍ବାଚନର କାର୍ଯ୍ୟବିଧିକୁ ଅଦିଛ ଘୋଷଣା କରିବେ ଏବଂ ସାନି ନିର୍ବାଚନ କରିବା ପାଇଁ ନିର୍ଦ୍ଦେଶ ଦେବେ । ଏ ସମ୍ପର୍କରେ *ନିର୍ବାଚନ* ପ୍ରାଧିକାରୀଙ୍କର *ନିଷ୍ପତ୍ତି ଚୂଡ଼ାନ୍ତ ହେବ ।*

(୭) ଏକ *ନିର୍ଦ୍ଦିଷ୍ଟ କୃଷକ ସଙ୍ଗଠନ*ର ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ପରେ *ନିର୍ବାଚନ*ଅଧିକାରୀ , ବ୍ୟବହୃତ ଓ ଅପବ୍ୟବହୃତ ଭୋଟ କାଗଜ, ଭୋଟ ବାକ୍ସ, ନିର୍ବାଚନର ବିବରଣୀ, ଫଳାଫଳ ଫର୍ଦ୍ଧ ଇତ୍ୟାଦି ସମେତ ସମସ୍ତ ନିର୍ବାଚନ ସଂକ୍ରାନ୍ତ କାଗଜାତ୍ / ସାମଗ୍ରୀ ନିର୍ବାଚନ ପ୍ରାଧୀକାରୀଙ୍କ ନିକଟରେ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବାର ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବେ ।

## ଚକ କମିଟିର ସଦସ୍ୟମାନଙ୍କ ନିର୍ବାଚନ

୩୯ । (୧) ନିର୍ବାଚନ ନିମନ୍ତେ ନୋଟିସ୍ କରାଯିବା ଦିନ ନିର୍ବାଚନ ପ୍ରାଧୀକାରୀ ଚକର ନିର୍ବାଚନ ନାମାବଳୀ ତିନି ଭାଗରେ ପ୍ରକାଶ କରିବେ, ଯଥା–ଉପର ମୁଣ୍ଡ, ମଝି ମୁଣ୍ଡ ଓ ତଳ ମୁଣ୍ଡ । ଆବଶ୍ୟକ ଫିସ୍ ଜମା କରି ପାଣି ପଞ୍ଚାୟତର ସଦସ୍ୟ ହୋଇଥିବା ସମସ୍ତ ଭୂ–ଧାରକଙ୍କୁ ନେଇ ଗଠିତ ହେବ ।

(୨) ଚକ କମିଟିର ସଦସ୍ୟ ଓ ପାଣି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ କମିଟିକୁ ନିର୍ବାଚିତ ହେବାକୁ ଥିବା ସଦସ୍ୟମାନଙ୍କ ନିର୍ବାଚନ ନିମନ୍ତେ ନିର୍ବାଚନ ପ୍ରାଧିକାରୀ ବା ତାଙ୍କ ମନୋନିତ ବ୍ୟକ୍ତି ପନ୍ଦର ଦିନ ସମୟ ଦେଇ ନୋଟିସ୍ ପ୍ରକାଶ କରିବେ / ପ୍ରକାଶିତ କରାଇବେ । ନିର୍ବାଚନ ନିମନ୍ତେ ନୋଟିସ୍ ପାଣି ପଞ୍ଚାୟତର ନୋଟିସ୍ ବୋର୍ଡରେ ଓ ଚକ କ୍ଷେତ୍ରର ସମସ୍ତଙ୍କ ଦୃଷ୍ଟିଗୋଚର ହେଉଥିବା ଏକ ସ୍ଥାନରେ ପ୍ରକାଶ କରାଯିବ । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଇବେ ।

(୩) ନୋଟିସ୍‌ରେ ବିନିର୍ଦ୍ଧିଷ୍ଟ ହେଇଥିବା ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନରେ ପ୍ରାର୍ଥିଙ୍କ ଦ୍ୱାରା ମନୋନୟନ ପତ୍ର ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇପାରିବ ।

ପରନ୍ତୁ, ଯେଉଁ ଭୂମି ମାଲିକ ବା ତାଙ୍କ ମନୋନୀତ ବ୍ୟକ୍ତି ଅଧିନିୟମର ଧାରା ୧୪ ଅନୁସାରେ ଅନ୍ୟଥା ଅଯୋଗ୍ୟ ହେଉନଥିବେ ସେ ଅଧିନିୟମର ଧାରା ୪ ର ଉପଧାରା (୧) ର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ତାଙ୍କର ଭୂମି ଯେଉଁ ମୁଣ୍ଡରେ ଥିବ ସେହି ସମ୍ପର୍କିତ ଚକ କମିଟିର ଜଣେ ସଦସ୍ୟ ହେବା ପାଇଁ ମନୋନୟନ ପତ୍ର ଦାଖଲ କରିପାରିବେ ।

ଅଧିକନ୍ତୁ, ଏକ ମୁଣ୍ଡ ସକାଶେ ଜଣେ ପ୍ରାର୍ଥି ଥିଲେ କୌଣସି ନିର୍ବାଚନ ଅନୁଷ୍ଠିତ ହେବ ନାହିଁ ।

(୪) ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ଥଳେ ନିର୍ବାଚନ ଅଧିକାରୀ ମନୋନୟନ ପତ୍ରଗୁଡ଼ିକ ଯାଞ୍ଚ କରିବା ପରେ ପରେ ଯେଉଁ ପ୍ରାଥିମାନଙ୍କ ମନୋନୟନ ପତ୍ର ବୈଧ ହୋଇଥିବ ସେମାନଙ୍କ *ନାମ ପଢ଼ିବେ ଏବଂ ବୈଧ ପ୍ରାର୍ଥୀମାନ*ଙ୍କର ଏକ ତାଲିକା ସାଦା କାଗଜରେ ଓଡ଼ିଆରେ ପ୍ରସ୍ତୁତ କରିବେ ।

(୫) ଚକ କମିଟିରେ ସଦସ୍ୟ *ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ବିଧିମାନ୍ୟ ରୂପେ ମନୋନିତ ପ୍ରାଥୀ ନିର୍ଦ୍ଧାରିତ ସମୟ* ପୂର୍ବରୁ ନିର୍ବାଚନ ଅଧିକାରୀଙ୍କ ସାଦା କାଗଜରେ ଏକ ଲିଖିତ ଦରଖାସ୍ତ ଦେଇ ନିଜର ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିପାରିବେ । ପ୍ରାର୍ଥିତ୍ୱ ପ୍ରତ୍ୟାହାର ସମୟ ସରିବା ପରେ ନିର୍ବାଚନ ପରେ ନିର୍ବାଚନ ଅଧିକାରୀ ପ୍ରାର୍ଥିମାନଙ୍କର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିବେ ।

(୬) ପ୍ରାର୍ଥିତ୍ୱ ପ୍ରତ୍ୟାହାର ପରେ ବୈଧ ପ୍ରାର୍ଥୀମାନଙ୍କର ନାମ ଭୋଟ କାଗଜରେ ଓଡ଼ିଆରେ ନିମ୍ନଲିଖିତ ଫର୍ମରେ ସ୍ୱଷ୍ଟ ଭାବରେ ଲେଖାଯିବ ;

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ ଏବଂ ତାହାଙ୍କ ପିତା ବା ପତିଙ୍କ ନାମ | ଚିହ୍ନ |
|---|---|---|
| | | |
| | | |

(୭) ଉପସ୍ଥିତ ଏବଂ ଭୋଟ ଦେବାକୁ ଇଚ୍ଛୁକ ପ୍ରତ୍ୟେକ ସଦସ୍ୟଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯଥାବିଧି ପ୍ରମାଣୀକୃତ ଏକ ଭୋଟ କାଗଜ ଦିଆଯିବ । ଭୋଟରମାନେ ଭୋଟଦାନ ପାଇଁ ସ୍ୱତନ୍ତ୍ର ଭାବେ *ନିରୂପିତ ସ୍ଥାନ*କୁ ଜଣକ ପରେ ଜଣେ ଯାଇ ସେ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଇଚ୍ଛା କରୁଥିବେ ତାହାଙ୍କ ଚହ୍ନରେ ତୀର ଛକି ଚିହ୍ନ ଥିବା ଏକ ରବର ଷ୍ଟାମ୍ପ ମାରି ତାହାକୁ ଭାଙ୍ଗ କରି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ସମ୍ମୁଖରେ ରଖାଯାଇଥିବା ଭୋଟ ବାକ୍ସରେ ପୂରାଇବେ ।

(୮) ନିର୍ବାଚନ ଅଧିକାରୀ ଯେପରି ଧାର୍ଯ୍ୟ କରିବେ ଭୋଟଦାନ କାର୍ଯ୍ୟ ସେହି ସମୟ ମଧ୍ୟରେ ଅନୁଷ୍ଠିତ ହେବ ।

(୯) *ନିର୍ଦ୍ଧାରିତ ସମୟରେ ଭୋଟଦାନ* ସମାପ୍ତ ହେବା ପରେ ସେହି ସ୍ଥାନରେ ଉପସ୍ଥିତ ଭୋଟରମାନଙ୍କ ଉପସ୍ଥିତିରେ ଭୋଟ ଗଣନା ପାଇଁ ପଦକ୍ଷେପ ନେବେ । ଭୋଟ ଗଣନା ସରିବା ପରେ ନିର୍ବାଚନ, ପ୍ରତ୍ୟେକ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟ ସଂଖ୍ୟା ଏକ ସାଦା କାଗଜରେ ଲେଖିବେ । ତାହାପରେ ନିର୍ବାଚନ ଅଧିକାରୀ ଯେଉଁ ପ୍ରାର୍ଥୀ ସର୍ବାଧିକ ସଂଖ୍ୟକ ବୈଧ ଭୋଟ ପାଇବେ ତାହାଙ୍କ *ନାମ ବିଜୟୀ ପ୍ରାର୍ଥୀ ରୂପେ ଘୋଷଣା କରିବେ । ଚକ କମିଟିର ତିନି* ମୁଣ୍ଡରୁ ତିନିଜଣ ପ୍ରାର୍ଥୀଙ୍କର ନିର୍ବାଚନ ସରିବା ପରେ, ସେହି ଦିନ ବା ତା ପରଦିନ, ନିର୍ବାଚନ ଅଧିକାରୀ ସେହି ତିନିଜଣ *ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରୁ ଜଣଙ୍କୁ ପାଣି ପଞ୍ଚାୟତର କାର୍ଯ୍ୟ*ନିର୍ବାହୀ କମିଟିକୁ ସିଧାସଳଖ *ନିର୍ବାଚିତ କରିବା ପାଇଁ ଉପରୋକ୍ତ ପ୍ରକ୍ରିୟା ଅ*ନୁସରଣ କରିବେ ।

(୧୦) ଉଠାଜଳସେଚନ ପଏଣ୍ଟ ସ୍ଥଳେ ଓଡ଼ିଶା ଉଠା ଜଳସେଚନ *ନିଗମର କାର୍ଯ୍ୟ*ନିର୍ବାହୀ ଯନ୍ତ୍ରୀ ଯେକି ନିର୍ବାଚନ ପ୍ରାଧିକାରୀ, ସେ ସାଧାରଣ *ନିକାୟର ସଦସ୍ୟମାନ*ଙ୍କ ସଂଖ୍ୟାର ଅନ୍ୟୂନ୍ୟ ଶତକଡ଼ା ୧୦

ଭାଗ ସଦସ୍ୟ, ଯାହାକି ସର୍ବନିମ୍ନ ଚାରିଜଣ ଓ ସର୍ବାଧିକ ଦଶ ଜଣ ସଦସ୍ୟ ପ୍ରତି ସାପେକ୍ଷ, ସେମାନଙ୍କୁ ଉକ୍ତ ପଏଣ୍ଟର ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ରୂପେ *ନିର୍ବାଚିତ କରିବା ପାଇଁ ଉପରୋକ୍ତ ପ୍ରକ୍ରିୟା ଅନୁ*ସରଣ କରବେ।

ଟିପ୍ପଣୀ– ଦୁଇ ବା ତତୋଽଧିକ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ସମାନ ସମାନ ହେଲେ ନିର୍ବାଚନ ଅଧିକାରୀ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭାଗ୍ୟଗୁଳା ପକାଇବେ। ଯେଉଁ ପ୍ରାର୍ଥୀଙ୍କ ନାମ ପ୍ରଥମେ ଉଠିବ ସେ ଯଥାବିଧି *ନିର୍ବାଚିତ ହେଉଛନ୍ତି* ବୋଲି ଘୋଷଣା କରାଯିବ।

**ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ।**

୪୦। (୧) ପାଣି ପଞ୍ଚାୟତ ଅଞ୍ଚଳ ମଧ୍ୟରେ ଥିବା ପ୍ରତ୍ୟେକ ଚକରୁ ଜଣେ ଲେଖାଏଁ ହାରରେ ଚକ କମିଟିର *ନିର୍ବାଚିତ କାର୍ଯ୍ୟ*ନିର୍ବାହୀ ସଦସ୍ୟମାନଙ୍କୁ ନେଇ ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟି ଗଠିତ ହେବ।

(୨) ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ, ପାଣି ପଞ୍ଚାୟତ କାର୍ଯ୍ୟାଳୟରେ ବା *ନିୟମ ୩୮ ର ଉପନି*ୟମ (୨) ଅନୁସାରେ ଅଧିସୂଚନା ଦ୍ୱାରା ନିର୍ବାଚନ ପ୍ରାଧିକାରୀ ଯେଉଁ ଅନ୍ୟ ସର୍ବସାଧାରଣ ସ୍ଥାନ ସ୍ଥିର କରିବେ ସେଠାରେ ଅନୁଷ୍ଠିତ ହେବ।

(୩) ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନଙ୍କ *ନିର୍ବାଚନର ଫଳ* ପ୍ରକାଶନର ତିନି ଦିନ ମଧ୍ୟରେ ନିର୍ବାଚନ ଅଧିକାରୀ, ସ୍ଥିରୀକୃତ ସ୍ଥାନରେ ପାଣି ପଞ୍ଚାୟତର ସଭାପତି, ସଂପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ ଅନୁଷ୍ଠିତ କରାଇବା ସକାଶେ ସାତ ଦିନ ସମୟ ଦେଇ, ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିର ସମସ୍ତ ସଦସ୍ୟଙ୍କ *ନିକଟକୁ ସାଦା କାଗଜରେ ଏକ ନୋଟିସ୍* ଜାରି କରିବେ। ନିର୍ବାଚନ ନୋଟିସ୍ ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିର ସମସ୍ତ ସଦସ୍ୟଙ୍କୁ ବ୍ୟକ୍ତିଗତ ଭାବରେ ଜାରି କରାଯିବ ତଥା ସଦସ୍ୟ ବା ତାଙ୍କ ପରିବାରର କୌଣସି ବୟସ୍କ ଲୋକଙ୍କଠାରୁ ପ୍ରାପ୍ତିସ୍ୱୀକାର କରାଯିବ।

ଟିପ୍ପଣୀ– ପାଣି ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ନୋଟିସ୍ ପ୍ରକାଶିତ କରାଯିବ। ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ପାଣି ପଞ୍ଚାୟତର କାର୍ଯ୍ୟନିର୍ବାହୀ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ।

(୪) (କ) ପ୍ରତ୍ୟେକ ପ୍ରାର୍ଥୀ ସାଦା କାଗଜରେ ମନୋନୟନ ପତ୍ର ଦାଖଲ କରିବେ। ପ୍ରତ୍ୟେକ ମନୋନୟନ ପତ୍ରରେ କାର୍ଯ୍ୟନିର୍ବାହୀ କମିଟିର ଦୁଇଜଣ ସଦସ୍ୟ ପ୍ରସ୍ତାବକ ଓ ସମର୍ଥକ ରୂପେ ସ୍ୱାକ୍ଷର କରିବା ସଙ୍ଗେ ସଙ୍ଗେ ଯଥାସ୍ଥିତି ସଭାପତି/ସମ୍ପାଦକ/କୋଷାଧ୍ୟକ୍ଷ ପଦ ପାଇଁ *ନିର୍ବାଚନରେ* ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଜର ଇଛା ପ୍ରକଟ କରି ପ୍ରାର୍ଥୀ ମଧ୍ୟ ସେଥିରେ ସ୍ୱାକ୍ଷର କରିବେ;

ପରନ୍ତୁ ଗୋଟିଏ ପଦ ପାଇଁ ଏକାଧିକ ପ୍ରାର୍ଥୀଙ୍କ ସକାଶେ ଜଣେ ବ୍ୟକ୍ତି ପ୍ରସ୍ତାବକ ବା ସମର୍ଥକ ହୋଇପାରିବେ ନାହିଁ।

(ଖ) ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ *ନିମନ୍ତେ ପୃଥକ ପୃଥକ୍ ମନୋନୟନ* ପତ୍ର ଦାଖଲ କରାଯିବ।

(ଗ) ପ୍ରାର୍ଥୀମାନେ ମନୋନୟନ ପତ୍ରଗୁଡ଼ିକ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।

(୫) *ନିର୍ଦ୍ଧାରିତ ସମୟ ମଧ୍ୟରେ ମନୋନୟନ* ପତ୍ରଗୁଡ଼ିକ ପାଇବା ପରେ ନିର୍ବଚନ ଅଧିକାରୀ ସେଗୁଡ଼ିକ ଯାଞ୍ଚ କରି ଏକ ତାଲିକା ପ୍ରସ୍ତୁତ କରିବେ ଏବଂ ଯେଉଁ ପ୍ରାର୍ଥୀମାନଙ୍କର ମନୋନୟନ ପତ୍ର ବୈଧ ହୋଇଥିବ ସେମାନଙ୍କର ନାମ ପଢ଼ି ଶୁଣାଇବେ।

(କ) ଜଣେ ବିଧିମାନ୍ୟ ଭାବେ ମନୋନୀତ ପ୍ରାର୍ଥୀ ନିର୍ବାଚନ ଅଧିକାରୀଙ୍କୁ ସାଦା କାଗଜରେ ଏକ ଲିଖିତ ଦରଖାସ୍ତ ଦେଇ ନିଜର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିପାରିବେ । ପ୍ରାର୍ଥୀତ୍ୱ ପ୍ରତ୍ୟାହାର ପରେ ନିର୍ବାଚନ ଅଧିକାରୀ ନିର୍ବାଚନ *ନିମନ୍ତେ ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶ କରିବେ ଓ ତାହାକୁ ପଢ଼ି ଶୁଣାଇବେ।*

(ଖ) ଯଦି କୌଣସି ପଦ *ନିମନ୍ତେ ଦୁଇ ବା ତତୋଽଧିକ ପ୍ରାର୍ଥୀ ଥାଆନ୍ତି ତେବେ ଗୁପ୍ତ ଭୋଟ ଜରିଆରେ ନିର୍ବାଚନ ହେବ ଏବଂ* ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନଙ୍କର ଭୋଟ *ନିଆଯିବ। କିନ୍ତୁ କାର୍ଯ୍ୟ*ନିର୍ବାହୀ କମିଟିର ଶତକଡ଼ା ୫୦ ଭାଗ ସଦସ୍ୟ ସେମାନଙ୍କ ଭୋଟ ଦେବା ପାଇଁ ଉପସ୍ଥିତ ନ ଥିଲେ ନିର୍ବାଚନ ଅନୁଷ୍ଠିତ ହେବ ନାହିଁ।

(୬) ଚୂଡ଼ାନ୍ତଭାବେ ପ୍ରକାଶିତ ବୈଧ ପ୍ରାର୍ଥୀମାନଙ୍କର ନାମ କାଗଜରେ ଓଡ଼ିଆରେ ସ୍ୱଷ୍ଟଭାବରେ ନିମ୍ନଲିଖିତ ଫର୍ମରେ ଲେଖାଯିବ;

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ ଏବଂ ତାହାଙ୍କ ପିତା ବା ପତିଙ୍କ ନାମ | ଚିହ୍ନ |
|---|---|---|
| ସଭାପତି : | | |
| ୧ | | |
| ୨ | | |
| ସମ୍ପାଦକ : | | ଚିହ୍ନ |
| ୧ | | |
| ୨ | | |
| କୋଷାଧ୍ୟକ୍ଷ : | | |
| ୧. | | |
| ୨. | | |

(୭) ଉପସ୍ଥିତ ଏବଂ ଭୋଟ ଦେବାକୁ ଇଛୁକ ପ୍ରତ୍ୟେକ ସଦସ୍ୟଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯଥାବିଧି ପ୍ରମାଣିକୃତ ଗୋଟିଏ ଲେଖାଏଁ ଭୋଟ କାଗଜ ଦିଆଯିବ ।

(କ) ସଦସ୍ୟମାନେ ଭୋଟ ଦାନ ପାଇଁ ସ୍ୱତନ୍ତ୍ର ଭାବେ ନିରୂପିତ ସ୍ଥାନକୁ ଜଣକ ପରେ ଜଣେ ଯାଇ ସେ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଇଛା କରୁଥିବେ ତାହାଙ୍କ ଚହ୍ନରେ ତୀର ଛବି ଚିହ୍ନଥିବା ଏକ ରବର ଷ୍ଟାମ୍ପ ମାରି ତାହାକୁ ଭାଙ୍ଗି କରି ନିର୍ବାଚନ ଅଧୀକାରୀଙ୍କ ଦୃଷ୍ଟି ସମ୍ମୁଖରେ ରଖାଯାଇଥିବା ଭୋଟ ବାକ୍ସରେ ପୂରାଇବେ ।

(ଖ) ଭୋଟଦାନ ସରିବା ପରେ ପରେ ନିର୍ବାଚନ ଅଧିକାରୀ, ଉପସ୍ଥିତ ସଦସ୍ୟମାନଙ୍କ ଉପସ୍ଥିତିରେ ଭୋଟଗୁଡ଼ିକ ଗଣନା କରବେ ଏବଂ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟ ସଂଖ୍ୟା ଏକ ସାଦା କାଗଜରେ ଲେଖିବେ ।

(ଗ) ଯେଉଁ ପ୍ରାର୍ଥୀଙ୍କୁ ସର୍ବାଧିକ ସଂଖ୍ୟକ ବୈଧ ଭୋଟ ମିଳିଥିବ ତାହାଙ୍କୁ, ନିର୍ବାଚନ ଅଧିକାରୀ ସେହି ଦିନ ହିଁ ଯଥାସ୍ଥିତି, ସଭାପତି/ସଂପାଦକ/କୋଷାଧ୍ୟକ୍ଷ ପଦ ପାଇଁ ନିର୍ବାଚିତ ହୋଇଛନ୍ତି ବୋଲି ଘୋଷଣା କରିବେ ।

(ଘ) ଦୁଇ ବା ତତୋଧିକ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ସମାନ ସମାନ ହେଲେ ନିର୍ବାଚନ ଅଧିକାରୀ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭାଗ୍ୟଗୁଳା ପକାଇବେ। ଯେଉଁ ପ୍ରାର୍ଥୀଙ୍କ *ନାମ ପ୍ରଥମେ ଉଠିବ, ସେ ଯଥାବିଧି ନିର୍ବାଚିତ ହୋଇଛନ୍ତି ବୋଲି ଘୋଷଣା କରାଯିବ।*

(୮) ନିର୍ବାଚନ ଅଧିକାରୀ ବୈଠକର କାର୍ଯ୍ୟବିଧିର ଏକ ରେକର୍ଡ ପ୍ରସ୍ତୁତ କରି ସେଥିରେ ସ୍ୱାକ୍ଷର କରିବେ। ସେଥିରେ ସେ ଯେଉଁ ସଂଶୋଧନଗୁଡ଼ିକ କରିବେ ସେହି ପ୍ରତ୍ୟେକ ସଂଶୋଧନରେ *ନିଜର ସଂକ୍ଷିପ୍ତ ସ୍ୱାକ୍ଷର ଦେଇ ସେଗୁଡ଼ିକୁ ଅନୁ*ପ୍ରମାଣିତ କରିବେ। ତାହାପରେ ସେ ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନଙ୍କୁ ଉକ୍ତ ରେକର୍ଡରେ ନିଜ ନିଜର ସ୍ୱାକ୍ଷର କରିବା ପାଇଁ କହିବେ।

(୯) ନିର୍ବାଚନ ଅଧୀକାରୀ ବିଜୟୀ ପ୍ରାର୍ଥୀମାନଙ୍କର *ନାମ, ପାଣି ପଞ୍ଚାୟତର* ନୋଟିସ୍ ବୋର୍ଡରେ ମଧ୍ୟ ଅନୁସୂଚିତ କରିବେ ଏବଂ ତାହାର ଏକ ନକଲ ନିର୍ବାଚନ ପ୍ରାଧିକାରୀଙ୍କ ନିକଟକୁ ପଠାଇବେ।

**କରନାଳ କମିଟି (ଡ଼ିଷ୍ଟ୍ରିବ୍ୟୁଟାରୀକମିଟି) ର କାର୍ଯ୍ୟନିର୍ବାହୀ କମିଟି, ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ**

୪୧। (୧) କରନାଳ କ୍ଷେତ୍ର ମଧ୍ୟରେ ଥିବା ପାଣି ପଞ୍ଚାୟତଗୁଡ଼ିକର ସମସ୍ତ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନେଇ କରନାଳ କମିଟିର ସାଧାରଣ ନିକାୟ ଗଠିତ ହେବ।

(୨) କରନାଳ କମିଟିର କାର୍ଯ୍ୟନିର୍ବାହୀ କମିଟି, *ନଅ ଜଣ ସଦସ୍ୟଙ୍କୁ ନେଇ* ଗଠିତ ହେବ, ଯେଉଁମାନେ କି, ସାଧାରଣ ନିକାୟର ସଦସ୍ୟମାନଙ୍କ ମଧ୍ୟରୁ ନିର୍ବାଚିତ ହେବ।

(୩) କରନାଳ କମିଟିର କାର୍ଯ୍ୟନିର୍ବାହୀ କମିଟି, ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ କରନାଳ କମିଟିର କାର୍ଯ୍ୟାଳୟରେ ବା *ନିୟମ ୩୮ର ଉପନିୟମ* (୨) ଅନୁଯାୟୀ ଅଧୀସୂଚନା ଦ୍ୱାରା ନିର୍ବାଚନ ପ୍ରାଧିକାରୀ ଅନ୍ୟ ଯେଉଁ ସର୍ବସାଧାରଣ ସ୍ଥାନ *ନିରୂପଣ କରିବେ ସେଠାରେ ଅନୁ*ଷ୍ଠିତ ହେବ।

(୪) କରନାଳ କ୍ଷେତ୍ର ମଧ୍ୟରେ ଥିବା ସମସ୍ତ ପାଣି ପଞ୍ଚାୟତର ନିର୍ବାଚନ ଫଳ ପ୍ରକାଶ ହେବାର ତିନି ଦିନ ମଧ୍ୟରେ ନିର୍ବାଚନ ଅଧିକାରୀ, କରନାଳ କମିଟିର ସାଧାରଣ *ନିକାୟ ସମସ୍ତ ସଦସ୍ୟ ନିଜ ମଧ୍ୟରୁ କର*ନାଳ କମିଟିର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ହେବା ପାଇଁ ନଅ ଜଣ ସଦସ୍ୟ ଏବଂ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ କରାଇବାକୁ ସାତ ଦିନ

ସମୟ ଦେଇ କରନାଳ କମିଟିର ସାଧାରଣ *ନିକାୟର ସମସ୍ତ ସଦସ୍ୟଙ୍କୁ ସାଦା କାଗଜରେ ଏକ ନୋଟିସ୍ ଜାରି କରିବେ ।*

(୫) କରନାଳ କମିଟିର ସାଧାରଣ ନିକାୟର ପ୍ରଥମ ବୈଠକ, ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ।

(୬) (କ) କାର୍ଯ୍ୟନିର୍ବାହୀ କମିଟି *ନିମନ୍ତେ ପ୍ରାର୍ଥୀଙ୍କ ମନୋନୟନ ପତ୍ରରେ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ନିଜର ଇଚ୍ଛା ପ୍ରକଟ କରିନିଜେ ସ୍ୱାକ୍ଷର କରିବା ସଙ୍ଗେ ସଙ୍ଗେ* ସାଧାରଣ *ନିକାୟର ଅନ୍ୟୁନ* ଦୁଇ ଜଣ ସଦସ୍ୟ ମଧ୍ୟ ତହିଁରେ ସ୍ୱାକ୍ଷର କରିବେ ଏବଂ ନୋଟିସରେ ବିନିର୍ଦ୍ଦିଷ୍ଟ ହୋଇଥିବା ତାରିଖ, ସମୟ ଓ ସ୍ଥାନରେ ତାହା ନିର୍ବାଚନ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯିବ ।

(ଖ) ନିର୍ବାଚନ ଅଧିକାରୀ, ମନୋନୟନ ପତ୍ରଗୁଡ଼ିକ ଯାଞ୍ଚ କରି ସେଗୁଡ଼ିକର ଏକ ତାଲିକା କରିବେ ଏବଂ ଯେଉଁ ପ୍ରାଥୀମାନଙ୍କର ମନୋନୟନ ପତ୍ର ବୈଧ ହୋଇଥିବ ସେମାନଙ୍କର ନାମ ପଢ଼ି ଶୁଣାଇବେ ।

(ଗ) ବିଧିମାନ୍ୟରୂପେ ମନୋନୀତ ଜଣେ ପ୍ରାର୍ଥୀ ନିର୍ବାଚନ ଅଧିକାରୀଙ୍କୁ ସଙ୍ଗେ ସଙ୍ଗେ ସାଦା କାଗଜରେ ଏକ ଲିଖିତ ଦରଖାସ୍ତ ଦେଇ ନିଜର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିପାରିବେ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନିର୍ବାଚନ ଅଧିକାରୀ ନିର୍ବାଚନ ସକାଶେ ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶ କରିବେ ।

(୭) ବୈଧପ୍ରାଥୀମାନଙ୍କର ନାମ ଭୋଟ କାଗଜରେ ଓଡ଼ିଶାରେ ସ୍ୱଷ୍ଟଭାବରେ ନିମ୍ନଲିଖିତ ଫର୍ମରେ ଲେଖାଯିବ –

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ ଏବଂ ତାହାଙ୍କ ପିତା ବା ପତିଙ୍କ ନାମ | ଚିହ୍ନ |
|---|---|---|
| | | |

(୮)　(କ)　ଉପସ୍ଥିତ ପ୍ରତ୍ୟେକ ସଦସ୍ୟଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯଥାବିଧି ପ୍ରମାଣୀକୃତ ଗୋଟିଏ ଲେଖାଏଁ ଭୋଟ କାଗଜ ଦିଆଯିବ। ସେମାନେ ଭୋଟଦାନ ପାଇଁ ସ୍ୱତନ୍ତ୍ର ଭାବେ ନିରୂପିତ ସ୍ଥାନକୁ ଜଣକ ପରେ ଜଣେ ଯାଇ ଯେଉଁ ଯେଉଁ ପ୍ରାର୍ଥୀଙ୍କୁ ଚହ୍ନରେ ଭୋଟ ଦେବା ପାଇଁ ଇଛା କରୁଥିବେ ସେପରି ନଅ ଜଣ ପ୍ରାର୍ଥୀଙ୍କୁ ଚିହ୍ନରେ ଭୋଟ କାଗଜଟି ଭାଙ୍ଗକରି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ସମ୍ମୁଖରେ ରଖାଯାଇଥିବା ଭୋଟ ବାକ୍ସରେ ପୂରାଇବେ।

(ଖ)　ଭୋଟଦାନ ସରିବା ପରେ ପରେ ନିର୍ବାଚନ ଅଧିକାରୀ ଉପସ୍ଥିତ ସଦସ୍ୟମାନଙ୍କ ଉପସ୍ଥିତିରେ ଭୋଟଗୁଡ଼ିକ ଗଣନା କରିବେ ଏବଂ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟ ସଂଖ୍ୟା ଏକ ସାଦା କାଗଜରେ ଲେଖିବେ।

(ଗ)　ତା ପରେ ନିର୍ବାଚନ ଅଧିକାରୀ ଯେଉଁ ପ୍ରଥମ ନଅ ଜଣ ପ୍ରାର୍ଥୀ ଅବରୋହ କ୍ରମରେ ଅଧିକ ସଂଖ୍ୟକ ଭୋଟ ପାଇଥିବେ ସେମାନଙ୍କର ନାମ ଘୋଷଣା କରିବେ ଏବଂ ସେମାନେ କରନାଳ କମିଟିର କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବଚିତ ହୋଇଛନ୍ତି ବୋଲି ଘୋଷଣା କରିବେ।

(ଘ)　ନବମ ସ୍ଥାନ ପାଇଁ ଦୁଇ ବା ତତୋଽଧିକ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ସମାନ ସମାନ ହେଲେ, ନିର୍ବାଚନ ଅଧିକାରୀ, ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭାଗ୍ୟଗୁଳା ପକାଇବେ। ଯେଉଁ ପ୍ରାର୍ଥୀଙ୍କ ନାମ ପ୍ରଥମେ ଉଠିବ ସେ ଯଥାବିଧି ନିର୍ବାଚିତ ହୋଇଛନ୍ତି ବୋଲି ଘୋଷଣା କରାଯିବ।

(୯)　କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନଙ୍କ ନିର୍ବାଚନ ହେବା ପରେ ପରେ ନିର୍ବାଚନ ଅଧିକାରୀ, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନଙ୍କ ମଧ୍ୟରୁ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ ନିମନ୍ତେ ପଦକ୍ଷେପ ନେବେ।

(୧୦)　ପ୍ରତ୍ୟେକ ପ୍ରାର୍ଥୀ ସଦା କାଗଜରେ ନିଜ ନିଜର ମନୋନୟନ ପତ୍ର ଦେବେ। ପ୍ରତ୍ୟେକ ମନୋନୟନ ପତ୍ରରେ କାର୍ଯ୍ୟନିର୍ବାହୀ କମିଟିର ଦୁଇ ଜଣ ସଦସ୍ୟ ପ୍ରସ୍ତାବକ ଓ ସମର୍ଥକ ରୂପେ ସ୍ୱାକ୍ଷର କରିବା ସଙ୍ଗେ ସଙ୍ଗେ ପ୍ରାର୍ଥୀ ମଧ୍ୟ ନିଜେ ଯଥାସ୍ଥିତି ସଭାପତି/ ସମ୍ପାଦକ / କୋଷାଧ୍ୟକ୍ଷ ପଦ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରବାକୁ ନିଜର ଇଛା ପ୍ରକଟ କରି ସ୍ୱାକ୍ଷର କରିବେ।

(୧୧) ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ପୃଥକ୍ ପୃଥକ୍ ମନୋନୟନ ପତ୍ର ଦିଆଯିବ। ପ୍ରାର୍ଥୀ ନିଜର ମନୋନୟନ ପତ୍ର ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ।

(୧୨) ନିର୍ବାଚନ ଅଧିକାରୀ, *ନିର୍ଦ୍ଧାରିତ ସମୟ* ମଧ୍ୟରେ ମନୋନୟନ ପତ୍ରଗୁଡ଼ିକ ପାଇବା ପରେ ସେଗୁଡ଼ିକ ଯାଞ୍ଚକରି ଏକ ତାଲିକା ପ୍ରସ୍ତୁତ କରିବେ ଏବଂ ଯେଉଁ ପ୍ରାର୍ଥୀମାନଙ୍କର ମନୋନୟନ ପତ୍ର ବୈଧ ହୋଇଥିବ ସେମାନଙ୍କର ନାମ ପଢ଼ି ଶୁଣାଇବେ।

(୧୩) ବିଧିମାନ୍ୟରୂପେ ମନୋନୀତ ଜଣେ ପ୍ରାର୍ଥୀ, ନିର୍ବାଚନ ଅଧିକାରୀଙ୍କୁ ସଙ୍ଗେ ସଙ୍ଗେ ସାଦା କାଗଜରେ ଏକ ଲିଖିତ ଦରଖାସ୍ତ ଦେଇ ନିଜର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିପାରିବେ।

(୧୪) ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନିର୍ବାଚନ ଅଧିକାରୀ, ନିର୍ବାଚନ *ନିମନ୍ତେ ପ୍ରାର୍ଥୀମା*ନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶ କରିବେ ଓ ତାହା ପଢ଼ି ଶୁଣାଇବେ।

(୧୫) ଯଦି କୌଣସି ପଦ ପାଇଁ ଦୁଇ ବା ତତୋଽଧିକ ପ୍ରାର୍ଥୀ ଥାଆନ୍ତି ତେବେ ଗୁପ୍ତ ଭୋଟ ଦ୍ୱାରା ନିର୍ବାଚନ ଅନୁଷ୍ଠିତ ହେବ ଏବଂ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କର ଭୋଟ *ନିଆଯିବ। କିନ୍ତୁ ଭୋଟ ଦେବା ପାଇଁ କାର୍ଯ୍ୟନିର୍ବାହୀ କମିଟିର* ଶତକଡ଼ା ୫୦ ଭାଗରୁ ଅଧିକ ସଦସ୍ୟ ଉପସ୍ଥିତ ନଥିଲେ ନିର୍ବାଚନ ହେବନାହିଁ।

(୧୬) ସଭାପତି, ସମ୍ପାଦକ ଓ କୋଷାଧ୍ୟକ ପଦ *ନିମନ୍ତେ ଚୂଡ଼ାନ୍ତ ଭାବେ ପ୍ରକାଶିତ ବୈଧ ପ୍ରାର୍ଥୀମା*ନଙ୍କର ନାମ ଭୋଟ କାଗଜରେ ଓଡ଼ିଆରେ ସ୍ୱଷ୍ଟଭାବରେ ନିମ୍ନଲିଖିତ ଫର୍ମରେ ଲେଖାଯିବ

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ ଏବଂ ତାହାଙ୍କ ପିତା ବା ପତିଙ୍କ ନାମ | ଚିହ୍ନ |
|---|---|---|
| (କ) ସଭାପତି | | |
| ୧. | | |
| ୨. | | |
| (ଖ) ସମ୍ପାଦକ | | |
| ୧. | | |

୨.

(ଗ) କୋଷାଧ୍ୟକ୍ଷ

୧.

୨.

(୧୭) କାର୍ଯ୍ୟନିର୍ବାହୀ କମିଟିର ଉପସ୍ଥିତ ପ୍ରତ୍ୟେକ ସଦସ୍ୟଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯଥାବିଧି ପ୍ରମାଣୀକୃତ ଗୋଟିଏ ଲେଖାଏଁ ଭୋଟ କାଗଜ ଦିଆଯିବ। ସେମାନେ ଭୋଟଦାନ ପାଇଁ ସ୍ୱତନ୍ତ୍ରଭାବେ ନିରୂପିତ ସ୍ଥାନକୁ ଜଣକ ପରେ ଜଣେ ଯାଇ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ନିମନ୍ତେ ସେ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ଇଚ୍ଛା କରୁଥିବେ ତାହାଙ୍କ ନାମ /ଚିହ୍ନ ପାର୍ଶ୍ୱରେ ଗୁପ୍ତଭାବରେ ତୀର ଛକି ଚିହ୍ନ ଥିବା ରବର ଷ୍ଟାମ୍ପ ମାରିବେ ଓ ଭୋଟ କାଗଜଟି ଭାଙ୍ଗକରି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ସମ୍ମୁଖରେ ରଖାଯାଇଥିବା ଭୋଟ ବାକ୍ସରେ ପୂରାଇବେ।

(୧୮) ଭୋଟଦାନ ସରିବା ପରେ ପରେ ନିର୍ବାଚନ ଅଧିକାରୀ, କାର୍ଯ୍ୟନିର୍ବାହୀ କମିଟିର ଉପସ୍ଥିତ ସଦସ୍ୟମାନଙ୍କ ଉପସ୍ଥିତିରେ ଭୋଟଗୁଡ଼ିକ ଗଣନା କରିବେ ଏବଂ ପ୍ରତ୍ୟେକ ପ୍ରାଥୀଙ୍କୁ ମିଳିଥିବା ଭୋଟ ସଂଖ୍ୟା ଏକ ସାଦା କାଗଜରେ ଲେଖିବେ।

(୧୯) ଭୋଟ ଗଣନା ସରିବା ପରେ ପରେ ନିର୍ବାଚନ ଅଧିକାରୀ, ଯେଉଁ ପ୍ରାର୍ଥୀମାନେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ସର୍ବାଧିକ ସଂଖ୍ୟକ ଭୋଟ ପାଇଥିବେ ସେମାନଙ୍କର ନାମ ବିଜୟ ପ୍ରାର୍ଥୀରୂପେ ଘୋଷଣା କରାଯିବ।

(୨୦) ଦୁଇ ବା ତତୋଽଧିକ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ସମାନ ସମାନ ହେଲେ, ନିର୍ବାଚନ ଅଧିକାରୀ, ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭାଗ୍ୟଗୁଳା ପକାଇବେ। ଯେଉଁ ପ୍ରାର୍ଥୀଙ୍କ *ନାମ ପ୍ରଥମେ ଉଠିବ ସେ ଯଥାବିଧି ନିର୍ବାଚିତ ହୋଇଛନ୍ତି ବୋଲି ଘୋଷଣା କରାଯିବ।*

(୨୧) ନିର୍ବାଚନ ଅଧିକାରୀ, ବୈଠକର କାର୍ଯ୍ୟବିଧିର ଏକ ରେକର୍ଡ ପ୍ରସ୍ତୁତ କରି ସେଥିରେ ସ୍ୱାକ୍ଷର କରିବେ। ସେଥିରେ ସେ ଯେଉଁ ସଂଶୋଧନ ଗୁଡ଼ିକକରିବେ ସେହି ପ୍ରତ୍ୟେକ ସଂଶୋଧନରେ *ନିଜର ସଂକ୍ଷିପ୍ତ ସ୍ୱାକ୍ଷର ଦେଇ ସେଗୁଡ଼ିକୁ ଅନୁ*ପ୍ରାଣିତ କରିବେ। ତାହାପରେ ସେ ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନଙ୍କୁ ଉକ୍ତ ରେକର୍ଡରେ ନିଜ ନିଜର ସ୍ୱାକ୍ଷର କରିବା ପାଇଁ କହିବେ।

(୨୨) ନିର୍ବାଚନ ଅଧିକାରୀ, ବିଜୟ ପ୍ରାର୍ଥୀଙ୍କର *ନାମ, କରନାଳ* କମିଟିର ନୋଟିସ୍ ବୋର୍ଡରେ ମଧ୍ୟ ଅଧିସୂଚିତ କରିବେ ଏବଂ ତାହାର ଏକ ନକଲ ନିର୍ବାଚନ ପ୍ରାଧିକାରୀଙ୍କ ନିକଟକୁ ପଠାଇବେ ।

**ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟି, ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ**

୪୨ । (୧) ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା କରନାଳ କମିଟିଗୁଡ଼ିକର ସମସ୍ତ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନେଇ ପ୍ରକଳ୍ପ କମିଟିର ସାଧାରଣ ନିକାୟ ଗଠିତ ହେବ ।

(୨) ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟି *ନଅ ଜଣ ସଦସ୍ୟଙ୍କୁ* ନେଇ ଗଠିତ ହେବ, ଯେଉଁମାନେ କି ସାଧାରଣ *ନିକାୟର ସଦସ୍ୟମାନ*ଙ୍କ ମଧ୍ୟରୁ ନିର୍ବାଚିତ ହେବେ ।

(୩) ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟି, ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ ପ୍ରକଳ୍ପ କମିଟିର କାର୍ଯ୍ୟାଳୟରେ ବା *ନିୟମ ୩୮ ର ଉପ ନିୟମ (୨) ଅନୁଯାୟୀ* ଅଧୀସୂଚନା ଦ୍ୱାରା ନିର୍ବାଚନ ପ୍ରାଧିକାରୀ ଅନ୍ୟ ଯେଉଁ ସର୍ବସାଧାରଣ ସ୍ଥାନ *ନିରୂପଣ କରିବେ ସେଠାରେ ଅନୁଷ୍ଠିତ* ହେବ ।

(୪) ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ସମସ୍ତ କରନାଳ କମିଟିର ନିର୍ବଚନର ଫଳ ପ୍ରକାଶ ହେବାର ତିନିଦିନ ମଧ୍ୟରେ ନିର୍ବାଚନ ଅଧିକାରୀ, ପ୍ରକଳ୍ପ କମିଟିର ସାଧାରଣ ନିକାୟର ସମସ୍ତ ସଦସ୍ୟ, ନିଜ ମଧ୍ୟରୁ ପ୍ରକଳ୍ପ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ହେବା ପାଇଁ ନଅ ଜଣ ସଦସ୍ୟ ଏବଂ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ନିର୍ବଚନ ଅନୁଷ୍ଠିତ କରାଇବାକୁ ସାତ ଦିନ ସମୟ ଦେଇ କମିଟିର ସାଧାରଣ ନିକାୟର ସମସ୍ତ ସଦସ୍ୟଙ୍କୁ ସାଦା କାଗଜରେ ଏକ ନୋଟିସ୍ ଜାରି କରିବେ ।

(୫) ସେପରି ଡ଼କା ଯାଇଥିବା ପ୍ରକଳ୍ପ କମିଟିର ସାଧାରଣ ନିକାୟର ପ୍ରଥମ ବୈଠକ, ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ।

(୬) କାର୍ଯ୍ୟନିର୍ବାହୀ କମିଟି ନିମନ୍ତେ ପ୍ରାର୍ଥୀଙ୍କ ମନୋନୟନ ପତ୍ରରେ ପ୍ରର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିଜର ଇଛା ପ୍ରକଟ କରି ନିଜେ ସ୍ୱାକ୍ଷର ସଙ୍ଗେ ସଙ୍ଗେ ସାଧାରଣ ନିକାୟର ଅନ୍ୟୁନ ଦୁଇ ଜଣ ସଦସ୍ୟ ମଧ୍ୟ ତହିଁରେ ସ୍ୱାକ୍ଷର କରିବେ ଏବଂ ନୋଟିସରେ ବିନର୍ଦ୍ଧିଷ୍ଟ

ହୋଇଥିବା ତାରିଖ, ସମୟ ଓ ସ୍ଥାନରେ ତାହା ନିର୍ବାଚନ ଅଧିକାରୀଙ୍କ *ନିକଟରେ ଉପସ୍ଥାପନ* କରାଯିବ ।

(୭) ନିର୍ବାଚନ ଅଧିକାରୀ ମନୋନୟନ ପତ୍ରଗୁଡ଼ିକ ଯାଞ୍ଚ କରି ସେଗୁଡ଼ିକର ତାଲିକା କରିବେ ଏବଂ ଯେଉଁ ପ୍ରାର୍ଥୀମାନଙ୍କର ମନୋନୟନ ପତ୍ର ବୈଧ ହୋଇଥିବ ସେମାନଙ୍କର ନାମ ପଢ଼ି ଶୁଣାଇବେ ।

(୮) ବିଧିମାନ୍ୟ ରୂପେ ମନୋନୀତ ଜଣେ ପ୍ରାର୍ଥୀ ନିର୍ବାଚନ ଅଧିକାରୀଙ୍କୁ ସଙ୍ଗେ ସଙ୍ଗେ ସାଦା କାଗଜରେ ଏକ ଲିଖିତ ଦରଖାସ୍ତ ଦେଇ ନିଜର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିପାରିବେ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନିର୍ବାଚନ ଅଧିକାରୀ ନିର୍ବାଚନ ସକାଶେ ପ୍ରାଥୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶ କରିବେ ।

(୯) ଯଦି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ସଂଖ୍ୟା ୯ (ନଅ) ବା ତା ଠାରୁ କମ୍ ରହେ ତେବେ ନିର୍ବାଚନ ହେବ ନାହିଁ । ଯଦି ଭୋଟ ଦେବା ପାଇଁ ସାଧାରଣ ନିକାୟର ଶତକଡ଼ା ୫୦ ଭାଗରୁ ଅଧିକ ସଦସ୍ୟ ଉପସ୍ଥିତ ନ ଥାଆନ୍ତି, ତେବେ ନିର୍ବାଚନ ହେବନାହିଁ ।

(୧୦) ବୈଧ ପ୍ରାର୍ଥୀମାନଙ୍କର ନାମ ଭୋଟ କାଗଜରେ ଓଡ଼ିଆରେ ସ୍ପଷ୍ଟଭାବରେ ନିମ୍ନଲିଖିତ ଫର୍ମରେ ଲେଖାଯିବ–

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ ଏବଂ ତାହାଙ୍କ ପିତା ବା ପତିଙ୍କ ନାମ | ଚିହ୍ନ |
|---|---|---|
| | | |

(୧୧) ଉପସ୍ଥିତ ପ୍ରତ୍ୟେକ ସଦସ୍ୟଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯଥାବିଧି ପ୍ରମାଣୀକୃତ ଗୋଟିଏ ଲେଖାଏଁ ଭୋଟ କାଗଜ ଦିଆଯିବ । ସେମାନେ ଭୋଟଦାନ ପାଇଁ ସ୍ୱତନ୍ତ୍ରଭାବେ ନିରୂ*ପିତ ସ୍ଥା*ନକୁ ଜଣକ ପରେ ଜଣେ ଯାଇ ଯେଉଁ ଯେଉଁ ପ୍ରାର୍ଥୀଙ୍କୁ / ଚହ୍ନରେ ଭୋଟ ଦେବା ପାଇଁ ଇଛା

କରୁଥିବେ ସେପରି ନଅ ଜଣ ପ୍ରାର୍ଥୀ / ଚିହ୍ନ ପାର୍ଶ୍ୱରେ ତୀର ଛକି ଚିହ୍ନ ଥିବା ଏକ ରବରଷ୍ଟାମ୍ପ ଗୁପ୍ତ ଭାବରେ ମାରିବେ ଏବଂ ଭୋଟ କାଗଜଟି ଭାଙ୍ଗକରି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ସମ୍ମୁଖରେ ରଖାଯାଇଥିବା ଭୋଟ ବାକ୍ସରେ ପୂରାଇବେ ।

(୧୨) ଭୋଟ ଦାନ କରିବା ପରେ ନିର୍ବାଚନ ଅଧିକାରୀ ଉପସ୍ଥିତ ସଦସ୍ୟମାନଙ୍କ ଉପସ୍ଥିତିରେ ଭୋଟଗୁଡ଼ିକ ଗଣନା କରିବେ ଏବଂ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟ ସଂଖ୍ୟା ଏକ ସାଦା କାଗଜରେ ଲେଖିବେ ।

(୧୩) ତା ପରେ ନିର୍ବାଚନ ଅଧିକାରୀ ଯେଉଁ ପ୍ରଥମ ନଅ ଜଣ ପ୍ରାର୍ଥୀ ଅବରୋହ କ୍ରମରେ ଅଧିକ ସଂଖ୍ୟକ ଭୋଟ ପାଇଥିବେ ସେମାନଙ୍କର ନାମ ଘୋଷଣା କରିବେ ଏବଂ ସେମାନେ ପ୍ରକଳ୍ପ କମିଟିର କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ ହୋଇଛନ୍ତି ବୋଲି ଘୋଷଣା କରିବେ ।

(୧୪) ନବମ ସ୍ଥାନ ପାଇଁ ଦୁଇ ବା ତତୋଽଧିକ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ସମାନ ସମାନ ହେଲେ, ନିର୍ବାଚନ ଅଧିକାରୀ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭାଗ୍ୟଗୁଳା ପକାଇବେ । ଯେଉଁ ପ୍ରାର୍ଥୀଙ୍କ *ନାମ ପ୍ରଥମେ ଉଠିବ, ସେ ଯଥାବିଧି ନିର୍ବାଚିତ ହୋଇଛନ୍ତି ବୋଲି ଘୋଷଣା କରାଯିବ ।*

(୧୫) କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନଙ୍କ ନିର୍ବାଚନ ସରିବା ପରେ ପରେ ନିର୍ବାଚନ ଅଧିକାରୀ, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନଙ୍କ ମଧ୍ୟରୁ ସଭାପତି, ସଂପାଦକ ଓ କୋଷାଧ୍ୟକ୍ଷଙ୍କ ନିର୍ବାଚନ *ନିମନ୍ତେ ପଦକ୍ଷେପ ନେବେ ।*

(୧୬) ପ୍ରତ୍ୟେକ ପ୍ରାର୍ଥୀ *ନିଜ ନିଜର ମନୋନୟନ* ପତ୍ର ସାଦା କାଗଜରେ ଦେବେ । ପ୍ରତ୍ୟେକ ମନୋନୟନ ପତ୍ରରେ କାର୍ଯ୍ୟନିର୍ବାହୀ କମିଟିର ଦୁଇଜଣ ସଦସ୍ୟ ପ୍ରସ୍ତାବକ ଓ ସମର୍ଥକ ରୂପେ ସ୍ୱାକ୍ଷର କରିବା ସଙ୍ଗେ ସଙ୍ଗେ ପ୍ରାର୍ଥୀ ମଧ୍ୟ *ନିଜେ ଯଥାସ୍ଥିତି ସଭାପତି/ସଂପାଦକ / କୋଷାଧ୍ୟକ୍ଷ ପଦ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା* କରିବାକୁ ନିଜର ଇଚ୍ଛା ପ୍ରକଟ କରି ସ୍ୱାକ୍ଷର କରିବେ ।

(୧୭) ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ପୃଥକ୍ ପୃଥକ୍ ମନୋନୟନ ପତ୍ର ଦିଆଯିବ । ପ୍ରାର୍ଥୀ *ନିଜର ମନୋନୟନ* ପତ୍ର *ନିର୍ବାଚନ* ଅଧିକାରୀଙ୍କୁ ପ୍ରଦାନ କରିବେ ।

(୧୮) ନିର୍ବାଚନ ଅଧିକାରୀ *ନିର୍ଦ୍ଧାରିତ ସମୟ ମଧ୍ୟରେ ମ*ନୋନୟନ ପତ୍ରଗୁଡ଼ିକ ପାଇବା ପରେ ସେଗୁଡ଼ିକ ଯାଞ୍ଚ କରି ଏକ ତାଲିକା ପ୍ରସ୍ତୁତ କରିବେ ଏବଂ ଯେଉଁ ପ୍ରାର୍ଥୀମାନଙ୍କର ମନୋନୟନ ପତ୍ର ବୈଧ ହୋଇଥିବ ସେମାନଙ୍କର ନାମ ପଢ଼ି ଶୁଣାଇବେ।

(୧୯) ବିଧିମାନ୍ୟ ରୂପେ ମନୋନୀତ ଜଣେ ପ୍ରାର୍ଥୀ ନିର୍ବାଚନ ଅଧିକାରୀଙ୍କୁ ସଙ୍ଗେ ସଙ୍ଗେ ସାଦା କାଗଜରେ ଏକ ଲିଖିତ ଦରଖାସ୍ତ ଦେଇ ନିଜର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରି ପାରିବେ।

(୨୦) ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନିର୍ବାଚନ ଅଧିକାରୀ, ନିର୍ବାଚନ *ନିମନ୍ତେ ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶ କରିବେ ଓ ତାହା ପଢ଼ି ଶୁଣାଇବେ।*

(୨୧) ଯଦି କୌଣସି ପଦ ପାଇଁ ଦୁଇ କିମ୍ବା ତତୋଽଧିକ ପ୍ରାର୍ଥୀ ଥାଆନ୍ତି, ତେବେ ଗୁପ୍ତ ଭୋଟ ଦ୍ୱାରା ନିର୍ବାଚନ ଅନୁଷ୍ଠିତ ହେବ ଏବଂ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କର ଭୋଟ *ନିଆଯିବ। କିନ୍ତୁ ଭୋଟ ଦେବା ପାଇଁ କାର୍ଯ୍ୟ*ନିର୍ବାହୀ କମିଟିର ଶତକଡ଼ା ୫୦ ଭାଗରୁ ଅଧିକ ସଦସ୍ୟ ଉପସ୍ଥିତ ନ ଥିଲେ ନିର୍ବାଚନ ଅନୁଷ୍ଠିତ ହେବ ନାହିଁ।

(୨୨) ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ *ନିମନ୍ତେ ଚୂଡ଼ାନ୍ତ ଭାବେ ପ୍ରକାଶିତ ବୈଧ ପ୍ରାର୍ଥୀମାନଙ୍କର ନାମ ଭୋଟ କାଗଜରେ ଓଡ଼ିଆରେ ସ୍ପଷ୍ଟଭାବରେ ନିମ୍ନଲିଖିତ ଫର୍ମରେ ଲେଖାଯିବ।*

| କ୍ରମିକ ସଂଖ୍ୟା | ପ୍ରାର୍ଥିଙ୍କ ନାମ ଏବଂ ତାହାଙ୍କ ପିତା ବା ପତିଙ୍କ ନାମ | ଚିହ୍ନ |
|---|---|---|
| (କ) ସଭାପତି<br>୧.<br>୨. | | |
| (ଖ) ସମ୍ପାଦକ<br>୧.<br>୨. | | |
| (ଗ) କୋଷାଧ୍ୟକ୍ଷ<br>୧.<br>୨. | | |

(୨୩) କାର୍ଯ୍ୟନିର୍ବାହୀ କମିଟିର ଉପସ୍ଥିତ ପ୍ରତ୍ୟେକ ସଦସ୍ୟଙ୍କୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯଥାବିଧି ପ୍ରମାଣୀକୃତ ଗୋଟିଏ ଲେଖାଏଁ ଭୋଟ କାଗଜ ଦିଆଯିବ। ସେମାନେ ଭୋଟ ଦାନ ପାଇଁ ସ୍ୱତନ୍ତ୍ର ଭାବେ ନିରୂପିତ ସ୍ଥାନକୁ ଜଣକ ପରେ ଜଣେ ଯାଇ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ନିମନ୍ତେ ସେ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଇଚ୍ଛା କରୁଥିବେ ତାହାଙ୍କ ନାମ / ଚିହ୍ନ ପାର୍ଶ୍ୱରେ ଗୁପ୍ତଭାବରେ ଟୀର ଛକି ଚିହ୍ନ ଥିବା ରବର ଷ୍ଟାମ୍ପ ମାରିବେ ଓ ଭୋଟ କାଗଜଟି ଭାଙ୍ଗ କରି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ସମ୍ମୁଖରେ ରଖାଯାଇଥିବା ଭୋଟ ବାକ୍ସରେ ପୂରାଇବେ।

(୨୪) ଭୋଟ ଦାନ ସରିବା ପରେ ନିର୍ବାଚନ ଅଧିକାରୀ କାର୍ଯ୍ୟନିର୍ବାହୀ କମିଟିର ଉପସ୍ଥିତ ସଦସ୍ୟମାନଙ୍କ ଉପସ୍ଥିତିରେ ଭୋଟଗୁଡ଼ିକ ଗଣନା କରିବେ ଏବଂ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟ ସଂଖ୍ୟା ଏକ ସାଦା କାଗଜରେ ଲେଖିବେ।

(୨୫) ଭୋଟ ଗଣନା ସରିବା ପରେ ନିର୍ବାଚନ ଅଧିକାରୀ ଯେଉଁ ପ୍ରାର୍ଥୀମାନେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ସର୍ବାଧିକ ସଂଖ୍ୟକ ଭୋଟ ପାଇଥିବେ ସେମାନଙ୍କର ନାମ ବିଜୟୀ ପ୍ରାର୍ଥିରୂପେ ଘୋଷଣା କରିବେ।

(୨୬) ଦୁଇ ବା ତତୋଽଧିକ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ସମାନ ସମାନ ହେଲେ, ନିର୍ବାଚନ ଅଧିକାରୀ, ପ୍ରାର୍ଥିମାନଙ୍କ ଉପସ୍ଥିତିରେ ଭାଗ୍ୟଗୁଳା ପକାଇବେ। ଯେଉଁ ପ୍ରାଥୀଙ୍କ *ନାମ ପ୍ରଥମେ ଉଠିବ ସେ ଯଥାବିଧି ନିର୍ବାଚିତ ହୋଇଛନ୍ତି ବୋଲି ଘୋଷଣା କରାଯିବ।*

(୨୭) ନିର୍ବାଚନ ଅଧିକାରୀ ବୈଠକରେ କାର୍ଯ୍ୟବିଧିର ଏକ ରେକର୍ଡ ପ୍ରସ୍ତୁତ କରି ସେଥିରେ ସ୍ୱାକ୍ଷର କରିବେ । ସେଥିରେ ସେ ଯେଉଁ ସଂଶୋଧନଗୁଡ଼ିକ କରିବେ ସେହି ପ୍ରତ୍ୟେକ ସଂଶୋଧନରେ *ନିଜର ସଂକ୍ଷିପ୍ତ ସ୍ୱାକ୍ଷର ଦେଇ ସେଗୁଡ଼ିକୁ ଅନୁ*ପ୍ରମାଣିତ କରିବେ। ତାହାପରେ ସେ ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନଙ୍କୁ ଉକ୍ତ ରେକର୍ଡରେ ନିଜ ନିଜର ସ୍ୱାକ୍ଷର କରିବା ପାଇଁ କହିବେ।

(୨୮) ନିର୍ବାଚନ ଅଧିକାରୀ ବିଜୟୀ ପ୍ରାର୍ଥିଙ୍କର *ନାମ ପ୍ରକଳ୍ପ କମିଟିର* ନୋଟିସ ବୋର୍ଡରେ ମଧ୍ୟ ଅଧିସୂଚିତ କରିବେ ଏବଂ ତାହାର ଏକ ନକଲ ନିର୍ବାଚନ ପ୍ରାଧୀକାରୀଙ୍କ ନିକଟକୁ ପଠାଇବେ।

# ଓଡ଼ିଶା ରାଜପତ୍ର

ଅସାଧାରଣ

## ପ୍ରାଧିକାରୀଙ୍କଦ୍ୱାରା ପ୍ରକାଶିତ

ସଂ. ୧୬୫୮ କଟକ, ସୋମବାର, ଡ଼ିସେମ୍ବର ୧୩, ୧୯୯୯/ମାର୍ଗଶିର ୨୨, ୧୯୨୧

ନଥିସଂ. ୪୮୦୪୯–ଏମ୍.ଆଇ.–ମିସ୍–୮/୯୯–ଡ୍ବ୍ଲ୍ୟୁ.ଆର

## ଓଡ଼ିଶା ସରକାର

## ଜଳସମ୍ପଦ ବିଭାଗ

## ସଂକଳ୍ପନାମା

ତାରିଖ ୪ ଡ଼ିସେମ୍ବର, ୧୯୯୯

ବିଷୟ – ଇଉରୋପୀୟ ଗୋଷ୍ଠୀ ସହାୟତା (ଅର୍ଥ ଯୋଗାଣ ରାଜିନାମା ଏ.ଏଲ.ଏ. ୯୪/୨୧) ଅଧୀନରେ ଥଇଥାନ ହୋଇଥିବା କ୍ଷୁଦ୍ର ଜଳସେଚନ ପରିଯୋଜନାଗୁଡ଼ିକର ପରିଚାଳନା *ନିମନ୍ତେ* ଜଳ ବ୍ୟବହରକାରୀ ସଂଘକୁ ବିଧିକ ଅଧିକାର ସମ୍ବନ୍ଧୀୟ କ୍ଷମତା ପ୍ରଦାନ ।

୧୯୯୫ ମସିହା ଜୁଲାଇ ୧୧ ତାରିଖ ଦିନ ବ୍ରସେଲସ୍‌ଠାରେ ସ୍ୱାକ୍ଷରିତ ୟୁରୋପୀୟ ଗୋଷ୍ଠୀ ଓ ଭାରତୀୟ ସାଧରଣତନ୍ତ୍ର ମଧ୍ୟରେ ଅର୍ଥ ଯୋଗାଣ ରାଜିନାମାର ପୃଷ୍ଠା ୧୩, ପରିଶିଷ୍ଟ – କ ର ସର୍ତ୍ତାନୁଯାୟୀ ଓଡ଼ିଶା ସରକାର ପ୍ରସନ୍ନତାପୂର୍ବକ ଜଳ ବ୍ୟବହାରକାରୀ ସଂଘମାନଙ୍କୁ ଗଛିତ ଜଳ ଓ ବିତରଣ ପଦ୍ଧତି ପରିଚାଳନା କରିବାକୁ ସ୍ୱାଧୀନ ବିଧିକ ହକ୍‌ଦାର ରୂପେ ସ୍ୱୀକୃତି ପ୍ରଦାନ କରିଅଛନ୍ତି ।

- ଜଳବ୍ୟବହାରକାରୀ ସଂଘଗୁଡ଼ିକ, ଜଳ ବ୍ୟବହାରକାରୀ କୃଷକ ପରିଷଦ, ଜଳ ପରିଚାଳନା କମିଟି ସମୂହ ଇତ୍ୟାଦିର ପରିଚାଳନା ଓ କେନାଲମାନଙ୍କରେ *ନିର୍ଗମ ପଥମାନ*ଙ୍କର *ନିମ୍ନରେ ଥିବା ଜଳପଥମାନ*ଙ୍କରେ ଜଳର ବିତରଣ ଉଦ୍ଦେଶ୍ୟରେ ବିଧିସଙ୍ଗତଭାବେ ସଙ୍ଗଠିତ *ନିକାୟ ହେବ । ଓଡ଼ିଶା ସରକାରଙ୍କଦ୍ୱାରା ସ୍ଥିରିକୃତ ହୋଇଥିବା ପ୍ରକାରେ ସେମାନ*ଙ୍କଠାରେ କ୍ଷମତା ଅର୍ପିତ ହେବ ।

- ୟୁରୋପୀୟ ଗୋଷ୍ଠୀ ସହାୟତା ଅଧିନରେ ଥଇଥାନ ହେବାକୁଥିବା କ୍ଷୁଦ୍ର ଜଳସେଚନ ପରିଯୋଜନାଗୁଡ଼ିକ ଏହି ରାଜିନାମାର ଅନ୍ତର୍ଭୂକ୍ତ ହେଉ ନଥିବା କ୍ଷୁଦ୍ର ଜଳସେଚନ ସେକ୍ଟରରେ ଅନ୍ୟ ପରିଯୋଜନାମାନଙ୍କ ନିମନ୍ତେ ବ୍ୟବହାରକାରୀ ଚାଳିତ ପରିଚାଳନାର ଜୀବନକ୍ଷମତା ପ୍ରମାଣ କରିବା ପାଇଁ ପ୍ରତିରୂପଭାବେ କାର୍ଯ୍ୟୋପଯୋଗୀ ହେବ ।

- ଏଥିରେ ଥିବା ବ୍ୟବସ୍ଥାମାନ ୟୁରୋପିୟ୍ ଗୋଷ୍ଠି ସହାୟତା ଅଧିନରେ ଥଇଥାନ ହେବାକୁ ଥିବା ଅନ୍ୟ କ୍ଷୁଦ୍ର ଜଳସେଚନ ପରିଯୋଜନାଗୁଡ଼ିକୁ ସମ୍ପ୍ରସାରିତ ହୋଇପାରିବ। ଆହୁରି ମଧ୍ୟ ଏଥିରେ ଥିବା ବ୍ୟବସ୍ଥାମାନ ୟୁରୋପୀୟ୍ ଗୋଷ୍ଠୀ ସହାୟତାଭୂକ୍ତ ହୋଇ ନ*ଥିବା ଅ*ନ୍ୟାନ୍ୟ କ୍ଷୁଦ୍ର ଜଳସେଚନ ପରିଯୋଜନାଗୁଡ଼ିକ ପ୍ରତି ସମ୍ପ୍ରସାରିତ ହୋଇପାରିବ।
- ଯେଉଁ ସମୟରେ ଓଡ଼ିଶା ସରକାର ଯଥାସ୍ଥିତି ପ୍ରକଳ୍ପର, ବନ୍ଧଗୁଡ଼ିକର, ଜଳଭଣ୍ଡାରଗୁଡ଼ିକର ଓ ଶାଖାବନ୍ଧଗୁଡ଼ିକର ନିରାପତ୍ତା ଓ ସୁରକ୍ଷା ପାଇଁ ବିଧିସମ୍ମତଭାବେ ଓ ଆର୍ଥିକ ଦୃଷ୍ଟିରୁ ଦାୟୀ ହେବେ ଏବଂ ଏକ ସମୟୋଚିତ ଓ ଦକ୍ଷ ରୀତିରେ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବେ, ସେତେବେଳେ ଥଇଥାନ ହୋଇଥିବା କ୍ଷୁଦ୍ର ଜଳସେଚନ ପରିଯୋଜନାମାନଙ୍କର ଜଳ ବ୍ୟବହାରକାରୀ ସଂଘଗୁଡ଼ିକ ଗଚ୍ଛିତ ଜଳର ପରିଚାଳନା କରିବେ ଏବଂ ନ୍ୟାୟସଙ୍ଗତ ବିତରଣ ପାଇଁ ଦାୟୀ ରହିବେ।
- ଏହି ପରିଯୋଜନା ଗୁଡ଼ିକ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା କ୍ଷୁଦ୍ର ଜଳସେଚନ ପ୍ରତି ବ୍ୟବସ୍ଥା କରଯାଇଥିବା ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଅନୁଦାନ ଜଳ ବ୍ୟବହାରକାରୀ ସଂଘମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ବାର୍ଷିକଭାବେ ଜମା କରାଯିବ।
- ଅର୍ଥ ଯୋଗାଣ ରାଜିନାମା ଅନୁଯାୟୀ ହେବାକୁ ଥିବା ପରିଯୋଜନାଗୁଡ଼ିକର ଚାଷୀମାନଙ୍କଠାରୁ ଓଡ଼ିଶା ସରକାର କୌଣସି ଜଳକର ଆଦାୟ କରିବେ ନାହିଁ।
- ଓଡ଼ିଶା ସରକାର ଜଳସମ୍ପଦ ବିଭାଗ ଓ ଏହି ଭଳି ଅନ୍ୟ ବିଭାଗଗୁଡ଼ିକ ଜରିଆରେ ଜଳ ବ୍ୟବହାରକାରୀ ସଂଘମାନଙ୍କୁ ଆବଶ୍ୟକୀୟ ବୈଷୟିକ ଜ୍ଞାନକୌଶଳ ଓ ଉପଦେଶ ଦେବେ।
- ସମସ୍ତ ଅର୍ଜିତ ଜମି, ନିର୍ମିତ ସଂରଚନା ଓ ସମଗ୍ର ଜଳସେଚନ ପଦ୍ଧତିର ମାଲିକାନା ଓଡ଼ିଶା ସରକାରଙ୍କ ହାତରେ ରହିବ। କ୍ଷେତ୍ର ପ୍ରଣାଳୀମାନ ଯେଉଁଥିପାଇଁ ଚାଷୀମାନେ ସେମାନଙ୍କର ଜମି ଛାଡ଼ିବେ ଓ ଯେଉଁଗୁଡ଼ିକ ଇଉରୋପୀୟ ଗୋଷ୍ଠୀ ପାଣ୍ଠିରୁ ଏବଂ ଜଳ ବ୍ୟବହାରକାରୀ ସଂଘ ଅଂଶଦାନରୁ *ନିର୍ମିତ ହେବ ସେଗୁଡ଼ିକର ମାଲିକାନା* ଜଳ ବ୍ୟବହାରକାରୀ ସଂଘ ହାତରେ ରହିବ।
- ପ୍ରାକୃତିକ ବିପର୍ଯ୍ୟୟରୁ ଉଦ୍ଭୂତ କୌଣସି ସମ୍ଭାବ୍ୟ ଘଟଣାର ସମ୍ମୁଖୀନ ହେବା ପାଇଁ ଜଳ ବ୍ୟବହାରକାରୀ ସଂଘଗୁଡ଼ିକ ଚାଷୀମାନଙ୍କଠାରୁ ଆଦାୟ ହୋଇଥିବା ଜଳଦେୟର ଗୋଟିଏ ଅଂଶରୁ ଏକ ଜରୁରୀକାଳୀନ ପାଣ୍ଠି ଗଠନର ବ୍ୟବସ୍ଥା କରିବେ।

- ବିଧିସମ୍ମତଭାବେ ସଙ୍ଗଠିତ ଜଳ ବ୍ୟବହାକାରୀ ସଂଘଗୁଡ଼ିକୁ କ୍ଷମତା ଅର୍ପଣ କରାଯିବା ପରେ ସେମାନଙ୍କଠାରେ ଓଡ଼ିଶା ସରକାରଙ୍କଦ୍ୱାରା ଅର୍ପିତ କୃତ୍ୟମାନ ନିମ୍ନମତେ ହେବ ।

**ସହାୟତାଭୁକ୍ତ ଇଉରୋପିୟ ଗୋଷ୍ଠୀ ।**

(୧) ଜଳବ୍ୟବହାରକାରୀ ସଂଘମାନଙ୍କ ଦ୍ୱାରା ଥଇଥାନ ହୋଇଥିବା କ୍ଷୁଦ୍ର ଜଳସେଚନ ପରିଯୋଜନାମାନ ଜଳର ଦର *ନିର୍ଦ୍ଧାରଣ କରିବେ ଓ ସେମା*ନଙ୍କଠାରୁ ଜଳ ବାବଦ ଦେୟ ଆଦାୟ କରିବେ ।

(୨) ଜଳ ବ୍ୟବହାରକାରୀ ସଂଘଗୁଡ଼ିକ *ନିଜ ଖର୍ଚ୍ଚରେ ପ୍ରଧାନ* କାର୍ଯ୍ୟଗୁଡ଼ିକର ସମ୍ପାଦନ, ବିତରଣ ଓ ଜଳନିକାସ ପ୍ରଣାଳୀ ଓ ସଂରଚନାଗୁଡ଼ିକ ପ୍ରସ୍ତୁତି ସହ ପରିଯୋଜନାର ପରିଚାଳନା କରିବେ ଏବଂ ଯଥାସ୍ଥିତି ବନ୍ଧ ଜଳଭଣ୍ଡାର ଓ ଶାଖା ବନ୍ଧ (ପ୍ରଧାନ କାର୍ଯ୍ୟସମେତ) ବ୍ୟତୀତ ସମସ୍ତ ପଦ୍ଧତିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଦାୟୀ ରହିବେ ।

(୩) ଜଳବ୍ୟବହାରକାରୀ ସଂଘ ତଲବପ୍ରାପ୍ତ ହେଲେ ପ୍ରଧାନ କାର୍ଯ୍ୟଗୁଡ଼ିକର ଜରୁରୀକାଳୀନ ମରାମତି ଆରମ୍ଭ କରିପାରିବେ ।

(୪) ଜଳ ବ୍ୟବହାରକାରୀ ସଂଘ ଓଡ଼ିଶା ସରକାରଙ୍କଠାରୁ ଅନୁମତି ନେଇ, ଜଳ ଭଣ୍ଡାରରେ ପଟୁ ଜମିବା ହ୍ରାସ କରିବାକୁ ଗତିରୋଧ ବନ୍ଧମାନ ନିର୍ମାଣ କରିବାଦ୍ୱାରା ବା ବନୀକ୍ଷରଣ ଦ୍ୱାରା ଜଳଗ୍ରହଣ କ୍ଷେତ୍ରର ଉପଚାର କାର୍ଯ୍ୟ ହାତକୁ ନେଇପାରନ୍ତି ।

ଏହି ସଙ୍କଳ୍ପନାମା ଓ ଅବକାରୀ ବିଭାଗ ଅଧିସୂଚନା ସଂ ୩୦୫୨୭, ତା ୨ ଜୁନ୍ ୧୯୯୯ ରିଖରେ ଅଧିସୂଚିତ ହୋଇଥିବା ଜଳସେଚନ ଅଧିନିୟମର କାର୍ଯ୍ୟକାରିତାରୁ ବାଦ୍ ପଡ଼ିଥିବା ଚିହ୍ନଟ ପରିଯୋଜନାଗୁଡ଼ିକ ପ୍ରତି ଲାଗୁହେବ ।

ଆଦେଶ – ଆଦେଶ କରାଗଲା ଯେ ଏହି ସଙ୍କଳ୍ପ ସର୍ବସାଧାରଣ ଗୋଚରାର୍ଥେ ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂଖ୍ୟାରେ ପ୍ରକାଶିତ ହେବ–

ପୁନଶ୍ଚ ଆଦେଶ କରାଗଲା କି ସଙ୍କଳ୍ପର ନକଲଗୁଡ଼ିକ ନିମ୍ନଲିଖିତ ସ୍ଥାନମାନଙ୍କୁ ପ୍ରେରିତ ହେବ–

- ପ୍ରଥମ ମନ୍ତ୍ରଣାଦାତା, ଭାରତସ୍ଥିତ ଇଉରୋପୀୟ କମିସନର ପ୍ରତିନିଧୀମଣ୍ଡଳ, ନୂଆଦିଲ୍ଲୀ
- ଡେ଼ସ୍କ ଅଫିସର (ଇ.ଇ.ସି)

- ଜଳସମ୍ପଦ ମନ୍ତ୍ରଣାଳୟ, ନୂଆଦିଲ୍ଲୀ
- ଅନୁଶାସନ ସଚିବ, ଅର୍ଥନୈତିକ ବ୍ୟାପାର, ନୂଆଦିଲ୍ଲୀ
- ଷ୍ଟିଅରିଂ କମିଟିର ସମସ୍ତ ସଦସ୍ୟ (ପି.ଏସ./ପି.ଏ/ବିଭାଗ/କାର୍ଯ୍ୟାଳୟ ଜରିଆରେ)
- ମହାଲେଖାକାର (ଏ.ଆଣ୍ଡ.ଇ) ଓଡ଼ିଶା
- ମହାଲେଖାକାର (ଅଡ଼ିଟ୍), ଓଡ଼ିଶା
- ବରିଷ୍ଠ ଉପ ମହାଲେଖାକାର (ନିର୍ମାଣ) (Works), ପୁରୀ
- ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ
- ଜଳସମ୍ପଦ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ
- ପ୍ରକଳ୍ପ ନିର୍ଦ୍ଦେଶକ, ପ୍ରକଳ୍ପ ପରିଚାଳନା ୟୁନିଟ୍, ଭୁବନେଶ୍ୱର
- ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ
- ସମସ୍ତ ବିଭାଗୀୟ ମୁଖ୍ୟ
- ସମସ୍ତ ଜିଲ୍ଲାପାଳ
- *ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ* ସାମଗ୍ରୀ ଓ ପ୍ରକାଶନ, ଓଡ଼ିଶା, କଟକ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଶ୍ରୀନିବାସ ରଥ**
**ପ୍ରମୁଖ ଶାସନ ସଚିବ**

# ଓଡ଼ିଶା ରାଜପତ୍ର

ଅସାଧାରଣ

**ପ୍ରାଧିକାରୀଙ୍କଦ୍ୱାରା ପ୍ରକାଶିତ**

| ସଂ. | ୮୦୯ | କଟକ, ବୁଧବାର, | ଜୁନ ୦୨, | ୧୯୯୯/ଜ୍ୟେଷ୍ଠ | ୧୨, | ୧୯୨୧ |
|---|---|---|---|---|---|---|

## ରାଜସ୍ୱ ଓ ଅବକାରୀ ବିଭାଗ

## ଅଧିସୂଚନା

ତାରିଖ ୨ ଜୁନ, ୧୯୯୯

**ଏସ୍.ଆର.ଓ.ସଂ.୫୨୬/୯୯**–ଓଡ଼ିଶା ଜଳସେଚନ ଅଧିନୟମ, ୧୯୫୯ (୧୯୫୯ ର ଓଡ଼ିଶା ଅଧିନିୟମ ୧୪) ର ଧାରା ୨ ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ରାଜ୍ୟ ସରକାର ଏତଦ୍ୱାରା ତା ୨ ଜୁନ୍ ୧୯୯୯ ରିଖ ଠାରୁ ଉକ୍ତ ଅଧିନିୟମର ପ୍ରବର୍ତ୍ତନରୁ ନିମ୍ନ ଅନୁସୂଚୀରେ ବିନିର୍ଦ୍ଧିଷ୍ଟ ହୋଇଥିବା ଜଳସେଚନ କାର୍ଯ୍ୟଗୁଡ଼ିକୁ ବାଦ୍ ଦେଉଅଛନ୍ତି ।

## ଅନୁସୂଚୀ

| | ଲଘୁସେଚନ କାର୍ଯ୍ୟର ନାମ | ମଣ୍ଡଳର ନାମ | ଜିଲ୍ଲାର ନାମ |
|---|---|---|---|
| | ୧ | ୨ | ୩ |
| ୧. | କୋସ୍କା ଏମ୍.ଆଇ.ପି | ଖଣ୍ଡପଡ଼ା | ନୟାଗଡ଼ |
| ୨. | ଗୋସିଙ୍ଗ ନାଳ ଏମ.ଆଇ.ପି. | ଖଣ୍ଡପଡ଼ା | ଏଜନ |
| ୩. | ଘାଗରା ଏମ.ଆଇ.ପି. | ଗଣିଆ | ଏଜନ |
| ୪. | ମହିଷା ନାଳ ଏମ.ଆଇ.ପି. | ଦଶପଲ୍ଲା | ଏଜନ |
| ୫. | ନୂଆ ପୋଇବାଡ଼ି ଏମ.ଆଇ.ପି. | ଦଶପଲ୍ଲା | ଏଜନ |
| ୬. | ଧୂଳି ପାଉଁଶିଆ ଏମ.ଆଇ.ପି. | ନୂଆ ଗାଁ | ଏଜନ |
| ୭. | ପଣସ ଖାଲ ଏମ.ଆଇ.ପି. | ନୂଆ ଗାଁ | ଏଜନ |
| ୮. | ବାଲିଆଚଡ୍ରା ଏମ.ଆଇ.ପି. (ପାଣିବନ୍ଧ) | ଓଡ଼ଗାଁ | ଏଜନ |
| ୯. | ଦର୍ପ ନାରାୟଣପୁର ଏମ.ଆଇ.ପି. | ଉଣପୁର | ଏଜନ |
| ୧୦. | ମୋହନଗ୍ଗୁରୁ ଏମ.ଆଇ.ପି. | ଖଣ୍ଡପଡ଼ା | ଏଜନ |

(ସଂ. ୩୦୫୨୭–iii–ଡ୍ଲବ୍ଲ୍ୟୁ–୧୩/୯୯–ଆର୍)

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜେ. ଜେ. ମହାପାତ୍ର

କମିଶନର–ତଥା–ଶାସନ ସଚିବ

# ଫାରମ–କ

## (ନିୟମ ୭ (୨) (i) ଦ୍ରଷ୍ଟବ୍ୟ)

## ରାଜିନାମା

ଅଦ୍ୟ ତା .... ... ... ... ... ... ... ... ... ... ... ରେ ଏହି ରାଜିନାମା ଏକ ପକ୍ଷରେ ଓଡ଼ିଶାର ରଜ୍ୟପାଳ (ଏହାପରେ ସରକାର ନାମରେ ଅଭିହିତ) ଏବଂ ଅନ୍ୟ ପକ୍ଷରେ .... ... ... ... ... ... ... ... ... ... ... ପାଣି ପଞ୍ଚାୟତ (ପାଣି ପଞ୍ଚାୟତ ଅଧିନିୟମ, ୨୦୦୨ ଅନୁଯାୟୀ ରେଜିଷ୍ଟ୍ରୀକୃତ ଯାହାର କି ରେଜିଷ୍ଟ୍ରେସନ ନଂ .... ..... ... ଓ ଏହାର ମୁଖ୍ୟ କାର୍ଯ୍ୟାଳୟର ଅବସ୍ଥିତି .... ... ... ... ... ... ... ... ... ... ..., ପୋ.ଅ. .... ... ... ... ... ... ... ... ... ..., ତହସିଲ .... ... ... ... ... ... ... ... ... ... ..., ଥାନା .... ... ... ... ... ... ... ... ... ... ..., ଏହାପରେ ପାଣି ପଞ୍ଚାୟତ ନାମରେ ଅଭିହିତ) ମଧ୍ୟରେ ସମ୍ପାଦିତ ହେଲା;

ଯେହେତୁ ଜଳସେଚନ ସମେତ ତାହାର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସୁରୁଖୁରୁ ଅଂଶଗ୍ରହଣ ଅଭିପ୍ରାୟ ନେଇ ପାଣି ପଞ୍ଚାୟତ ମଧ୍ୟରେ ଥିବା ଜଳସେଚନ ବ୍ୟବସ୍ଥାର ସେଚିତ କ୍ଷେତ୍ର ଅଧୀନସ୍ଥ .... ... ... ... ... ... ... . ... ହେକ୍ଟର / ଏକ୍ଷର କ୍ଷେତ୍ରଫଳ ବିଶିଷ୍ଟ ଭୂମିକୁ ସମପରିମାଣର ଜଳରାଶି ଯୋଗାଣ ଏବଂ ଜଳସମ୍ପଦ ବିଭାଗ ଅନ୍ତର୍ଗତ.... ... ... ... ... ... ... ... ... ... ...ଜଳସେଚନ ପ୍ରକଳ୍ପର (i) .... ... ... ... ... ... ... ... ... .... କି.ମି. ଦୀର୍ଘ ବିଶିଷ୍ଟ .... ... ... ... ... ... ... ... ... ... ... କେନାଲ (ii) .... ... ... ... ... ... ... ... ... ... ... କି.ମି. ଦୀର୍ଘ ବିଶିଷ୍ଟ .... ... ... ... ... ... ... ... ... ... ... କେନାଲ ଓ (iii) .... ... ... ... ... ... ... ... ... ... .. କି.ମି. ଦୀର୍ଘ ବିଶିଷ୍ଟ .... ... ... ... ... ... ... ... ... ... ... କେନାଲର ସଂରଚନା

ସମେତ କ୍ଷୁଦ୍ର (ମାଇନର)/କ୍ଷୁଦ୍ରତର (ସବ୍–ମାଇନର) ଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସରକାର ନିମ୍ନବର୍ଣ୍ଣିତ କେତେକ ନିର୍ଦ୍ଧିଷ୍ଟ ନିର୍ବନ୍ଧନ ଓ ସର୍ତ୍ତାବଳୀ ପାଣି ପଞ୍ଚାୟତ ଉପରେ ଜଳସେଚନ ପରିଚାଳନା ସଂକ୍ରାନ୍ତ ଦାୟିତ୍ୱଭାର ଅର୍ପଣ କରୁଅଛନ୍ତି (ଉକ୍ତ ସେଚିତ କ୍ଷେତ୍ର ସହିତ ଜଳସମ୍ପଦ ବିଭାଗ ଦ୍ୱାରା ଅର୍ଜିତ ଭୂମିର ଭୂମି ଅନୁସୂଚୀ ଓ ଭୂମି ନକସା, ପ୍ରତ୍ୟେକ କେନାଲ ବ୍ୟବସ୍ଥାର ଜଳପ୍ରବାହ ସଂକ୍ରାନ୍ତୀୟ ସବିଶେଷ ବିବରଣୀ, ପ୍ରତ୍ୟେକ କେନାଲ ବ୍ୟବସ୍ଥାର ଜଳପ୍ରବାହ ସଂକ୍ରାନ୍ତୀୟ ସବିଶେଷ ବିବରଣୀ, ପ୍ରତ୍ୟେକ କେନାଲ ସଂରଚନା ସଂକ୍ରାନ୍ତ ବିଶଦ ବିବରଣୀ ଦର୍ଶାଉଥିବା ମାନଚିତ୍ର ଏକ ନକଲ ଏବଂ ତତ୍‌ସହିତ ସମ୍ପୃକ୍ତ କେନାଲଗୁଡ଼ିକ ସହ ସମ୍ବନ୍ଧିତ ସେପରି ଅନ୍ୟାନ୍ୟ ସମ୍ପତ୍ତି ତାଲିକା ଏଥିସହିତ ସଂଲଗ୍ନ କରାଯାଇଅଛି);

ସୁତରାଂ, ସମ୍ପ୍ରତି ଏଥିସହ ସମ୍ପୃକ୍ତ ପକ୍ଷମାନେ ନିମ୍ନଲିଖିତମତେ ପରସ୍ପର ସହମତ ହେଉଅଛନ୍ତି :

୧. ସରକାରଙ୍କର ଅଧିକାର ଓ ଦାୟିତ୍ୱମାନ

(କ) ସରକାର କ୍ଷୁଦ୍ର (ମାଇନର) / କ୍ଷୁଦ୍ରତର (ସବ–ମାଇନର) ଜଳସେଚନ ବ୍ୟବସ୍ଥାର ମୁଖ୍ୟ ନିର୍ମାଣ କାର୍ଯ୍ୟ, ମୁଖ୍ୟ ସେଚନ ବ୍ୟବସ୍ଥା ତଥା ଏହାର ମୁଖ୍ୟ ରେଗୁଲେଟରର କାର୍ଯ୍ୟ କରିବେ ।

(ଖ) ଯେଉଁ କ୍ଷୁଦ୍ର (ମାଇନର) ବା କ୍ଷୁଦ୍ରତର (ସବ୍–ମାଇନର) ଜଳସେଚନ ବ୍ୟବସ୍ଥା ପାଣି ପଞ୍ଚାୟତକୁ ହସ୍ତାନ୍ତରିତ ହୋଇଥିବ ତାହାର ତଳମୁଣ୍ଡରେ ଜଳସେଚନ ବ୍ୟବସ୍ଥାର କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣ ପାଇଁ ଯଦି କୌଣସି ଉନ୍ନତି ବିଧାନ କରିବାକୁ ପଡ଼େ ତାହାହେଲେ ସେଥିପାଇଁ ସରକାର ପ୍ରସ୍ତାବ ଦେଇପାରିବେ ।

(ଗ) କ୍ଷୁଦ୍ର (ମାଇନର) / କ୍ଷୁଦ୍ରତର (ସବ୍–ମାଇନର( ଜଳସେଚନ ବ୍ୟବସ୍ଥାର ଉପରମୁଣ୍ଡରେ ପାଣି ପଞ୍ଚାୟତ ପାଇଁ ଯେଉଁ ଯେଉଁ ଆବଣ୍ଟିତ ଜଳରାଶି ପରିମାଣ ଛଡ଼ାଯିବା ପାଇଁ ରାଜିନାମା ହୋଇଥାଏ ବା ସେ ବିଷୟରେ ସରକାର ନିଷ୍ପତ୍ତି ନେଇଥାଆନ୍ତି, ସେହି ଆବଣ୍ଟିତ ଜଳରାଶି ପରିମାଣର ଯୋଗାଣକୁ ଏହା ସୁନିଶ୍ଚିତ କରିବେ ।

(ଘ) ଯଦି କୌଣସି ବର୍ଷରେ ମୌସୁମୀବାୟୁ ପ୍ରବାହର ଅସ୍ୱଭାବିକତା, ପ୍ରକଳ୍ପର ମରାମତି ସ ଜଳରାଶିର ଭଣ୍ଡାରଣ ଇତ୍ୟାଦି ଭଳି କାରଣମାନ ହେତୁ ପ୍ରକଳ୍ପର ଜଳଭଣ୍ଡାର/ବ୍ୟରେଜ ପଣ୍ଡରୁ ମିଳୁଥିବା ଜଳରାଶିର ପରିମାଣ ସ୍ୱାଭାବିକ ବର୍ଷରେ ମିଳୁଥିବା ଜଳରାଶିର ପରିମାଣ ଅପେକ୍ଷାକୃତ କମ୍ ହୁଏ, ତାହାହେଲେ ପାଣି ପଞ୍ଚାୟତକୁ ଆବଣ୍ଟିତ ହୋଇଥିବା ଜଳରାଶିର ପରିମାଣକୁ ସେହି ଅନୁସାରେ ଆନୁପାତିକ ଭାବରେ ହ୍ରାସ କରାଯିବ ଏବଂ ଫସଲ ଋତୁର ଆରମ୍ଭ ପୂର୍ବରୁ ଏ ବିଷୟରେ ପାଣି ପଞ୍ଚାୟତକୁ ଆଗୁଆ ଜଣାଇ ଦିଆଯିବ ।

(ଙ) ଏହି ରାଜିନାମାର ସଫଳ ରୂପାୟନ ସନ୍ତୋଷଜନକ ଭାବରେ ହେଉଛି କି ନାହିଁ ତାହା ଜାଣିବା ପାଇଁ ସରକାର ପାଣି ପଞ୍ଚାୟତର ଇଲାକାଭୁକ୍ତ ସେଚିତ କ୍ଷେତ୍ରର ଜଳଯୋଗାଣ, ଜଳସେଚନ କାର୍ଯ୍ୟ, କରନାଳ /କ୍ଷୁଦ୍ର (ମାଇନର) ବା କ୍ଷୁଦ୍ରତର (ସବ– ମାଇନର) ଜଳସେଚନ ବ୍ୟବସ୍ଥା ଓ କ୍ଷେତ୍ରସ୍ତରୀୟ ସଂରଚନାଗୁଡ଼ିକର ସ୍ଥିତି ସମ୍ବନ୍ଧରେ ନିରୀକ୍ଷଣ କରିବେ ।

(ଚ) ପାଣି ପଞ୍ଚାୟତ ଅଧିକା ଜଳ ପାଇଁ ଦାବିକଲେ, ଜଳଭଣ୍ଡାର/ବ୍ୟାରେଜ/ଆନିକଟ/ପଣ୍ଡରୁ ମିଳୁଥିବା ଜଳ ଉପରେ ନିର୍ଭର କରି ଉକ୍ତ ଅଧିକା ଜଳ ଦାବିକୁ ମଞ୍ଜୁର କରିବା ବା ଅଗ୍ରାହ୍ୟ କରିବା ପାଇଁ ମଧ୍ୟ ସରକାରଙ୍କର ଅଧିକାର ରହିଛି। ଯଦି ଯେକୌଣସି କାରଣବସତଃ ପାଣି ପଞ୍ଚାୟତର ଅତିରିକ୍ତ ଜଳ ଦାବି ସରକାରଙ୍କ ଦ୍ୱାରା ମଞ୍ଜୁରିପ୍ରାପ୍ତ ହୁଏନାହିଁ, ତାହାହେଲେ ପାଣି ପଞ୍ଚାୟତକୁ ଅତିରିକ୍ତ ଜଳଯୋଗାଣ କରା ନଯିବା ହେତୁ ହୋଇଥିବା କ୍ଷତିପାଇଁ ସରକାର ଦାୟୀ ହେବ ନାହିଁ।

(ଛ) ପାଣି ପଞ୍ଚାୟତକୁ ଯୋଗାଇ ଦିଆବଯାଉଥିବା ଆବଣ୍ଟିତ ଜଳରାଶିକୁ କେବଳ ଜଳସେଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ, ଯଦି ଅନ୍ୟ କୌଣସି ଉଦ୍ଦେଶ୍ୟରେ ଜଳ ଆବଶ୍ୟକ ପଡ଼େ ତାହାହେଲେ ପାଣି ପଞ୍ଚାୟତ ଏହି ଦାବିପାଇଁ ମଞ୍ଜୁରୀ ହାସଲ କରିବା ସକାଶେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଲଗା ଦରଖାସ୍ତ କରିପାରିବେ।

(ଜ) ଜଳସେଚନ (ଖରିଫ, ରବି ଓ ଖରାଦିନିଆ ଫସଲ) ନିମନ୍ତେ ଏବଂ ଅନ୍ୟ ଯେକୌଣସି ଉଦ୍ଦେଶ୍ୟରେ ସରକାର ଜଳଯୋଗାଣର ରେଟ୍ ଘନଆୟତନ ଭିତ୍ତିରେ ବା ଅନ୍ୟକୌଣସି ଭିତ୍ତିରେ ସ୍ଥିର କରିବେ ଓ ଏହି ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ଯେଉଁ ଦେୟ ଫିସ୍/ସେସ୍, ଇତ୍ୟାଦି ସମୟକୁ ସମୟ ଧାର୍ଯ୍ୟ କରାଯିବ ତାହାକୁ ପାଣିପଞ୍ଚାୟତ ମାନିବ। ସରକାର ଯେପରି ଉଚିତ୍ ମନେକରିବେ ସେପରି ସମୟ ବ୍ୟବଧାନରେ ଜଳଯୋଗାଣର ରେଟ୍, ସେସ୍ ଇତ୍ୟାଦିକୁ ସମୀକ୍ଷା କରିବା ପାଇଁ ମଧ୍ୟ ଏହାଙ୍କର ଅଧିକାର ରହିଛି।

(ଝ) ଜଳ ମିଳିବା ନେଇ ସ୍ୱଚ୍ଛତା ଉଦ୍ଦେଶ୍ୟରେ ପାଣି ପଞ୍ଚାୟତକୁ ମାସିକ ଜଳ ହିସାବ ବିବରଣୀ ଯୋଗାଇ ଦିଆଯିବ।

(ଞ) କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ପାଇଁ ସେଭାବେ ହସ୍ତାନ୍ତରିତ ହୋଇଥିବା ସମସ୍ତ ସଂରଚନାମାନ, ସରକାରଙ୍କ ଦ୍ୱାରା ଅର୍ଜିତ ଭୂମି ଏବଂ ପାଣି ପଞ୍ଚାୟତ କ୍ଷେତ୍ର ମଧ୍ୟରେ ନିର୍ବାହିତ ଅନ୍ୟ ସମସ୍ତ ନିର୍ମାଣ କାର୍ଯ୍ୟ ସମେତ ବଣ୍ଟନ ପଦ୍ଧତିର ମାଲିକାନା ଅଧିକାର ସରକାରଙ୍କ ଠାରେ ରହିବ।

୭.	ପାଣିପଞ୍ଚାୟତର ଅଧିକାର ଓ ଦାୟିତ୍ୱମାନ;

(କ)	ପାଣିପଞ୍ଚାୟତଙ୍କୁ ହସ୍ତାନ୍ତରିତ କ୍ଷୁଦ୍ର (ମଇନର)/ କ୍ଷୁଦ୍ରତର (ସବ୍–ମାଇନର) ଜଳସେଚନ ବ୍ୟବସ୍ଥା ଓ ସମସ୍ତ ସଂରଚନାଗୁଡ଼ିକର ସମ୍ପୂର୍ଣ୍ଣ ଦାୟିତ୍ୱ ଏହା ଗ୍ରହଣ କରିବ। ସମ୍ପାଦିତ ରାଜିନାମା ଅନୁଯାୟୀ ପାଣି ପଞ୍ଚାୟତ ଇଲାକାଭୂକ୍ତ ଅଞ୍ଚଳରେ ରହିଥିବା ସମସ୍ତ ଜଳମାର୍ଗ, କ୍ଷେତ୍ରପ୍ରଣାଳୀ ଓ କ୍ଷେତ୍ରଡ୍ରେନଗୁଡ଼ିକ ନିର୍ମାଣ/ରକ୍ଷଣାବେକ୍ଷଣା କାର୍ଯ୍ୟ ଓ ମରାମତି କାର୍ଯ୍ୟ ସମ୍ବନ୍ଧରେ ଏହା ମଧ୍ୟ ସୁନିଶ୍ଚିତ କରିବ। ଏହି ଉଦ୍ଦେଶ୍ୟରେ, କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟଭାର ତୁଲାଇବା ସକାଶେ ପାଣି ପଞ୍ଚାୟତ ଏହାର ନିଜସ୍ୱ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ପାଣ୍ଠି ପ୍ରତିଷ୍ଠା କରିବ। ନିମ୍ନୋକ୍ତ କାର୍ଯ୍ୟ ମରାମତି ଓ ରକ୍ଷଣାବେକ୍ଷଣ ଶ୍ରେଣୀର ଅନ୍ତର୍ଭୂକ୍ତ, ଯଥା ; –

(i)	ମାଇନର /ସବ୍–ମାଇନର/ଜଳମାର୍ଗ/କ୍ଷେତ୍ରପ୍ରଣାଳୀ ଓ କ୍ଷେତ୍ରଡ୍ରେନ୍‌ଗୁଡ଼ିକରୁ ପଟୁମାଟି ବାହାରକରିବା ଓ ଏଗୁଡ଼ିକର ଉଚିତ୍ ରକ୍ଷଣାବେକ୍ଷଣ କରିବା;

(ii)	ନିରୀକ୍ଷଣ ଓ ସର୍ଭିସ୍ ରୋଡର ମରାମତି ଓ ରକ୍ଷଣାବେକ୍ଷଣ ସହିତ ଏହାକୁ ଭଲ ଅବସ୍ଥାରେ ରଖିବା ;

(iii)	କେନାଲ ବନ୍ଧ ଓ କେନାଲ ଶଯ୍ୟାମାନଙ୍କରେ ଉଠିଥିବା ଅନାବନା ଘାସ, ଗୁଳ୍ମ ଓ ବୁଦା ଗୁଡ଼ିକୁ ଉପାଡ଼ି ପରିଷ୍କାର ରଖିବା;

(iv)	ଆଣ୍ଠନ ପଦ୍ଧତିରେ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ପାଇଁ ସେଭାବେ ହସ୍ତାନ୍ତରିତ ହୋଇଥିବା ସମସ୍ତ ସଂରଚନାଗୁଡ଼ିକୁ ଭଲ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାପାଇଁ ସେଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ;

(v)	ବନ୍ଧରେ ମାଟିପକାଇ ତାହାକୁ ଉଚିତ୍ ଆକାର ପ୍ରକାର ଓ ରୂପରେଖରେ ରଖିବାପାଇଁ ମାଟିକାମ।

(vi)	କେନାଲ ବନ୍ଧରେ ମାଟି ଚେକା ଆଚ୍ଛାଦନକରିବା, ରଙ୍ଗକରିବା, ପଲସ୍ତରାକରି ମରାମତି କରିବା, ନଷ୍ଟ ହୋଇଥିବା ଅଂଶକୁ ବଦଳାଇବା, ଗାଛନି ଓ ଅନ୍ୟାନ୍ୟ ସଂରଚନା ଇତ୍ୟାଦିର ମରାମତି କାର୍ଯ୍ୟ

(ଖ) ପାଣି ପଞ୍ଚାୟତ ଓ ଏହାର ଇଲାକା ମଧ୍ୟରେ ରହିଥିବା ସମସ୍ତ ଜଳମାର୍ଗ, କ୍ଷେତ୍ରପ୍ରଣାଳୀ, କ୍ଷେତ୍ରଡ୍ରେନ୍ ଓ ଅନ୍ୟାନ ଡ୍ରେନ୍ ସଂରଚନାର ନିର୍ମାଣ, ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟକୁ ସୁନିଶ୍ଚିତ କରିବ।

(ଗ) ପାଣି ପଞ୍ଚାୟତ ଏହାର ଇଲାକା ମଧ୍ୟସ୍ଥ ଉକ୍ତ କ୍ଷେତ୍ରାଞ୍ଚଳ ଅନ୍ତର୍ଗତ ସମଗ୍ର ଜଳସେଚନ ବ୍ୟବସ୍ଥାରେ କୌଣସି ପ୍ରକାର ଲୋକସାନ ନ ହେବାପାଇଁ ସରକ୍ଷା ପ୍ରଦାନ କରିବେ।

(ଘ) ପାଣି ପଞ୍ଚାୟତ ମାଇନର/ସବ୍‌-ମାଇନର ସ୍ତରରେ ଉନ୍ନତମାନର ଜଳ ପରିଚାଳନା କାର୍ଯ୍ୟ ନିଜ ହାତକୁ ନେବେ / ସେଥିପାଇଁ ଉପାୟ ନିମନ୍ତେ ପ୍ରସ୍ତାବ ଦେବେ।

(ଙ) ପାଣି ପଞ୍ଚାୟତ ସରକାରଙ୍କ ଠାରୁ ପାଣି ନେବେ ଏବଂ ତାହାକୁ ସଦସ୍ୟ ହୋଇଥିବା ବା ଅଣ-ସଦସ୍ୟ ହୋଇଥିବା ଜଳ ବ୍ୟବହରକାରୀମାନଙ୍କ ଫସଲ କ୍ଷେତ୍ରର ଆବଶ୍ୟକତା ଅନୁଯାୟୀ ସେମାନଙ୍କ ମଧ୍ୟରେ, ବଣ୍ଟନ କରିବେ। ଏ ସଂକ୍ରାନ୍ତରେ ପାଣି ପଞ୍ଚାୟତ ମିତବ୍ୟୟତା ଓ *ନିଷ୍ପକ୍ଷପାତିତା ଅବଲମ୍ବନ* କରିବେ। ସମ୍ଭବପର ହେଲେ, ପାଣି ପଞ୍ଚାୟତକୁ ଘନଆୟତନ ଭିତ୍ତିରେ ପାଣି ଯୋଗାଇ ଦିଆଯିବ। ଫାର୍ମସ୍ତରରେ ପାଣି ପଞ୍ଚାୟତ ଉତ୍ତମ ଓ ଉନ୍ନତମାନର ଜଳପରିଚାଳନା ପଦ୍ଧତି ଅବଲମ୍ବନ କରିବ। ଏହା ଆଭ୍ୟନ୍ତରୀଣ ଜଳବଣ୍ଟନ ପାଇଁ ନିଜେ ନିଷ୍ପତି ନେବ।

(ଚ) ପାଣି ପଞ୍ଚାୟତ ଆବଣ୍ଟିତ ଜଳରାଶିର ବ୍ୟବହାରକରି କି ପ୍ରକାର ଫସଲ ଉପୁଜାଇବ ତାହାର ଢ଼ାଞ୍ଚା ନିଷ୍ପତ୍ତି ଅଧିକାର ଏହାଙ୍କଠାରେ ରହିବ।

(ଛ) ପାଣି ପଞ୍ଚାୟତ ସମଗ୍ର ଜଳସେଚନ ବ୍ୟବସ୍ଥା ସଂକ୍ରାନ୍ତରେ ଯୋଜନାବଦ୍ଧ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ସମ୍ବନ୍ଧୀୟ ସୂଚନା ଜଳସମ୍ବଳ ବିଭାଗଠାରୁ ମାଗିପାରିବେ ଓ ତାହାଙ୍କୁ ତାଙ୍କଠାରୁ ହାସଲ କରିପାରିବେ। ଏହାମଧ୍ୟ ଜଳସମ୍ପଦ ବିଭାଗର ସମ୍ପୃକ୍ତ ସହାୟକ ଯନ୍ତ୍ରୀମାନଙ୍କ ଠାରୁ ସହାୟତା ପାଇବା ପାଇଁ ଏବଂ ସମ୍ପତ୍ତିବାଡ଼ିର ସୁପରିଚାଳନା ପାଇଁ ସମ୍ପୃକ୍ତ କରନାଳ/ମାଇନର/ସବ-ମାଇନରଗୁଡ଼ିକର କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଯୋଜନା ପାଇଁ ଜଳସମ୍ବଳ ବିଭାଗକୁ ଅନୁରାଧ ଜଣାଇପାରିବ ଓ ତାହାକୁ ତାଙ୍କଠାରୁ ହାସଲ କରିପାରିବେ।

(ଜ) ସରକାର ଜଳସମ୍ପଦ ବିଭାଗ ଜରିଆରେ ଅର୍ଜନ କରିଥିବା ଅବ୍ୟବହୃତ ଭୂମିକୁ ବ୍ୟବହାର କରିବା ପାଇଁ ପାଣି ପଞ୍ଚାୟତ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଜଳସମ୍ପଦ ବିଭାଗ ମାଧ୍ୟମରେ ସରକାରଙ୍କଠାରୁ ଅନୁମତି ହାସଲ କରିପାରିବେ। କିନ୍ତୁ, ଜଳସେଚନ ବ୍ୟବସ୍ଥାର ପରିବେଶ ଓ କ୍ଷତି ବା ଅସୁବିଧା ଉପୁଜିବା ପ୍ରତି/ ସୁରକ୍ଷା ଦେବାପାଇଁ ଯଥୋଚିତ ଯତ୍ନ ନିଆଯିବ।

(ଝ) ଯଦି ଭୂମିକମ୍ପ, ପ୍ରବଳ ବର୍ଷା ଇତ୍ୟାଦି ଭଳି କୌଣସି ଅଦୃଷ୍ଟପୂର୍ବ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କୌଣସି କ୍ଷତି ଘଟେ, ତାହାହେଲେ ପାଣି ପଞ୍ଚାୟତ ଅବିଳମ୍ବେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ସୂଚାଇବେ।

(ଞ) ପାଣିପଞ୍ଚାୟତ ଓଡ଼ିଶା ଜଳସେଚନ ଅଧିନିୟମ, ୧୯୫୯ ଓ ତଦାଧୀନ ପ୍ରଣୀତ ନିୟମାବଳୀର ବ୍ୟବସ୍ଥାନୁଯାୟୀ ବିହିତ ରେଟ୍ ଅନୁସାରେ ସଂଘର ସଦସ୍ୟ/ଅଣସଦସ୍ୟମାନଙ୍କ ଠାରୁ ଜଳକର ସଂଗ୍ରହକୁ ସୁଗମ କରିବେ। ପ୍ରଦେୟ ଜଳକର ହାର ସରକାରଙ୍କ ଦ୍ୱାରା ଅବଧାରିତ ହେବା ପ୍ରକାରେ ସମୟକୁ ସମୟ ପରିବର୍ତ୍ତିତ ହେବ।

ଆହୁରି ମଧ୍ୟ ଏଥି ସହ ସମ୍ପୃକ୍ତ ପକ୍ଷମାନେ ଏତଦ୍ଦ୍ୱରା ପରସ୍ପର ସହ ନିମ୍ନଲିଖିତମତେ ରାଜିରୁଜା ହେଉଅଛନ୍ତି :

(i) ସରକାର ପାଣି ପଞ୍ଚାୟତକୁ ହସ୍ତାନ୍ତର କରିଥିବା ଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଦିଗରେ ପାଣି ପଞ୍ଚାୟତ କୌଣସି ଅବହେଳା ପ୍ରଦର୍ଶନ କଲେ, ପନ୍ଦରଦିନିଆ ଆଗୁଆ ନୋଟିସ ଦେଇ ଜଳଯୋଗାଣ ବନ୍ଦକରି ଦେବାପାଇଁ ସରକାରଙ୍କର ଅଧିକାର ରହିବ।

(ii) ବାରମ୍ବାର ଅବହେଳା ପ୍ରଦର୍ଶନ କରିବା ସ୍ଥଳେ ଓ ଜଳସେଚନ ବ୍ୟବସ୍ଥାରେ ଉନ୍ନତି ଘଟାଇବା ଦିଗରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଧାର୍ଯ୍ୟ ସମୟ ମଧ୍ୟରେ ପାଣି ପଞ୍ଚାୟତ ସଂଶୋଧନୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଲେ, ସରକାର ଏହି ରାଜିନାମାର ପରିସମାପ୍ତି ଘଟାଇବେ ଏବଂ ପାଣି ପଞ୍ଚାୟତ ଠାରୁ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜ ହାତକୁ ନେବେ।

(iii) ଜଳ ପରିଚାଳନା ବ୍ୟବସ୍ଥା ସଂକ୍ରାନ୍ତରେ ରାଜିନାମାରେ ଉଲ୍ଲିଖିତ ହୋଇଥିବା ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ଯେକୌଣସି ବ୍ୟବସ୍ଥାର ଲଂଘନ ଘଟିଲେ, ସରକାର ଉପରୋକ୍ତ ଉପଖଣ୍ଡ (ii) ରେ ବ୍ୟବସ୍ଥିତ ହୋଇଥିବା ମତେ ମଧ୍ୟ ସେହିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

(iv) ଏହି ରାଜିନାମାଭୁକ୍ତ / ଇଲାକାଧିନ ଉକ୍ତ କ୍ଷେତ୍ରରେ ଥିବା ପାଣି ପଞ୍ଚାୟତକୁ କରାଯାଉଥିବା ଜଳଯୋଗାଣର ସ୍ଥିତି ସମ୍ବନ୍ଧରେ ନିରୀକ୍ଷଣ କରିବା ପାଇଁ ଏବଂ ରାଜିନାମା ସମ୍ପାଦନ କରିଥିବା ପକ୍ଷମାନେ ରାଜିନାମାକୁ ଠିକରୂପେ ପାଳନ କରୁଛନ୍ତି କି ନାହିଁ ତାହା ଅନୁଧ୍ୟାନ କରି ଦେଖିବା ପାଇଁ ସମ୍ପୃକ୍ତ ଜଳସେଚନ ଅଧିକାରୀ (କାର୍ଯ୍ୟନିର୍ବାହୀ ଯନ୍ତ୍ରୀ / ସହାୟକ ଯନ୍ତ୍ରୀ ବା ସେମାନଙ୍କର ପ୍ରାଧିକୃତ ପ୍ରତିନିଧି)ମାନଙ୍କର ଅଧିକାର ରହିବ। ସରକାରୀ ଅଧିକାରୀମାନେ ନିରୀକ୍ଷଣ ସମୟରେ ମନ୍ତବ୍ୟମାନ ଦେଇଥିଲେ, ପାଣି ପଞ୍ଚାୟତ ନିଜର କର୍ତ୍ତବ୍ୟପାଳନ ଦୃଷ୍ଟିରୁ ସେଗୁଡ଼ିକୁ ଅନୁପାଳନ କରିବାପାଇଁ ବାଧ୍ୟହେବେ।

(v) ମିଳୁଥିବା ଜଳର ସର୍ବାଧିକ ବିନିଯୋଗ ଉଦ୍ଦେଶ୍ୟରେ

(କ) ସରକାର ସମୟକୁ ଯେଉଁ ନିର୍ବନ୍ଧନ ଓ ସର୍ତ୍ତାବଳୀ ସ୍ଥିର କରିପାରନ୍ତି ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ବାବଦରେ ଏହା ପାଣି ପଞ୍ଚାୟତର ଅନୁଦାନ ଦେବା ପାଇଁ ବ୍ୟବସ୍ଥା କରିପାରିବେ ଏବଂ ସରକାର ଦ୍ୱାରା କୌଣସି ସ୍ୱତନ୍ତ୍ର ସ୍କିମ୍ ପ୍ରଚଳନ ହେଉଥିଲେ ସେଭଳି ସ୍କିମର ସୁବିଧା ନେବାପାଇଁ ଏହା ମଞ୍ଜୁର କରିପାରିବେ।

(ଖ) ଏତଦ୍‌ବ୍ୟତୀତ, ପାଣି ପଞ୍ଚାୟତ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ବାବଦରେ ନିଜ ପାଣ୍ଠିରୁ ବ୍ୟୟ କରିବେ। କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ବାବଦରେ ନିଜ ପାଣ୍ଠିରୁ ବ୍ୟୟ କରିବେ। କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣର ବ୍ୟୟ ବାବଦରେ ଉପକୃତ ହୋଇଥିବା ଭୂମିର ଏକର ପିଛା ଯଥାନୁପାତ ଭିତ୍ତିରେ ଅଣସଦସ୍ୟମାନଙ୍କ ଠାରୁ ଅର୍ଥ ସଂଗ୍ରହ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣର ବ୍ୟୟ ବାବଦ ବ୍ୟୟଭାରରେ ଅନ୍ତର୍ଭୂକ୍ତ ହେବ।

(vi) ପ୍ରକଳ୍ପ କମିଟିରୁ ଜଣେ ମନୋନୀତ ବ୍ୟକ୍ତି ଏବଂ ସମ୍ପୃକ୍ତ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନେଇ ଗଠିତ କମିଟି ଏହି ରାଜିନାମା ଅନୁଯାୟୀ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ କୌଣସି ବିବାଦ ଉପୁଜିଲେ ତାହାର ସମାଧାନ କରିବେ। ଏହି ବିବାଦର ସମାଧାନର କରିବା ଦିଗରେ କୌଣସି ଅସୁବିଧା ଦେଖାଦେଲେ, ଏହି ବିଷୟରେ ସଂପୃକ୍ତ ମୁଖ୍ୟଯନ୍ତ୍ରୀଙ୍କ ନିକଟକୁ ରେଫର କରାଯିବ ଓ

ତାହାପରେ ବିବାଦର ସମାଧାନ ନିମନ୍ତେ ତାହାକୁ ସମୁଚିତ ବିଭାଗ ଜରିଆରେ ସରକାରଙ୍କ ନିକଟକୁ ପଠାଯିବ ।

୪. ଏହି ରାଜିନାମାରେ ସ୍ୱାକ୍ଷରକରିବା ତାରିଖଠାରୁ ତାହା ଦୁଇବର୍ଷ କାଳାବଧି ପୂରିଯିବା ପୂର୍ବରୁ ଉଭୟ ପକ୍ଷ ଅଧିକା ଯେଉଁ କାଳାବଧି ଯାଏଁ ଲିଖିତଭାବରେ ନିଷ୍ପତ୍ତି ନେବେ ସେହି ଅଧିକତର ସମୟ ପର୍ଯ୍ୟନ୍ତ ଏହି ରାଜିନାମା ବଳବତ୍ତର ହୋଇ ରହିବ ।

ପ୍ରମାଣ ନିଦର୍ଶନ ସ୍ୱରୂପ ଏହି ରାଜିନାମା ସହ ସମ୍ପୃକ୍ତ ପକ୍ଷମାନେ ଏଥିର ଶିରୋନାମା ତଳେ ଲିଖିତ ତାରିଖ ଓ ବର୍ଷରେ ସ୍ୱାକ୍ଷର କରିଅଛନ୍ତି ।

ଓଡ଼ିଶା ରାଜ୍ୟପାଳଙ୍କ ପାଇଁ ତାହାଙ୍କ ତରଫରୁ … … … … … … … … … … … … … … … … …

ବିଭାଗ/କାର୍ଯ୍ୟାଳୟର ଶ୍ରୀ … … … … … … … … … … … … … … … … … … … … … … … … … … … … … … … … … … … … … … ନିମ୍ନଲିଖିତ ସାକ୍ଷୀମାନଙ୍କ ଉପସ୍ଥିତିରେ ସ୍ୱାକ୍ଷର କଲେ

୧ମ ସାକ୍ଷୀ … … … … … … … … … … … … … … … … … …

ଠିକଣା :

ଜୀବିକା :

୨ୟ ସାକ୍ଷୀ … … … … … … … … … … … … … … … … … …

ଠିକଣା :

ଜୀବିକା :

ପାଣି ପଞ୍ଚାୟତ ପାଇଁ ଏବଂ ତାହାଙ୍କ ତରଫରୁ … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … … … … … …ପାଣି ପଞ୍ଚାୟତର ଶ୍ରୀ … … … … … … … … … … … … … … … … … … … … … … … … … … … … … .ନିମ୍ନଲିଖିତ ସାକ୍ଷୀମାନଙ୍କ ଉପସ୍ଥିତିରେ ସ୍ୱାକ୍ଷର କଲେ … … … … … … … … … … … … … … … … … …

୧ମ ସାକ୍ଷୀ … … … … … … … … … … … … … … … … … …

ଠିକଣା :

ଜୀବିକା :

୨ୟ ସାକ୍ଷୀ … … … … … … … … … … … … … … … … … …

ଠିକଣା :

ଜୀବିକା :

# ଫାରମ–ଖ

**(ନିୟମ ୭ (୨) (xxvii) ଦ୍ରଷ୍ଟବ୍ୟ)**

**ଓଡ଼ିଶା ଉଠା ଜଳସେଚନ ନିଗମ ଲିଃ (ଓ.ଉ.ଜ.ନି.) ଏବଂ ପାଣି ପଞ୍ଚାୟତ (ପା.ପ) ମଧ୍ୟରେ ରାଜିନାମା**

## ଅଧ୍ୟାୟ I

## ପକ୍ଷମାନେ, ରାଜିନାମାର ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟମାନ

ଅନୁଚ୍ଛେଦ ୧ – ଚୁକ୍ତିଭୁକ୍ତ ପକ୍ଷବୃନ୍ଦ

ଓଡ଼ିଶା ଉଠା ଜଳସେଚନ ନିଗମ ଲିଃ (ଏହାପରେ ଓ.ଉ.ଜ.ନି. ନାମରେ ଅଭିହିତ) **ତରଫରୁ ଜଳସମ୍ପଦ ବିଭାଗ ଅନ୍ତର୍ଗତ ଓ.ଉ.ଜ.ନି. ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ------------------- ଜଳ ବ୍ୟବହାରକାରୀ ସଂଘ, ରେଜିଷ୍ଟ୍ରେସନ ନଂ ---------------------------------- (ଏହାପରେ ପାଣି ପଞ୍ଚାୟତ ନାମରେ ଅଭିହିତ)**ଙ୍କ ତରଫରୁ ଉକ୍ତ ପାଣି ପଞ୍ଚାୟତର ଚେୟାରମ୍ୟାନ ଏତଦ୍ୱାରା ନିମ୍ନଲିଖିତ ରାଜିନାମା ---------------------------------------- ଠାରେ ତା -------------------- ରିଖରେ ସମ୍ପାଦନ କରୁଅଛନ୍ତି ।

ଅନୁଚ୍ଛେଦ ୨ – ରାଜିନାମାର ବିଷୟବସ୍ତୁ

୧. ସାମ୍ପ୍ରତିକ ରାଜିନାମା ଅନୁସାରେ ଏବଂ *ନିମ୍ନଲିଖିତ ଅନୁଚ୍ଛେଦନମାନଙ୍କରେ ଉଲ୍ଲିଖିତ ହୋଇଥିବା ପ୍ରକାରେ, ଉଠା* ଜଳସେଚନ ପ୍ରକଳ୍ପ ---------------------------------- ଟି. ଡ଼ବ୍ଲୁ./ଆର.ଏସ. (ଏହାପରେ ଉ.ଜ.ପ୍ର. ନାମରେ ଅଭିହିତ) ସେଚାଞ୍ଚଳ ଅନ୍ତର୍ଗତ ସେଚିତ କ୍ଷେତ୍ରକୁ ଓ.ଉ.ଜ.ନି.ଙ୍କଠାରୁ ଉଠା ଜଳସେଚନ ପ୍ରକଳ୍ପର ସ୍ୱୟଂଶାସିତ ପରିଚାଳନା ଉଦ୍ଦେଶ୍ୟରେ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଉଅଛି ।

୨. ଉଠା ଜଳସେଚନ ପ୍ରକଳ୍ପର ଉକ୍ତ ସେଚିତ କ୍ଷେତ୍ରକୁ ଦର୍ଶାଉଥିବା ମାନଚିତ୍ରର ଏକକିତା ନକଲ ଅନୁଲଗ୍ନ–୧ ଅନୁସାରେ ଏଥିସହ ସଂଲଗ୍ନ କରାଯାଇଅଛି ଏବଂ ତାହା ଏହି ରାଜିନାମାର ଏକ ଭାଗବିଶେଷ ଗଠନ କରୁଅଛି ।

୩. ଏହି ରାଜିନାମାର *ନିମ୍ନଲିଖିତ ଅନୁଚ୍ଛେଦମାନଙ୍କରେ* ଯେଉଁ *ନିର୍ବନ୍ଧନ* ଓ ସର୍ତ୍ତାବଳୀ, ଏହି ଉଦ୍ଦେଶ୍ୟରେ ଉଲ୍ଲେଖିତ ହୋଇଛି ସେଗୁଡ଼ିକ ଉଭୟ ପକ୍ଷଙ୍କ ଦ୍ୱାରା ଗୃହୀତ ହେଲା ।

ଅନୁଚ୍ଛେଦ ୩ – ଉଦ୍ଦେଶ୍ୟମାନ

୧. ସର୍ବାଧିକ ଫସଲ ଉତ୍ପାଦନକରିବା ଲକ୍ଷ୍ୟ ନେଇ ମିଳୁଥିବା ଜଳଉତ୍ସର ସର୍ବାଧିକ ବିନିଯୋଗ କରିବା ଉଦ୍ଦେଶ୍ୟରେ ଜଳସେଚନ ପରିଚାଳନାରେ ହିତାଧିକାରୀମାନଙ୍କର ଅଂଶଗ୍ରହଣରେ ବୃଦ୍ଧି ଘଟାଇବା ହେଉଛି ଏହି ସମ୍ପାଦିତ ରାଜିନାମାର ପ୍ରାଥମିକ ଉଦ୍ଦେଶ୍ୟ ।

୨. ହିତାଧିକାରୀମାନଙ୍କ ପାଇଁ ଉଠା ଜଳସେଚନ ପ୍ରକଳ୍ପର କର୍ମ ସଂପାଦନ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟଭାରକୁ ହ୍ରାସ କରିବା ଏବଂ ଚାଷୀମାନଙ୍କ ଦ୍ୱାରା ସ୍ୱୟଂଶାସିତ ଓ ଦାୟିତ୍ୱପୂର୍ଣ୍ଣ ପରିଚାଳନାରେ ଉନ୍ନତି ଘଟାଇ ଉଠା ଜଳସେଚନ ପ୍ରକଳ୍ପର ବହନଯୋଗ୍ୟ ରକ୍ଷଣାବେକ୍ଷଣ ବ୍ୟୟଭାର ସ୍ତରରେ ରହିବା ଓ ବିକାଶସାଧନ କରିବା ହେଉଛି ଏହାର ଉଦ୍ଦେଶ୍ୟ ।

## **ଅଧ୍ୟାୟ !!**

## ନିର୍ବିଂଧନ ଓ ସର୍ତ୍ତାବଳୀ

**ଅନୁଚ୍ଛେଦ ୪ – ପାଣି ପଞ୍ଚାୟତର ପଦମର୍ଯ୍ୟାଦା :**

ରାଜିନାମା ସମ୍ପାଦନ ସମୟରେ ପାଣି ପଞ୍ଚାୟତ ଏକ ଆଇନଗତ ଓ ରେଜିଷ୍ଟ୍ରୀକୃତ ନିକାୟ ହୋଇଥିବା ଆବଶ୍ୟକ । ଉଠା ଜଳସେଚନ ପ୍ରକଳ୍ପର ସେଚିତ କ୍ଷେତ୍ରାନ୍ତର୍ଗତ ଓ ସବୁ ଭୂମି ମାଲିକ ବା ଚାଷୀମାନେ ପାଣି ପଞ୍ଚାୟତର ସଦସ୍ୟ ହେବାକୁ ପଡ଼ିବ । ପାଣି ପଞ୍ଚାୟତର ସଦସ୍ୟ ହୋଇଥିବା ଜଣେ ଭୂମି ମାଲିକ ସମ୍ପୃକ୍ତ ସେଚିତ କ୍ଷେତ୍ରରେ ଥିବା ତାହାଙ୍କ ଭୂମି ବିକିଦେଲେ ତେଣିକି ସେ ଆଉ ପାଣି ପଞ୍ଚାୟତର ସଦସ୍ୟ ହୋଇରହିବେ ନାହିଁ ଏବଂ ନୂଆ ଭୂମି ମାଲିକ ସଂଘର ସଦସ୍ୟପଦ ପାଇଁ ଯୋଗ୍ୟ ହେବେ ।

ଅନୁଚ୍ଛେଦ ୫ – ଜଳସେଚନ ପ୍ରକଳ୍ପର ଉଚିତ୍ କୃତ୍ୟ ନିର୍ବହନ

୧. ଓଡ଼ିଶା ଉଠା ଜଳସେଚନ ନିଗମଙ୍କ ଠାରୁ ପାଣି ପଞ୍ଚାୟତଙ୍କ ଠାରେ ଉଠା ଜଳସେଚନ ପ୍ରକଳ୍ପକୁ ହସ୍ତାନ୍ତର କରାଯିବା ପୂର୍ବରୁ, ଉଠାଜଳସେଚନ ପ୍ରକଳ୍ପର ସାଜସରଞ୍ଜାମରେ କୌଣସି ଅଭାବ, ଅକୃତି, *ନିମ୍ନମାନ*ର ବା ତାହା ଅସମ୍ପୂର୍ଣ୍ଣ କାର୍ଯ୍ୟହୋଇ ରହିଥିବାର ବା ତାହା ଭଲଭାବେ କାର୍ଯ୍ୟକ୍ଷମ ନ ଥିବାର ଚିହ୍ନଟ କରିବାଲାଗି ଉଭୟ ପକ୍ଷ ମିଳିତଭାବେ ଉଠାଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରିଛନ୍ତି । ପ୍ରତ୍ୟେକ ଯନ୍ତ୍ରାଂଶର ଅବସ୍ଥା ସମ୍ପର୍କରେ ଏକ ପୃଥକ ପ୍ରୋଟକଲ ଅନୁଲଗ୍ନ–୨ ଠାରେ ସଂଲଗ୍ନ କରାଯାଇଅଛି । ବର୍ତ୍ତମାନର ଏହି ରାଜିନାମାରେ ଥିବା ସ୍ୱାକ୍ଷରମାନ ଏପରି ସତ୍ୟାପନର *ନିଦର୍ଶନ* ସ୍ୱରୂପ ଅଟେ ।

୨. ଉଠା ଜଳସେଚନ ପ୍ରକଳ୍ପକୁ ହସ୍ତାନ୍ତର କରାଯିବା ସମୟରେ ତାହା ଭଲଭାବେ କାର୍ଯ୍ୟକ୍ଷମ ଅବସ୍ଥାରେ ନ ଥିଲେ, ତାହାର ସୁରୁଖୁରୁ କାର୍ଯ୍ୟ ସମ୍ପାଦନ ପାଇଁ ଉଭୟପକ୍ଷ ପରସ୍ପର ସହମତ ହେବା ସେପରି ସମୟ ମଧ୍ୟରେ ଓଡ଼ିଶା ଉଠା ଜଳସେଚନ *ନିଗମ ଖରାପ ଯନ୍ତ୍ରାଂଶଗୁଡ଼ିକୁ ବଦଳାଇଦେବା ପାଇଁ ଗ୍ୟାରେଣ୍ଟି ଦେବେ ।*

ଅନୁଚ୍ଛେଦ ୬– ସମ୍ପତ୍ତିର ମାଲିକାନା :

୧. ଉଠା ଜଳସେଚନ ପ୍ରକଳ୍ପର ସମସ୍ତ ସମ୍ପତ୍ତିବାଡ଼ିର ଯଥା–ଶୀର୍ଷସ୍ଥଳୀୟ ନିର୍ମାଣ କାର୍ଯ୍ୟ, ଜଳବଣ୍ଟନ ପଦ୍ଧତିର ମାଲିକ ପାଣି ପଞ୍ଚାୟତ ହେବେ ଏବଂ ଏଥିସହ ସଂଲଗ୍ନ ହୋଇଥିବା ସମ୍ପତ୍ତିର ମାଲିକାନା ତାଲିକା ଅନୁସାରେ ଓଡ଼ିଶା ଉଠା ଜଳସେଚନ *ନିଗମଙ୍କ ଠାରୁ ପାଣି ପଞ୍ଚାୟତକୁ ହସ୍ତାନ୍ତରିତ ଅନ୍ୟ ସମସ୍ତ ସାଜସରଞ୍ଜାମର ମାଲିକାନା ପୂର୍ବବତ୍ ଓଡ଼ିଶା ଉଠା ଜଳସେଚନ ନିଗମଙ୍କଠାରେ ନ୍ୟସ୍ତ ରହିବ ।*

୨. ସରକାରଙ୍କ ପ୍ରଶାସନିକ ବିଭାଗ (ଜଳସମ୍ପଦ ବିଭାଗ) ର ରାଜିନାମାକୁ ବାତିଲ କରିବାପାଇଁ ଅଧିକାର ରହିଛି । ପାଣି ପଞ୍ଚାୟତ ଦ୍ୱାରା ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ଦକ୍ଷତାର ସହିତ ପରିଚାଳନା କରା ନ ଗଲେ, ଉକ୍ତ ରାଜିନାମାକୁ ବାତିଲ କରାଯାଇପାରିବ ଏବଂ ଉଠା ଜଳସେଚନ ପ୍ରକଳ୍ପକୁ ଅନ୍ୟ କୌଣସି ନିକାୟ ବା ସଂଘଙ୍କୁ ହସ୍ତାନ୍ତର କରିଦିଆଯିବ ।

ଅନୁଚ୍ଛେଦ ୭ – କର୍ମ ସଂପାଦନ ଓ ରକ୍ଷଣାବେକ୍ଷଣ

୧. ପାଣି ପଞ୍ଚାୟତ ଉଠା ଜଳସେଚନ ପ୍ରକଳ୍ପର ସମ୍ପୂର୍ଣ୍ଣ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣକରିବ । ପାଣି ପଞ୍ଚାୟତ ସମସ୍ତ ପ୍ରକାର ବଡ଼ଧରଣର ଓ ଛୋଟକାଟର ମରାମତି କାର୍ଯ୍ୟ ନିଜ ପାଣ୍ଠିରୁ ତୁଲାଇବେ । ପାଣି ପଞ୍ଚାୟତ ଯେତେବେଳେ ଆବଶ୍ୟକ କରିବେ, ସେତେବେଳେ ଓଡ଼ିଶା ଉଠା ଜଳସେଚନ *ନିଗମ ତାହାଙ୍କୁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇଦେବେ । କିନ୍ତୁ, ପାଣି ପଞ୍ଚାୟତକୁ ମରାମତି ଓ ରକ୍ଷଣାବେକ୍ଷଣ ବାବଦ ସମ୍ପୂର୍ଣ୍ଣ ବ୍ୟୟଭାରକୁ ବହନ* କରିବାକୁ ପଡ଼ିବ ।

୨. ପାଣି ପଞ୍ଚାୟତ ପମ୍ପ ଅପରେଟର ନିଯୁକ୍ତ କରିବ ।

ଅନୁଚ୍ଛେଦ ୮ – ଶକ୍ତି ଯୋଗାଣ ପାଇଁ ଚୁକ୍ତି ।

୧. ପାଣି ପଞ୍ଚାୟତ ଉଠା ଜଳସେଚନ ପ୍ରକଳ୍ପକୁ ଶକ୍ତି ଯୋଗାଣ *ନିମନ୍ତେ ବିଦ୍ୟୁତ୍‌ଶକ୍ତି ଯୋଗାଣ କମ୍ପାନିମାନଙ୍କ* ସହିତ ରାଜିନାମା ସମ୍ପାଦନ କରିବ ଏବଂ ଶକ୍ତି ବାବଦ ଦେୟ ଅର୍ଥକୁ ସିଧାସଳଖ ବିଦ୍ୟୁତ୍‌ଶକ୍ତି ଯୋଗାଣ କମ୍ପାନିମାନଙ୍କ ନିକଟରେ ପଇଠ କରିବ । ଓଡ଼ିଶା ଉଠା ଜଳସେଚନ ନିଗମର ଅତୀତ ଦେୟ ଅର୍ଥ ପାଇଁ ଏହା ଦାୟୀ ରହିବ ନାହିଁ ।

୨. ଓଡ଼ିଶା ଉଠା ଜଳସେଚନ ନିଗମ ତାହାଙ୍କ ଠାରୁ ପାଣି ପଞ୍ଚାୟତଙ୍କୁ ଉଠା ଜଳସେଚନ ପ୍ରକଳ୍ପର ପରିଚାଳନା ଭାର ଅର୍ପଣ କରାଯାଉଛି ବୋଲି ବିଦ୍ୟୁତ୍‌ଶକ୍ତି ଯୋଗାଣ କମ୍ପାନୀମାନଙ୍କୁ ସୂଚନା ଦେବେ । ଉଠା ଜଳସେଚନ ପ୍ରକଳ୍ପର ପରିଚାଳନା ଭାର ପାଣି ପଞ୍ଚାୟତକୁ ହସ୍ତାନ୍ତରିତ ହୋଇଯିବା ପରେ ଓଡ଼ିଶା ଉଠା ଜଳସେଚନ ନିଗମ ଜଳସେଚନ ପଏଣ୍ଟର କୌଣସି ଦାୟିତ୍ୱ ନେବନାହିଁ। ଏହା ଅବଶ୍ୟ ଜଳସେଚନ ପଏଣ୍ଟର ଅତୀତ ଦାୟିତ୍ୱ ପାଇଁ ଦାୟୀ ହେବ।

୩. ଉପରୋକ୍ତ ଦୃଷ୍ଟିରୁ ବିଦ୍ୟୁତ୍‌ଶକ୍ତି ଯୋଗାଣ କମ୍ପାନୀ, ଓଡ଼ିଶା ଉଠା ଜଳସେଚନ ନିଗମ ଓ ପାଣି ପଞ୍ଚାୟତ ମଧ୍ୟରେ ଏକ ତ୍ରିପାକ୍ଷିକ ରାଜିନାମା ସମ୍ପାଦିତ ହେବ ।

ଅନୁଚ୍ଛେଦ ୯ – ପାଣି ପଞ୍ଚାୟତ କର୍ମଚାରୀମାନଙ୍କ ପ୍ରଶିକ୍ଷଣ :

ଓଡ଼ିଶା ଉଠା ଜଳସେଚନ ନିଗମ ପମ୍ପ ଅପରେଟର ଓ ଅତିବେଶୀରେ ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କୁ *ନିମ୍ନଲିଖିତ ବିଷୟରେ ପ୍ରଶିକ୍ଷଣ ପ୍ରଦନା* କରିବେ,–

(କ) ପମ୍ପର କାର୍ଯ୍ୟସମ୍ପାଦନ ଓ ରକ୍ଷଣାବେକ୍ଷଣ, ଏହାର ସାଜସରଞ୍ଜାମ ଓ ବଣ୍ଟନ ପଦ୍ଧତି।

(ଖ) ଇଠା ଜଳସେଚନ ପ୍ରକଳ୍ପର ଛୋଟକାଟର ମରାମତି କାର୍ଯ୍ୟ।

(ଗ) ହିସାବରକ୍ଷଣ ଓ ଉଆଟର ଟାରିଫ ଆକଳନ ଏବଂ ଖାତାପତ୍ର ଓ ରେଜିଷ୍ଟରଗୁଡ଼ିକ ପାଇଁ ଥିବା ମଡ଼େଲ ଫର୍ମର ବ୍ୟବସ୍ଥା ସଂକ୍ରାନ୍ତରେ ପାଣି ପଞ୍ଚାୟତ ପଦଧାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ।

(ଘ) ମାଗଣାରେ ପ୍ରଶିକ୍ଷଣ ଦିଆଯିବ।

ଅନୁଚ୍ଛେଦ ୧୦ – ପାଣି ବାବଦ ପ୍ରାପ୍ୟ ଅର୍ଥ ଓ ଏହାର ସଂଗ୍ରହ

ପାଣି ବାବଦ ପ୍ରାପ୍ୟ ଅର୍ଥ ପରିମାଣର ସଂଗ୍ରହ କରାଯିବ, ଉପରେ ନିଷ୍ପତ୍ତି ନେବାପାଇଁ ପାଣି ପଞ୍ଚାୟତର ଅଧିକାର ରହିଛି। ନିମ୍ନଲିଖିତକୁ ମିଶାଇ କର୍ମ ସମ୍ପାଦନ ଓ ରକ୍ଷଣାବେକ୍ଷଣ ବାବଦ ସମସ୍ତ ବ୍ୟୟ ପାଣି ବାବଦ ପ୍ରାପ୍ୟ ଅର୍ଥ ପରିମାଣର ସାମିଲ କରାଯିବ,

(କ) ପମ୍ପ ଅପରେଟରଙ୍କ ଦରମା ଯଦି ଥାଏ,

(ଖ) ଶକ୍ତିବାବଦ ଦେୟ ଅର୍ଥ

(ଗ) ମରାମତି ବାବଦ ଦେୟ ଅର୍ଥ

(ଘ) ପ୍ରଶାସନିକ ବ୍ୟୟ ଓ

(ଙ) ଅନ୍ୟାନ୍ୟ ବ୍ୟୟ, ଯଦି ଥାଏ।

## ଅଧ୍ୟାୟ !!

### ବିବିଧ

ଅନୁଛେଦ ୧୧–

୧. ସରକାର ଭବିଷ୍ୟତରେ ରାଜିନାମା ବା ଉପବିଧିଗୁଡ଼ିକରେ କୌଣସି ପରିବର୍ତ୍ତନ ଆଣିବାପାଇଁ ଆବଶ୍ୟକ ମନେକଲେ, ତାହା ବିଦ୍ୟମାନ ଥିବା ରାଜିନାମା ଓ ଉପବିଧିଗୁଡ଼ିକ ପ୍ରତି ଯଥୋଚିତ ପରିବର୍ତ୍ତନ ସହିତ ଲାଗୁହେବ।

୨. ଯଦି ଉଭୟ ପକ୍ଷ କୌଣସି ସର୍ତ୍ତର ଆଂଶିକ ପରିବର୍ତ୍ତନ ବା ପରିବର୍ଦ୍ଧନ ନେଇ ଲିଖିତଭାବେରେ ସେମାନଙ୍କର ସହମତି ପ୍ରଦାନ କରନ୍ତି, ତାହାହେଲେ ସେପରି ସର୍ତ୍ତର ଆଂଶିକ ପରିବର୍ତ୍ତନ ବା ପରିବର୍ଦ୍ଧନ ହୋଇପାରିବ।

ବର୍ତ୍ତମାନ ଏହି ଦସ୍ତାବିଜରେ ସ୍ୱାକ୍ଷର କରିବା ତାରିଖଠାରୁ ଏହାକୁ ବାତିଲ କରାଯିବା ପର୍ଯ୍ୟନ୍ତ ଏହି ରାଜିନାମାଟି ବଳବତ୍ତର ରହିବ।

**ଚେୟାରମ୍ୟାନ**
(ସ୍ୱାକ୍ଷର)
**ପାଣିପଞ୍ଚାୟତ**

**କାର୍ଯ୍ୟନିର୍ବାହୀ ଯନ୍ତ୍ରୀ**
(ସ୍ୱାକ୍ଷର)
**ଓଡ଼ିଶା ଉଠା ଜଳସେଚନ ନିଗମ ଡ଼ିଭିଜନ**

# ଫାରମ–ଗ

(ନିୟମ ୨୩ (ଙ) ଦ୍ରଷ୍ଟବ୍ୟ)

## ପ୍ରଶାସନିକ ଅନୁମୋଦନ ରେଜିଷ୍ଟର

ପାଣି ପଞ୍ଚାୟତର ନାମ ------------------------

କ୍ଷୁଦ୍ର (ମାଇନର) / କ୍ଷୁଦ୍ରତର (ସବ୍–ମାଇନର) ଜଳସେଚନ ବ୍ୟବସ୍ଥାର ନାମ --------------

| କ୍ରମିକ ନମ୍ବର | କାର୍ଯ୍ୟର ନାମ | ପ୍ରାକ୍କଳିତ ପରିମାଣ (ଟଙ୍କା) | ଅନୁମୋଦନ ସଂକ୍ରାନ୍ତୀୟ ବିଶଦ ବିବରଣୀ | | ମନ୍ତବ୍ୟ |
|---|---|---|---|---|---|
| | | | ବୈଠକ ସଂଖ୍ୟା | ତାରିଖ | |
| ୧ | ୨ | ୩ | ୪ | ୫ | ୬ |
| | | | | | |
| | | | | | |
| | | | | | |
| | | | | | |

# ଫାରମ–ଘ

(ନିୟମ ୩୦ (**iii**) ଦ୍ରଷ୍ଟବ୍ୟ)

## ଭୂ–ଧାରକ ରେଜିଷ୍ଟର

ପାଣି ପଞ୍ଚାୟତର ନାମ -----------------------

କ୍ଷୁଦ୍ର (ମାଇନର) / କ୍ଷୁଦ୍ରତର (ସବ୍–ମାଇନର) ଜଳସେଚନ ବ୍ୟବସ୍ଥାର ନାମ -------------

| କ୍ରମିକ ନମ୍ବର | ନିର୍ଗମପଥ ସଂ | ଭୂ–ଧାରକମାନଙ୍କ ନାମ | ପିତାଙ୍କ ନାମ | ଜୋତଗୁଡ଼ିକର ନମ୍ବର | ପ୍ଲଟ ସଂ | ମୋଟ କ୍ଷେତ୍ର (ହେକ୍ଟର) କୃଷି | ଇନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | | | | | | |
| | | | | | | | |
| | | | | | | | |
| | | | | | | | |

# ଫାରମ-ଙ

(ନିୟମ ୩୦ (iv) ଦ୍ରଷ୍ଟବ୍ୟ)

## ଜଳକର ବାବଦ ପାଉଣା ଓ ଅସୁଲ ରେଜିଷ୍ଟର

ପାଣି ପଞ୍ଚାୟତର ନାମ ----------------------- ପାଣି ପଞ୍ଚାୟତ ସେଚ କ୍ଷେତ୍ର (ହେକ୍ଟର) ---------------------------------

କ୍ଷୁଦ୍ର (ମାଇନର) / କ୍ଷୁଦ୍ରତର (ସବ୍-ମାଇନର)

ଜଳସେଚନ ବ୍ୟବସ୍ଥାର ନାମ -------------------- ପ୍ରକୃତ ଫସଲ କ୍ଷେତ୍ର (ହେକ୍ଟର) ------------------------------------

ଆର୍.ଡ଼ି.ଅଫ୍‌ଟେକିଙ୍ଗ-------------------------- ଋତୁ (ଖରିଫ)/ରବି/ଗ୍ରୀଷ୍ମକାଳୀନ------------------------------------

ମୂଳ କେନାଲର ନାମ ------------------------

| ନିର୍ଗମ ପଥ (ସଂ) | ନିର୍ଗମ ପଥର ଆର୍.ଡ଼ି | ନିର୍ଗମ ପଥ ଅନୁସାରେ ମୋଟ ପରିବେଷଣ କ୍ଷେତ୍ର | କୃଷକଙ୍କ ନାମ | ଚାଷ କ୍ଷେତ୍ର କେଉଁ ପ୍ରକାର | | ଫସଲ ବୃଦ୍ଧିର କିସମ ଭେଦ | ଜଳକର (ଟଙ୍କା/ହେକ୍ଟର) | | | ପାଉଣା ପରିମାଣ (ଟଙ୍କା) | | | ଅସୁଲ ପରିମାଣ (ଟଙ୍କା) | | | ଅବଶିଷ୍ଟ | | |
|---|---|---|---|---|---|---|---|---|---|---|---|---|---|---|---|---|---|---|
| | | | | ପ୍ଲଟ ନମ୍ବର | କ୍ଷେତ୍ର (ହେକ୍ଟର) | | ଖରିଫ | ରବି | ଗ୍ରୀଷ୍ମ କାଳୀନ | ଖରିଫ | ରବି | ଗ୍ରୀଷ୍ମ କାଳୀନ | ଖରିଫ | ରବି | ଗ୍ରୀଷ୍ମ କାଳୀନ | ଖରିଫ | ରବି | ଗ୍ରୀଷ୍ମ କାଳୀନ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| | | | | | | | | | | | | | | | | | | |
| | | | | | | | | | | | | | | | | | | |
| | | | | | | | | | | | | | | | | | | |
| | | | | | | | | | | | | | | | | | | |

# ଫାରମ–ଚ

(ନିୟମ ୩୦ (v) ଦ୍ରଷ୍ଟବ୍ୟ)

ବିଲ ରେଜିଷ୍ଟର

ପାଣି ପଞ୍ଚାୟତର ନାମ ------------------------

| କ୍ରମିକ ନମ୍ବର | ବିଲ୍ ନମ୍ବର | କାର୍ଯ୍ୟର ନାମ | ନିଷ୍ପାଦକଙ୍କ ନାମ | ପରିମାଣ (ଟଙ୍କା) | ବିଲ୍ ଉପସ୍ଥାପନର ତାରିଖ | ଅର୍ଥ ପ୍ରଦାନ ପାଇଁ ପାସ୍ ହୋଇଥିବା ପରିମାଣ | ପ୍ରଦତ୍ତ ପରିମାଣ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | | | | | | |
| | | | | | | | |
| | | | | | | | |
| | | | | | | | |

# ଫାରମ–ଛ

(ନିୟମ ୩୦ (vi) ଦ୍ରଷ୍ଟବ୍ୟ)

## ରୋକଡ଼ ବହି

ପାଣି ପଞ୍ଚାୟତର ନାମ ------------------------ ବର୍ଷ----------------

ମାସ ----------------------------------

| କ୍ରମିକ ନମ୍ବର | ତାରିଖ | ନଗଦ ପ୍ରାପ୍ତି | | ନଗଦ ପ୍ରଦାନ | |
|---|---|---|---|---|---|
| | | ସବିଶେଷ ବିବରଣୀ | ପାଇଥିବା ପରିମାଣ (ଟଙ୍କା) | ସବିଶେଷ ବିବରଣୀ | ପ୍ରଦତ୍ତ ପରିମାଣ (ଟଙ୍କା) |
| ୧ | ୨ | ୩ | ୪ | ୫ | ୬ |
| | | | | | |
| | | | | | |
| | | | | | |

**ଅନ୍ତିମ ଅବଶେଷ :–**

୧. ଏକେତ ନଗଦ ଟଙ୍କା ଆକାରରେ ହେଉ ଅଥବା ଡ୍ରଫ୍‌ଟ ଆକାରରେ ହେଉ
କୋଷାଧ୍ୟକ୍ଷଙ୍କ ପାଖରେ ଥିବା ନଗଦ ଟଙ୍କାର ପରିମାଣ

୨. ବ୍ୟାଙ୍କରେ ଗଚ୍ଛିତଥିବା ନଗଦ ଟଙ୍କାର ପରିମାଣ

ସ୍ୱାକ୍ଷର

# ଫାରମ–ଜ

(ନିୟମ ୩୦ (**vii**) ଦ୍ରଷ୍ଟବ୍ୟ)

ରସିଦ ବହି

ପାଣି ପଞ୍ଚାୟତର ନାମ ------------------------

କ୍ଷୁଦ୍ର (ମାଇନର)/କ୍ଷୁଦ୍ରତର (ସବ୍–ମାଇନର) ଜଳସେଚନ

ବ୍ୟବସ୍ଥାର ନାମ ------------------------

ରସିଦ ବହି ନମ୍ବର ---------------------------- କ୍ରମିକ ନମ୍ବର --------------------- ତାରିଖ ---------------------

ଶ୍ରୀମତୀ/ଶ୍ରୀ/ମେସର୍ସ ----------------------- ଙ୍କ ଠାରୁ ------------------------ ଟଙ୍କା /ଦ୍ରବ୍ୟ -----------------------

----------------------------------------- ପାଇଁ ଧନ୍ୟବାଦ ସହ ପ୍ରାପ୍ତି ସ୍ୱୀକାର କରାଗଲା ଏବଂ ----------------------- ପାଣି

ପଞ୍ଚାୟତର ----------------------------------- ହିସାବରେ ତାହା ଗ୍ରହଣ କରାଗଲା ।

ଦ୍ରବ୍ୟମାନ  ପରିମାଣ

ପ୍ରାଧିକୃତ ସ୍ୱାକ୍ଷରକାରୀ

----------------- ପାଣି ପଞ୍ଚାୟତର ସମ୍ପାଦକ

# ଫାରମ–୯

## (ନିୟମ ୩୦ (viii) ଦ୍ରଷ୍ଟବ୍ୟ)

## ଆସ୍ତି ବା ସମ୍ପତ୍ତି ରେଜିଷ୍ଟର

ପାଣି ପଞ୍ଚାୟତର ନାମ ------------------------ ମାସ -------------------------

କ୍ଷୁଦ୍ର (ମାଇନର)/କ୍ଷୁଦ୍ରତର (ସବ୍–ମାଇନର)

ଜଳସେଚନ ବ୍ୟବସ୍ଥାର ନାମ --------------- ବର୍ଷ ----------------------

| କ୍ରମିକ ନମ୍ବର | ତାରିଖ | ଦ୍ରବ୍ୟର ସବିଶେଷ ବିବରଣୀ | ପ୍ରାରମ୍ଭିକ ଅବଶେଷ (ପରିମାଣ) | ପ୍ରାପ୍ତି (ପରିମାଣ) | ନିର୍ଗମନ (ପରିମାଣ) | ଦେଣନେଣର ପ୍ରକାର (କ୍ରୟ/ବିକ୍ରୟ/ଅନ୍ତରଣ/ଦାନ) | ଅନ୍ତିମ ଅବଶେଷ ପରିମାଣ | ମନ୍ତବ୍ୟ ପ୍ରସଙ୍ଗ | ସ୍ୱାକ୍ଷର |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧. | | | | | | | | | |
| ୨. | | | | | | | | | |
| ୩. | | | | | | | | | |
| ୪. | | | | | | | | | |
| ୫. | | | | | | | | | |
| **ସ୍ଥାୟୀ ସମ୍ପତ୍ତି** | | | | | | | | | |
| ୧. | | | | | | | | | |
| ୨. | | | | | | | | | |
| ୩. | | | | | | | | | |
| ୪. | | | | | | | | | |
| ୫. | | | | | | | | | |

# ଫାରମ–ଞ

(ନିୟମ ୩୧ (3) ଦ୍ରଷ୍ଟବ୍ୟ)

## ପାଉଣାବାବଦ ଦାବି ନୋଟିସ

ପ୍ରାପକ

ଶ୍ରୀ/ଶ୍ରୀମତୀ ------------------------------

ଆପଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିବଯାଉଅଛି କି ଆପଣ -------------------- ବର୍ଷପାଇଁ ----------------------- ପାଣି ପଞ୍ଚାୟତ ଅଧୀନରେ ଅବସ୍ଥିତ ------------- ନିର୍ଗମପଥର -------------- ଏକ୍ଷର କ୍ଷେତ୍ର ପାଇଁ ଜଳକର ପ୍ରଦାନ ଟ. ---------------------- ଏବଂ ବକେୟା ଦେୟ ବାବଦ ଟ. --------------------------- ର ଅର୍ଥପରିମାଣ ଏହି ନୋଟିସ ପଠାଯିବା ତାରିଖଠାରୁ ଏକମାସ ମଧ୍ୟରେ ଜମାହେବ ।

-----------------------

ସମ୍ପାଦକଙ୍କ ସ୍ୱାକ୍ଷର

# ଫାରମ–ଟ

(ନିୟମ ୩୦ (ix) ଦ୍ରଷ୍ଟବ୍ୟ)

## କେନାଲର ମରାମତି ଓ ରକ୍ଷଣବେକ୍ଷଣ ପାଇଁ ରେଜିଷ୍ଟର

ପାଣି ପଞ୍ଚାୟତର ନାମ ------------------------ ମାସ -----------------------------------------

କ୍ଷୁଦ୍ର (ମାଇନର)/କ୍ଷୁଦ୍ରତର (ସବ୍–ମାଇନର)

ଜଳସେଚନ ବ୍ୟବସ୍ଥାର ନାମ --------------- ବର୍ଷ -----------------------------------------

ଆର୍.ଡ଼ି.ଅଫ୍ଟେକିଙ୍ଗ (ଏମ୍)------------------------ ଋତୁ (ଖରିଫ/ଗ୍ରୀଷ୍ମକାଳୀନ)----------------------------

| ନିରୀକ୍ଷଣର ତାରିଖ | ନିରୀକ୍ଷଣ କରୁଥିବା ବ୍ୟକ୍ତିଙ୍କ ନାମ | କେନାଲ / ମାଟିକାମ / ସଂରଚନା ଇତ୍ୟାଦିରେ ଦରକାର ହେଉଥିବା ଚିହ୍ନିତ ମରାମତି କାର୍ଯ୍ୟ | | ମରାମତିର ପ୍ରକାର | ଅଟକଳ ହୋଇଥିବା ଖର୍ଚ୍ଚ | ଓଦସ୍ୟମାନଙ୍କ ଦ୍ୱାରା କରାଯାଇ ପାରିବ ରକ୍ଷଣାବେ୪ଣ କାର୍ଯ୍ୟ | ବାହ୍ୟ ସମର୍ଥନର ଆବଶ୍ୟକତା | ହାତକୁ ନିଆଯାଇଥିବା ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ | | | କ୍ଷମତାପନ୍ନ ପଦାଧିକାରୀଙ୍କ ମନ୍ତବ୍ୟ ଓ ସ୍ୱାକ୍ଷର |
|---|---|---|---|---|---|---|---|---|---|---|---|
| | | ଅବସ୍ଥିତି ଆର୍ (ଏମ୍) | ଊିବରଣୀ | | | | | ତାରିଖ | ଓଦସ୍ୟମାନଙ୍କ ଦ୍ୱାରା (ଟ.) ମାନବଦିବସ | ପାଣି ପଞ୍ଚାୟତ ଦ୍ୱାରା (ଟ.) | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| | | | | | | | | | | | |

# ଫାରମ–୦

### (ନିୟମ ୨୫ ଦ୍ରଷ୍ଟବ୍ୟ)

### ବଜେଟ

------------------------------------------ ବର୍ଷ ପାଇଁ ବାର୍ଷିକ ବଜେଟ୍

| ପ୍ରାପ୍ତି | ବ୍ୟୟ |
|---|---|
| (i) କେନ୍ଦ୍ର ସରକାରଙ୍କଠାରୁ ସହାୟତ ଅନୁଦାନ | (i) ପ୍ରକଳ୍ପ କମିଟିର ବିଦ୍ୟୁତ୍ ବିଲ୍ ପାଣି ବିଲ୍, କାର୍ଯ୍ୟାଳୟ ଖର୍ଚ୍ଚ ଓ ଅନିୟତ ବ୍ୟୟ ଇତ୍ୟାଦି ପାଇଁ ଅର୍ଥପ୍ରଦାନ । |
| (ii) ରାଜ୍ୟସରାକାରଙ୍କଠାରୁ ସହାୟକ ଅନୁଦାନ | (ii) ପାଣି ପଞ୍ଚାୟତର କାର୍ଯ୍ୟାଳୟ ଖର୍ଚ୍ଚ ଓ ଆକ୍ଷସ୍ମିକ ବ୍ୟୟ ପାଇଁ ଅର୍ଥ ପ୍ରଦାନ |
| (iii) ଅର୍ଥଯୋଗାଣ ଏଜେନ୍ସିଙ୍କଠାରୁ ସମ୍ବଳ | (iii) ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନ – |
| (iv) ଆସ୍ତି ଓ ସମ୍ପତ୍ତିରୁ ଆୟ | (କ) କରନାଳ/ମାଇନର/ସବ୍–ମାଇନର/ଜଳମାର୍ଗ/କ୍ଷେତ୍ର ପ୍ରଣାଳୀ/କ୍ଷେତ୍ର ଡ୍ରେନ୍‌ଗୁଡ଼ିକରୁ ପଟୁମାଟି ବାହାରକରି ପରିଷ୍କରଣ । |
| (v) କୃଷକ ସଙ୍ଗଠନରୁ ଅସୁଲ ଫିସ୍ | (ଖ) କେନାଲ ବନ୍ଧ ଓ କେନାଲ ଶଯ୍ୟାମାନଙ୍କରୁ ଅନାବନା ଘାସ,ଗୁଳ୍ମଲତା ଓ ବୁଦାଗୁଡ଼ିକୁ ଉପାଡ଼ି ପରିଷ୍କାର କରିବା ସମେତ ଅଗଛା ବଛେଇ । |
| (vi) ଏମ.ଏଲ.ଏ ଏଲ୍.ଏ.ଡ଼ି | (ଗ) କରନାଳ/ମାଇନର/ସବ୍–ମାଇନରଗୁଡ଼ିକର ଭାଙ୍ଗିଥିବା ବନ୍ଧକୁ ବନ୍ଧେଇବା |
| (vii) ଏମ୍.ପି. ଏଲ୍.ଏ.ଡ଼ି. | (ଘ) ସାଟର ଇତ୍ୟାଦିର ଗ୍ରିଜିଂ ଓ ପେଣ୍ଟିଂ କାମ |
| (viii) ବିବିଧ | (ଙ) ନିରିକ୍ଷଣ ପଥ ଓ ସର୍ଭିସ ରୋଡ଼ଗୁଡ଼ିକର ରକ୍ଷଣାବେକ୍ଷଣ |
| | (ଚ) ହେଡ଼–ରେଗୁଲେଟର, କ୍ରସ–ରେଗୁଲେଟର, ନିର୍ଗମପଥ ଓ ଫାଟକ ଇତ୍ୟାଦିର ରକ୍ଷଣାବେକ୍ଷଣ । |

| ପ୍ରାପ୍ତି | ବ୍ୟୟ |
|---|---|
| | (ଛ) ବନ୍ଧ ବନ୍ଧେଇବାପାଇଁ ମାଟି କାମ<br>(ଜ) କେନାଲ ବନ୍ଧରେ ମାଟିଚେକା ବିଛାଇବା; ରଙ୍ଗକରିବା, ପଲସ୍ତରା କରିବା ଓ ଯନ୍ତ୍ରାଂଶ ବଦଳାଇବା ଇତ୍ୟାଦି ।<br>(ଝ) ଆୟାକଟ ଇତ୍ୟାଦିର ଉନ୍ନତିବିଧାନ<br>(iv) ବିବିଧ |

ରାଜ୍ୟପାଳଙ୍କ ଆଦେଶକ୍ରମେ

ଆି. କେ. ପଟନାୟକ

କମିସନର–ତଥା–ଶାସନ ସଚିବ